ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୧/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, November 11/2025 | Page 12 | ₹ 7.00 | BALASORE
୫୧ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 345 | ମୂଲ୍ୟ ₹୭/-



**ଭାରତୀୟ ଦଳରେ ସୁନେଲିତା**

ଏଫ୍ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ଘୋଷିତ ଭାରତୀୟ ଦଳରେ ସୁନେଲିତା ଟପ୍ପୋଙ୍କ ସମେତ ଓଡ଼ିଶାର ୩ ଖେଳାଳି ସାମିଲ ହୋଇଛନ୍ତି।

୧୨

୦୨

**ଏକାଠି ଆସିବେ ସଲମାନ-ଅଭିଷେକ**


ଅଭିନେତା ସଲମାନ ଖାନ ଏବଂ ଅଭିଷେକ ବଚ୍ଚନ 'ରାଜା ଶିବାଜୀ' ଫିଲ୍ମରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି।



# ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ: ୮ ମୃତ

## ■ ୨୪ ଗୁରୁତର ■ ହାଇଆଲର୍ଟରେ ଦିଲ୍ଲୀ ■ ଆତଙ୍କବାଦୀ ଲିଙ୍କ୍ ନେଇ ଚାଲିଛି ଖୋଳତାଡ଼





ଦିଲ୍ଲୀର ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନ ନିକଟରେ ପାର୍କିଂ ହୋଇଥିବା ଏକ କାର୍‌ରେ ସୋମବାର ସନ୍ଧ୍ୟାରେ ସଂଘଟିତ ବିସ୍ଫୋରଣ ପରବର୍ତ୍ତୀ ଦୃଶ୍ୟ।

**ଦିଲ୍ଲୀର ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନ ନିକଟରେ ପାର୍କିଂ ହୋଇଥିବା ଏକ କାର୍‌ରେ ସୋମବାର ସନ୍ଧ୍ୟାରେ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ଅନ୍ୟୂନ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୨୪ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ପାଖରେ ଥିବା କେତେକ ଗାଡ଼ି ଜଳିଯିବା ସହ ଝରକା କାଚ ଭାଙ୍ଗିଯାଇଛି। ସହରକୁ ହାଇ ଆଲର୍ଟରେ ରଖାଯିବା ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ଥିତି ଅନୁଧ୍ୟାନ କରୁଛି। ଗତ ୪ ଦିନ ମଧ୍ୟରେ ଜମ୍ମୁ-କଶ୍ମୀର, ହରିୟାଣା ଏବଂ ଉତ୍ତରପ୍ରଦେଶରୁ ବିପୁଳ ପରିମାଣ ବିସ୍ଫୋରକ ଜବତ ହେବା ସହ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡ଼ିତ ଥିବା ୩ ଡାକ୍ତରଙ୍କ ସମେତ ୮ଜଣ ଗିରଫ ହୋଇଛନ୍ତି। ଏଥିରୁ କେତେକ ସ୍ଥାନରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟଣା ଘଟିବା ଆଶଙ୍କା ରହିଥିବାବେଳେ ଦେଶର ରାଜଧାନୀ ଦିଲ୍ଲୀରେ ଘଟିଛି ବଡ଼ ବିସ୍ଫୋରଣ। ଏହି ଘଟଣା ପଛରେ ଆତଙ୍କବାଦୀ ଲିଙ୍କ୍ ଥିବା ସନ୍ଦେହରେ ଖୋଳତାଡ଼ କରାଯାଉଛି। ଏନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଟିମ୍ ଘଟଣାସ୍ଥଳ ପହଞ୍ଚି ତଦନ୍ତ ଆରମ୍ଭ କରିଛି।**

**ନୂଆଦିଲ୍ଲୀ,୧୦।୧୧**


ଦିଲ୍ଲୀ ଅଗ୍ନିଶମ ବିଭାଗ ଅନୁଯାୟୀ, ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ସମ୍ପର୍କରେ ୬ଟା ୫୫ ମିନିଟ୍‌ରେ ଖବର ମିଳିଥିଲା। ଘଟଣାସ୍ଥଳରେ ୭ଟି ଫାୟାର ଟେଣ୍ଡର ପହଞ୍ଚିଥିଲେ। ଅଫିସରଙ୍କ କହିବା ଅନୁଯାୟୀ, ୫ ମୃତଦେହକୁ ଲୋକନାୟକ ହସ୍ପିଟାଲକୁ ନିଆଯାଇଛି। ସୂଚନା ଅନୁଯାୟୀ, ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନର ୧ ନମ୍ବର ଗେଟ୍ ନିକଟରେ ଥିବା କାର୍‌ରେ ବିସ୍ଫୋରଣ ହୋଇଥିଲା। ଫଳରେ ପାଖରେ ଥିବା ୩ରୁ ୪ଟି ଗାଡ଼ିରେ ନିଆଁ ଲାଗିଯିବା ସହ କ୍ଷତିଗ୍ରସ୍ତ ହୋଇଥିଲା। ଜଳୁଥିବା କାର୍‌ର ଘନ ଧୂମକୁଣ୍ଡଳୀ ଉଠୁଥିବା ଦେଖାଯାଇଛି। ବିସ୍ଫୋରଣ ଶବ୍ଦରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ବିସ୍ଫୋରଣ ପରେ ଏକାଧିକ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଆଖପାଖ ଦୋକାନ ଭାଙ୍ଗିଯିବା ସହ ସାମଗ୍ରୀଗୁଡ଼ିକ ବିକ୍ଷିପ୍ତ ହୋଇ ଏଣେତେଣେ ପଡ଼ିଥିଲା। ଘଟଣାସ୍ଥଳ ଆଖପାଖ ଅଞ୍ଚଳରେ କେତେଜଣ ମୃତକଙ୍କ ହାତ, ଗୋଡ଼, ଅନ୍ୟ ଅଂଶ ପଡ଼ି ରହିଥିଲା। ଘଟଣା ଏତେ ଭୟଙ୍କର ଥିବା ତାହାକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ସେ କହିଥିଲେ।

ସୂଚନାଥାଉ କି ଘଟଣାସ୍ଥଳ ହେଉଛି ଅତ୍ୟନ୍ତ ଜନଗହଳିପୂର୍ଣ୍ଣ। ସେଠାରେ ପ୍ରାୟତଃ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହାସହ ୧୧ଶହ ମିଟର ଦୂରରେ ରହିଛି ଜାମା ମସଜିଦ୍। ସେହିପରି କିଛି ମିଟର ଦୂରରେ ରହିଛି ଗୁରୁଦ୍ୱାରା ଶିଶ୍ ଗଞ୍ଜ ସାହିବ। ଏଭଳି ଭିଡ଼ ସ୍ଥାନରେ ବଡ଼ଧରଣର ବିସ୍ଫୋରଣ ଘଟିବା ଏକ ସୁଚିନ୍ତିତ ଆତଙ୍କବାଦୀ କାଣ୍ଡ ହୋଇଥାଇପାରେ ବୋଲି ଅନେକେ ସନ୍ଦେହ କରୁଛନ୍ତି। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦିଲ୍ଲୀ ପୋଲିସର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବାସହ ଘଟଣା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅବଗତ କରାଇଛନ୍ତି।

# ହ୍ୱାଇଟ୍ କଲାର ଆତଙ୍କବାଦ ମଡ୍ୟୁଲ୍‌ର ପର୍ଦ୍ଦାଫାଶ

## ■ ୨୯୦୦ କେ.ଜି. ବିସ୍ଫୋରକ ଜବତ ■ ୩ ଡାକ୍ତରଙ୍କ ସମେତ ୮ ଗିରଫ





ଗିରଫ ଡା. ମୁଜାମିଲ ଓ ଡା. ଅଦିଲ୍ ରଥର୍।



ଜବତ ମାରଣାସ୍ତ୍ର।

**ହ୍ୱାଇଟ୍ କଲାର ଟେରର ମଡ୍ୟୁଲ କ'ଣ**

ବ୍ୟବସାୟୀ ଓ ସରକାରୀ ପେସାରେ ଥିବା ବ୍ୟକ୍ତି ଆତଙ୍କବାଦୀ କାର୍ଯ୍ୟ ସହ ସମ୍ପୃକ୍ତ ହେଲେ ତାହାକୁ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ କୁହାଯାଇଥାଏ। ହ୍ୱାଇଟ୍ କଲାର ଅପରାଧ ସାଧାରଣତଃ ଆର୍ଥିକ ଫାଇଦା ପାଇଁ କରାଯାଇଥାଏ ଏବଂ ଏଥିରେ ଉଚ୍ଚ ଏବଂ ମଧ୍ୟବିତ୍ତ ବର୍ଗର ଲୋକେ ସାମିଲ ହୋଇଥାନ୍ତି। ଏଥିରେ ଶାରୀରିକ ଶକ୍ତି ପରିବର୍ତ୍ତେ ପେସାଦାରୀ ଓ କର୍ପୋରେଟ୍ ସେଟିଂକୁ ବ୍ୟବହାର କରାଯାଇଥାଏ।

**ଶ୍ରୀନଗର/ ଫରିଦାବାଦ, ୧୦।୧୧(ପି.ଟି.)**

ଜମ୍ମୁ-କଶ୍ମୀର, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଚାଲିଥିବା 'ହ୍ୱାଇଟ୍ କଲାର' ଆତଙ୍କବାଦ ମଡ୍ୟୁଲ୍‌ର ପର୍ଦ୍ଦାଫାଶ ହୋଇଛି। ସୁରକ୍ଷା ବଳ ଉପରୋକ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିବାବେଳେ ୨,୯୦୦ କିଲୋଗ୍ରାମ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଫଳରେ ବେଆଇନ ଘୋଷିତ ଜୈଶ-ଇ-ମହମ୍ମଦ(ଜେଇଏମ୍) ଏବଂ ଅନ୍‌ସର ଘଜୱାତ୍-ଉଲ୍-ହିନ୍ଦ୍ (ଏଜିୟୁଏଚ୍)ର ଏକ ବଡ଼ଧରଣର ଆକ୍ରମଣ ଯୋଜନାକୁ ସଫଳତାର ସହ ପଣ୍ଡ କରାଯାଇଛି। ଉକ୍ତ ଆତଙ୍କବାଦ ମଡ୍ୟୁଲ୍‌ରେ ଜେଇଏମ୍ ଏବଂଏଜିୟୁଏଚ୍ ସାମିଲ ଥିବା ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି।

କଶ୍ମୀରର ଡା. ମୁଜାମିଲ୍ ଗନିଙ୍କୁ ଫରିଦାବାଦରୁ ଗିରଫ କରାଯାଇଥିବାବେଳେ ଲକ୍ଷ୍ନୌର ମହିଳା ଡାକ୍ତର ଶାହିନଙ୍କୁ ଗିରଫ କରାଯାଇ ହାଜତ ଜେରା ପାଇଁ ଶ୍ରୀନଗର ନିଆଯାଇଛି। ମହିଳା ଡାକ୍ତରଙ୍କ କାର୍‌ରୁ ଗୋଟିଏ ଏକେ-୪୭ ରାଇଫଲ୍ ଜବତ ହୋଇଛି। ଜମ୍ମୁ-କଶ୍ମୀର, ଉତ୍ତରପ୍ରଦେଶ ଏବଂ ହରିୟାଣା ପୋଲିସ ସହ କେନ୍ଦ୍ରୀୟ ଏଜେନ୍ସିର ମିଳିତ ଅଭିଯାନକୁ ଏକ ବଡ଼ ସଫଳତା ମିଳିଛି। ଏଜିୟୁଏଚ୍ ହେଉଛି ଭାରତରେ ଆଇଏସ୍ ଆତଙ୍କବାଦୀ ସଂଗଠନର ଶାଖା। ଜବତ ବୋମା ତିଆରି ସାମଗ୍ରୀ ମଧ୍ୟରେ ଆମୋନିୟମ୍ ନାଇଟ୍ରେଟ୍, ପଟାସିୟମ୍ ନାଇଟ୍ରେଟ୍ ଏବଂ ସଲ୍‌ଫର ରହିଛି। ସେଥିରୁ ୩୬୦ କିଲୋଗ୍ରାମ ଦହନଶୀଳ ପଦାର୍ଥ, ଯାହାକୁ ଆମୋନିୟମ୍ ନାଇଟ୍ରେଟ୍ ବୋଲି ସନ୍ଦେହ କରାଯାଉଛି। ଗନିଙ୍କ ହାଇଦ୍ରାବାଦସ୍ଥିତ ଭଡ଼ାଘରୁ କେତେଗୁଡ଼ିଏ ଅସ୍ତ୍ର ଓ ଗୁଳିଗୋଳା ମିଳିଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି। ଜବତ ଅସ୍ତ୍ର ମଧ୍ୟରେ ଚାଇନା ନିର୍ମିତ ଷ୍ଟାର୍ ପିସ୍ତଲ, ବେରେଟ୍ଟା ପିସ୍ତଲ, ଏକେ-୫୬ ରାଇଫଲ, ଏକେ କ୍ରିନ୍‌କୋଭ୍ ରାଇଫଲ ସହ ସମସ୍ତ ଆଗ୍ନେୟାସ୍ତ୍ର ପାଇଁ ଆବଶ୍ୟକ ଗୁଳି ରହିଛି। ଏହା ବ୍ୟତୀତ ବିସ୍ଫୋରକ ସାମଗ୍ରୀ, ରାସାୟନିକ ପଦାର୍ଥ, ରିଏଜେଣ୍ଟ, ଦହନଶୀଳ ପଦାର୍ଥ, ଇଲେକ୍ଟ୍ରୋନିକ୍ ସର୍କିଟ, ବ୍ୟାଟେରି, ତାର, ରିମୋଟ କଣ୍ଟ୍ରୋଲ, ଟାଇମର ☞ପୃଷ୍ଠା-୪

# ୧୫ ଡିଗ୍ରୀ ତଳେ ଭୁବନେଶ୍ୱର ସମେତ ୧୩ ସହର

**ଶୀତ ଲହରି: ୬ ଜିଲାକୁ ୟେଲୋ ୱାର୍ନିଂ**

**ଭୁବନେଶ୍ୱର, ୧୦।୧୧ (ବନ୍ଦନା ସେଠୀ)**

ରାଜ୍ୟରେ ଏବେ ପାରଦ ତଳମୁହାଁ ରହିଛି। ଧୀରେ ଧୀରେ ଶୀତ ବଢ଼ିବା ସହ ଘନ କୁହୁଡ଼ି କାୟା ବିସ୍ତାର କରୁଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାଜ୍ୟରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବା ସହ ପ୍ରବଳ ଶୀତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ଟି ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡ଼ିଠାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଚଳିତବର୍ଷ ପ୍ରଥମଥର ପାଇଁ ସୋମବାର ଭୁବନେଶ୍ୱରରେ ରାତିର ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି। ସେହିପରି ଫୁଲବାଣୀରେ ୧୧ ଡିଗ୍ରୀ, ଝାରସୁଗୁଡାରେ ୧୧.୬ ଡିଗ୍ରୀ, ରାଉରକେଲାରେ ୧୨.୫ ଡିଗ୍ରୀ, ଅନୁଗୋଳରେ ୧୨.୬ ଡିଗ୍ରୀ, ଢେଙ୍କାନାଳରେ ୧୩.୫ ଡିଗ୍ରୀ, କେନ୍ଦୁଝରରେ ୧୩.୮ ଡିଗ୍ରୀ, ସୁନ୍ଦରଗଡ଼ ଓ ଭବାନୀପାଟଣାରେ ☞ପୃଷ୍ଠା-୪

# ଅଭିନେତା ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର



**ମୁମ୍ବାଇ,୧୦।୧୧**

ବଲିଉଡ୍‌ର ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କୁ ନିକଟରେ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲାବେଳେ ସୋମବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ନେଇ ଧର୍ମେନ୍ଦ୍ରଙ୍କ ପ୍ରଶଂସକ ମହଲରେ ଚିନ୍ତା ବଢ଼ିଯାଇଥିଲା। ତେବେ ଭେଣ୍ଟିଲେଟରରେ ରଖାଯିବା ଖବର ଏକ ଗୁଜବ ବୋଲି ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରୀ ଟିମ୍ କହିଛି। ୮୯ ବର୍ଷୀୟ ଅଭିନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଓ ସେ କ୍ରମେ ସୁସ୍ଥ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶ୍ରେଣୀ ବିପଦ**

# ଆଜି ନୂଆପଡ଼ା ଉପନିର୍ବାଚନ ଭୋଟ

**୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨,୫୪,୪୯୭ ଭୋଟର**

**ଭୁବନେଶ୍ୱର/ନୂଆପଡ଼ା, ୧୦।୧୧ (ସୁନିତ୍ ମିଶ୍ର/ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନ ପାଇଁ ମଙ୍ଗଳବାର ଭୋଟିଂ ହେବ। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ରାଜ୍ୟର ପ୍ରମୁଖ ୩ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସମେତ ମୋଟ୍ ୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣର ସମୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୁଇଟି ଏନ୍ଏସି ଏବଂ ୨ଟି ବ୍ଲକକୁ ନେଇ ଗଠିତ ଏହି ନୂଆପଡ଼ା ନିର୍ବାଚନମଣ୍ଡଳୀର ମୋଟ୍ ୨ ଲକ୍ଷ ୫୪ ହଜାର ୪୯୭ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଏଠାରେ ମୋଟ୍ ୩୫୮ଟି ବୁଥ୍ ରହିଥିବାବେଳେ ସେଥିରୁ ୧୦୧ଟି ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି ୧୦୧ ବୁଥ୍ ମଧ୍ୟରୁ





୪୭ଟି ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବାବେଳେ ୫୪ଟି ଆଇନଶୃଙ୍ଖଳା ପ୍ରଭାବିତ ଅଞ୍ଚଳ ବୋଲି କୁହାଯାଇଛି। ତେବେ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ☞ପୃଷ୍ଠା-୪

## ବିହାର : ଦ୍ୱିତୀୟ ପର୍ଯ୍ୟାୟ ମତଦାନ

ପାଟନା,୧୦।୧୧(ପି.ଟି.)

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୨୨ ଆସନ ପାଇଁ ୩.୭୦ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଉଭୟ ଶାସକ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ପାଇଁ ଏହି ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟିଂକୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ଦେଖାଯାଉଛି। ଏହି ପର୍ଯ୍ୟାୟରେ ୪୫,୩୯୯ ବୁଥ୍‌ରେ ମତଦାନ ହେବାକୁ ଥିବାବେଳେ ସେଥିରୁ ୪୦,୦୭୩ଟି ବୁଥ୍ ଗ୍ରାମାଞ୍ଚଳରେ ରହିଛି। ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଭୋଟ ହୋଇଥିବାବେଳେ ମତଦାନ ହାର ୬୫ ପ୍ରତିଶତରୁ ଅଧିକ ରହିଥିଲ। **(ଅଧିକ ରିପୋର୍ଟ: ପୃଷ୍ଠା-୨)**

# ସ୍ୱାମୀଙ୍କ ମୃତ୍ୟୁର ୨ଘଣ୍ଟା ପରେ ସନ୍ତାନ ଜନ୍ମ

**ନାକଟିଦେଉଳ, ୧୦।୧୧ (ବୈକୁଣ୍ଠନାଥ ସାହୁ)**

ବାଇକ୍ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁର ୨ଘଣ୍ଟା ପରେ କନ୍ୟା ସନ୍ତାନ ଜନ୍ମଦେଲେ ସ୍ତ୍ରୀ। ଏପଟେ ଜନ୍ମର କେଇ ଘଣ୍ଟା ପୂର୍ବରୁ ବାପଛେଉଣ୍ଡ ହୋଇଗଲା ଶିଶୁ। ଆସନ୍ନ ପ୍ରସବା ସ୍ତ୍ରୀଙ୍କୁ ଦେଖି ଫେରିବା ବେଳେ ଘଟିଥିଲା ଦୁର୍ଘଟଣା। ଏହିପରି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରେ।

ନାକଟିଦେଉଳ ବ୍ଲକ ସାହେବୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝାରବେଡ଼ା ଗ୍ରାମର ଧରଣୀଧର ଦେହୁରୀଙ୍କ ଝିଅ ସଙ୍ଗୀତା ଦେହୁରୀ(୨୬)ଙ୍କର ୨୦୨୫ ଜାନୁୟାରୀରେ ରେଢ଼ାଖୋଲ ବ୍ଲକ



ମା'କୋଳରେ ସଦ୍ୟଜାତ ଶିଶୁକନ୍ୟା।

ଚାରମାଳ ଥାନା ଅନ୍ତର୍ଗତ ପିପିଲିକାନୀ ଗ୍ରାମର ମନୋଜ ମାଝୀ(୩୦)ଙ୍କ ସହିତ ବିବାହ ହୋଇଥିଲା। ସଙ୍ଗୀତା ଗର୍ଭବତୀ ହେବା ପରେ ଗତ ପ୍ରାୟ ୩ ମାସ ହେଲା ନିଜ ବାପଘର ଝାରବେଡ଼ା ଗ୍ରାମରେ ରହୁଥିଲେ। ଗତ ୭ ତାରିଖ ରାତିରେ ଗର୍ଭଯନ୍ତ୍ରଣା ହେବାରୁ ପରିବାର ଲୋକେ ସଙ୍ଗୀତାଙ୍କୁ ନାକଟିଦେଉଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ସ୍ୱାମୀ ମନୋଜ ଏବଂ ଶାଶୁ ମଞ୍ଜୁ ଶନିବାର ଅପରାହ୍ନରେ ନାକଟିଦେଉଳ ଡାକ୍ତରଖାନା ଆସିଥିଲେ। ଏପରିକି ସ୍ୱାମୀ, ଶାଶୁ ଡାକ୍ତରଖାନାରେ ସଙ୍ଗୀତାଙ୍କ ପାଖରେ ରହିଥିଲେ। ରବିବାର ସନ୍ଧ୍ୟାରେ ମା'ପୁଅ ଅର୍ଥାତ୍ ମଞ୍ଜୁ ଓ ☞ପୃଷ୍ଠା-୪

## ସଂକ୍ଷେପରେ

### ଛାତ ଭୁଶୁଡ଼ି ପରିବାରର ୫ ମୃତ

ସରନ,୧୦।୧୧

ବିହାରର ସରନ ଜିଲାରେ ଏକ ଘରର ଛାତ ଭୁଶୁଡ଼ି ଗୋଟିଏ ପରିବାରର ୩ ପିଲାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ରାତି ୯ଟା ୪୫ ମିନିଟ୍ ସମୟରେ ଅକିଲପୁର ଥାନା ଅନ୍ତର୍ଗତ ମାନସ ଗ୍ରାମରେ ଛାତ ଭୁଶୁଡ଼ିବା ବେଳେ ପରିବାର ସଦସ୍ୟ ଘରେ ଶୋଇଥିଲେ ବୋଲି ପୋଲିସ କହିଛି। ପୋଲିସ ଟିମ୍ ପହଞ୍ଚି ମୃତଦେହଗୁଡ଼ିକୁ ଭଗ୍ନାବଶେଷ ତଳୁ ବାହାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଘରଟି ୩୦ ବର୍ଷର ପୁରୁଣା ହୋଇଥିବାବେଳେ ଦୟନୀୟ ସ୍ଥିତିରେ ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ମାଲିରେ ୫ ଭାରତୀୟଙ୍କୁ ଅପହରଣ

ବମାକୋ,୧୦।୧୧(ପି.ଟି.)

ମାଲିରେ ଗତ ସପ୍ତାହରୁ ୫ ଜଣ ଭାରତୀୟଙ୍କୁ ଅପହରଣ କରିନିଆଯାଇଥିବା ସେଠାର ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ଗତ ୬ ତାରିଖରେ ଏହି ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ରରୁ ଭାରତୀୟଙ୍କୁ ଅପହରଣ କରିନିଆଯାଇଥିଲା। ସେମାନଙ୍କୁ ଯଥାଶୀଘ୍ର ସୁରକ୍ଷିତ ମୁକ୍ତ କରିବା ଲାଗି ଦୂତାବାସ ପକ୍ଷରୁ ମାଲି କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ କମ୍ପାନୀ ସହ ଯୋଗାଯୋଗ ଜାରି ରହିଥିବା ମିଶନ ପକ୍ଷରୁ କୁହାଯାଇଛି।

### ୟୁଏସ୍, ଜର୍ଜିଆରେ ଭାରତର ୨ ମୋଷ୍ଟୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଗିରଫ

ନୂଆଦିଲ୍ଲୀ,୧୦।୧୧

ଭାରତର ୨ ଜଣ ମୋଷ୍ଟୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟରଙ୍କୁ ଆମେରିକା ଏବଂ ଜର୍ଜିଆରେ ଗିରଫ କରାଯାଇଛି। ସେମାନେ ହେଲେ ଭେଙ୍କଟେଶ ଗର୍ଗ ଏବଂ ଭାନୁ ରାଣା। ହରିୟାଣା ପୋଲିସ ଓ ଅନ୍ୟ ସୁରକ୍ଷା ଅଧିକାରୀମାନେ ଗର୍ଗଙ୍କୁ ଜର୍ଜିଆରୁ ଏବଂ ରାଣାଙ୍କୁ ଆମେରିକାରୁ ଗିରଫ କରିଛନ୍ତି। ରାଣା ଦୁର୍ଦ୍ଧର୍ଷ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସହ ସମ୍ପୃକ୍ତ। ଉଭୟ ଗ୍ୟାଙ୍ଗଷ୍ଟରଙ୍କୁ ଖୁବ୍‌ଶୀଘ୍ର ଭାରତ ଅଣାଯିବ। ଭାରତରୁ ୧୨ରୁ ଊର୍ଦ୍ଧ୍ୱ ଗ୍ୟାଙ୍ଗଷ୍ଟର ବିଦେଶରେ ରହି ଅପରାଧ ସିଣ୍ଡିକେଟ୍ ଚଳାଉଛନ୍ତି।

## ଦିଲ୍ଲୀରେ ଆଜି



ଭାଜପା ଦ୍ୱାରା 'ଭୋଟ ଚୋରି' ନେଇ କର୍ନାଟକ ଜନସାଧାରଣଙ୍କଠାରୁ କଂଗ୍ରେସ ସଂଗ୍ରହ କରିଥିବା ଦସ୍ତଖତଗୁଡ଼ିକୁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ସୋମବାର ନୂଆଦିଲ୍ଲୀର କଂଗ୍ରେସ ମୁଖ୍ୟାଳୟଠାରେ ଦେଖାଉଛନ୍ତି। (ଫଟୋ: ଚମନ ଗୌତମ)

### କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରିତା**

ନୂଆଦିଲ୍ଲୀ,୧୦।୧୧(ପି.ଟି.)

ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷିତ ରଖିବା ପାଇଁ ୨୦୨୩ରେ ନାରୀ ଶକ୍ତି ବନ୍ଦନ ଆଇନ୍ ଅଣାଯାଇଥିଲା। ଏହାର କାର୍ଯ୍ୟକାରିତା ନେଇ ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଦେଶରେ ସର୍ବାଧିକ ସଂଖ୍ୟାଲଘୁ ମହିଳା ହୋଇଥିବା ଅନୁଭବ କରି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କେନ୍ଦ୍ରକୁ ନୋଟିସ ଜାରି କରିଛନ୍ତି। ଭାରତୀୟ ସମ୍ବିଧାନର ପ୍ରସ୍ତାବନା ଅନୁଯାୟୀ ସମସ୍ତ ନାଗରିକଙ୍କର ସମାନ ରାଜନୈତିକ ଓ ସାମାଜିକ ଅଧିକାର ରହିଛି। ଦେଶରେ ପ୍ରାୟ ୪୮ ପ୍ରତିଶତ ମହିଳା ଥିବାବେଳେ ସେମାନଙ୍କ ରାଜନୈତିକ ସମାନତା ସମ୍ପର୍କରେ ଜଷ୍ଟିସ୍ ନାଗରତ୍ନା ପ୍ରଶ୍ନ କରିଛନ୍ତି। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ୍ୟ ପ୍ରତିନିଧିତ୍ୱ ପାଇଁ ମହିଳାମାନଙ୍କୁ କୋର୍ଟ ଯିବାକୁ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ବରିଷ୍ଠ ଆଇନଜୀବୀ ଶୋଭା ଗୁପ୍ତା କହିଛନ୍ତି।

### ଏସ୍‌ଆଇଆର୍ ଭୟ: ପଶ୍ଚିମବଙ୍ଗରେ ୯ ଜଣଙ୍କ ମୃତ୍ୟୁ ଘଟିଲାଣି

କୋଲକାତା,୧୦।୧୧

ପଶ୍ଚିମବଙ୍ଗରେ ଭୋଟର ତାଲିକାର ବିବାଦୀୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ନେଇ ନିର୍ବାଚନ କମିଶନ ଗତ ମାସରେ ଘୋଷଣା କରିଥିଲେ। ଭୋଟର ତାଲିକାରୁ ବାଦ୍ ପଡ଼ିବା ଭୟରେ ବିଚଳିତ ହୋଇ ବର୍ତ୍ତମାନ ସୁଦ୍ଧା ସେଠାରେ ୬ ଜଣ ଆତ୍ମହତ୍ୟା କରିବା ସମେତ ମୋଟ ୯ ଜଣଙ୍କ ମୃତ୍ୟୁ ଘଟିଲାଣି। ସୋମବାର ନଦିଆ ଜିଲାରେ ଶ୍ୟାମଳ କୁମାର ଶାହା ନାମକ ଜଣେ ୭୦ ବର୍ଷୀୟ ହକରଙ୍କ ମୃତ୍ୟୁ ଘଟିଛି। ୨୦୦୨ ଭୋଟର ତାଲିକାରୁ ତାଙ୍କ ନାଁ କାଟିଦିଆଯାଇଥିବା ଜାଣି ସେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପାଖରେ ଭୋଟର ପରିଚୟପତ୍ର, ଆଧାର, ପାନ୍‌କାର୍ଡ ଆଦି ବୈଧ ଦସ୍ତାବିଜ୍ ଥିଲେ ମଧ୍ୟ ଭୋଟର ତାଲିକାରୁ ନାଁ କଟିବା ନେଇ ସେ ବିଚଳିତ ହୋଇଯାଇଥିଲେ। ରବିବାର ଜଣେ ୨୭ ବର୍ଷୀୟ ମହିଳା ଓ ତାଙ୍କ ନାବାଳିକା ଝିଅ ଏସ୍‌ଆଇଆର୍ ଭୟରେ ଆତ୍ମହତ୍ୟା ଉଦ୍ୟମ କରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ୧୨୨ ଆସନରେ ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

**ଆଜି ବିହାର ଭୋଟ**

ପାଟନା,୧୦।୧୧(ପି.ଟି.)

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୨୨ ଆସନ ପାଇଁ ୩.୭୦ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଉଭୟ ଶାସକ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ପାଇଁ ଏହି ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟିଂକୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ଦେଖାଯାଉଛି। ମଙ୍ଗଳବାର ନେପାଳ ସୀମାବର୍ତ୍ତୀ ପଶ୍ଚିମ ଚମ୍ପାରନ୍, ପୂର୍ବ ଚମ୍ପାରନ୍, ସୀତାମାଢ଼ି, ମଧୁବନି, ସୁପୌଲ, ଅରାରିଆ ଏବଂ କିଶନଗଞ୍ଜ ଜିଲାରେ ମତଦାନ ହେବାକୁ ଯାଉଛି। ଏହି ଜିଲାଗୁଡ଼ିକ ମୁସଲମାନ ବହୁଳ ହୋଇଥିବାରୁ ଜୋର୍‌ଦାର ଲଢ଼େଇ ହେବାକୁ ଯାଉଛି। ଇଣ୍ଡିଆ ବ୍ଲକ୍ ସଂଖ୍ୟାଲଘୁ ସମ୍ପ୍ରଦାୟର ସମର୍ଥନ ଉପରେ ନିର୍ଭର କରୁଥିବାବେଳେ ବିରୋଧୀ ଦଳ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେଉଥିବା ଏନ୍‌ଡିଏ ଅଭିଯୋଗ କରିଛି। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ସମଗ୍ର ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ନିର୍ବାଚନ ଡ୍ୟୁଟିରେ ୪ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରମୁଖ ପ୍ରାର୍ଥୀ ଅଛନ୍ତି ବରିଷ୍ଠ ଜେଡିୟୁ ନେତା ବିଜେନ୍ଦ୍ର ପ୍ରସାଦ ଯାଦବ। ସେ ସୁପାଉଲ୍ ଆସନରୁ ରେକର୍ଡ ଅଷ୍ଟମ ଥର ପାଇଁ ବିଧାନସଭାକୁ ଯିବା ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଗୟା ସହରରୁ ବିହାର ମନ୍ତ୍ରୀ ତଥା ଭାଜପାର ପ୍ରେମ କୁମାର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ ଏହି ଆସନରୁ ୭ ଥର ବିଜୟୀ ହୋଇଛନ୍ତି। ପ୍ରାର୍ଥୀ ହୋଇଥିବା ଅନ୍ୟ ମନ୍ତ୍ରୀମାନେ ହେଲେ ଭାଜପାର ରେଣୁ ଦେବୀ (ବେତିଆହ), ନୀରଜ କୁମାର ସିଂ (ଛଟପୁର), ଜେଡିୟୁର ଲେଶି ସିଂ (ଧାମଦାହା), ଶୀଲା ମଣ୍ଡଳ(ଫୁଲପରାସ) ଏବଂ ଜାମା ଖାନ୍ (ଚୈନପୁର)। ଏହା ବ୍ୟତୀତ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ତାରକିଶୋର ପ୍ରସାଦ କଟିହାର ଆସନରୁ କ୍ରମାଗତ ୫ମ ଥର ପାଇଁ ଲଢ଼ୁଛନ୍ତି। ଉକ୍ତ ଜିଲାର ବଲରାମପୁର ଏବଂ କଡୱା ଆସନରୁ ଯଥାକ୍ରମେ ସିପିଆଇ(ଏମ୍‌ଏଲ୍) ଲିବରେଶନ ଏବଂ କଂଗ୍ରେସର ବିଧାୟକ ଦଳ ନେତା ମେହବୁବ୍ ଆଲାମ ଏବଂ ଶକିଲ ଅହମଦ ଖାନ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏନ୍‌ଡିଏ ସହଯୋଗୀ ତଥା କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ତାନ ଆୱାମି ମୋର୍ଚ୍ଚା, ରାଜ୍ୟ ସଭା ସଦସ୍ୟ ଉପେନ୍ଦ୍ର ଖୁଶ୍‌ୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୬ଟି ଲେଖାଏ ଆସନରେ ଲଢ଼ୁଥିବାବେଳେ ଏହି ପର୍ଯ୍ୟାୟ ସେମାନଙ୍କ ପାଇଁ ଶକ୍ତି ପରୀକ୍ଷା ଭାବେ ଦେଖାଯାଉଛି। କଂଗ୍ରେସ ରାଜ୍ୟ ସଭାପତି ରାଜେଶ କୁମାର କୁଟୁମ୍ବା ଆସନକୁ କ୍ରମାଗତ ଦ୍ୱିତୀୟ ଥର ହାତେଇବା ପାଇଁ ଲଢ଼ୁଛନ୍ତି। ୪୫,୩୯୯ ବୁଥ୍‌ରେ ମତଦାନ ହେବାକୁ ଥିବାବେଳେ ସେଥିରୁ ୪୦,୦୭୩ଟି ବୁଥ୍ ଗ୍ରାମାଞ୍ଚଳରେ ରହିଛି। ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଭୋଟ ହୋଇଥିବାବେଳେ ମତଦାନ ହାର ୬୫ ପ୍ରତିଶତରୁ ଅଧିକ ରହିଥିଲା।



ବିହାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଜାହାନାବାଦ୍‌ରେ ପୋଲିଂ ଅଫିସରମାନେ ଇଭିଏମ୍ ଓ ଅନ୍ୟ ସାମଗ୍ରୀ ନେଇ ଯାଉଛନ୍ତି।

## ବିବିସି ଡିଜି, ନ୍ୟୁଜ୍ ସିଇଓଙ୍କ ଇସ୍ତଫା

ଲଣ୍ଡନ,୧୦।୧୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଭାଷଣକୁ ଏଡିଟିଂ କରିବାକୁ ନେଇ ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେଶନ (ବିବିସି) ସମାଲୋଚିତ ହୋଇଥିଲା। ଏହାକୁ ନେଇ ବିବିସିର ମହାନିର୍ଦ୍ଦେଶକ (ଡିଜି) ଏବଂ ନ୍ୟୁଜ୍ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ରବିବାର ଇସ୍ତଫା ଦେଇଛନ୍ତି। ଫଳରେ ଉକ୍ତ ବ୍ରଡ୍‌କାଷ୍ଟର ନେତୃତ୍ୱ ସଙ୍କଟର ସମ୍ମୁଖୀନ ହେବା ସହ ରାଜନୈତିକ ଚାପ ବଢ଼ିଛି।



ଟିମ୍ ଡାଭି

୨୦୨୧ ଜାନୁଆରୀ ୬ରେ ୱାଶିଂଟନ୍‌ର କ୍ୟାପିଟୋଲରେ ବିକ୍ଷୋଭକାରୀ ଆକ୍ରମଣ କରିବା ପୂର୍ବରୁ ଟ୍ରମ୍ପ ଦେଇଥିବା ଉଦ୍‌ବୋଧନକୁ ଏଡିଟିଂ କରିଥିବାରୁ ବ୍ରିଟେନର ଏହି ଜାତୀୟ ଗଣମାଧ୍ୟମ ସମାଲୋଚିତ ହୋଇଥିଲା। ବିବିସି ଡିଜି ଟିମ୍ ଡାଭି ଏବଂ ନ୍ୟୁଜ୍ ସିଇଓ ଦେବୋରା ଟୁର୍ନେସ୍ ଇସ୍ତଫା ଦେଇଛନ୍ତି। ଏକ ବିବିସି ଡକ୍ୟୁମେଣ୍ଟାରି ପ୍ରସ୍ତୁତି ଲାଗି ଗତବର୍ଷ ଟ୍ରମ୍ପଙ୍କ ଭାଷଣକୁ ଯେଭଳି ଏଡିଟି କରାଯାଇଥିଲା ଓ କେତେକ ଅଂଶକୁ କାଟିଦିଆଯାଇଥିଲା, ତାହା ବିଭ୍ରାନ୍ତିକର। ସମର୍ଥକମାନଙ୍କୁ ଟ୍ରମ୍ପ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚାହାନ୍ତି ବୋଲି କହିଥିବାବେଳେ ଉକ୍ତ ଅଂଶକୁ ବାଦ୍ ଦିଆଯାଇଥିଲା।

## ତିରୁପତି ମନ୍ଦିରକୁ ୨୫୦ କୋଟିର ନକଲି ଘିଅ ଯୋଗାଣ

ନୂଆଦିଲ୍ଲୀ,୧୦।୧୧

ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର ପରିଚାଳନା ସଂସ୍ଥା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)କୁ ଉତ୍ତରାଖଣ୍ଡର ଏକ ଡାଏରି ଫାର୍ମ ୨୦୧୯ରୁ ୨୦୨୪ ମଧ୍ୟରେ ୬୮ ଲକ୍ଷ କେ.ଜି. ନକଲି ଘିଅ ଯୋଗାଇଥିବା ଜଣାପଡ଼ିଛି, ଯାହାର ମୂଲ୍ୟ ୨୫୦ କୋଟି ଟଙ୍କା। ତିରୁପତି ଲଡୁ ତିଆରି ପାଇଁ ଅଣାଯାଇଥିବା ଏହି ଘିଅ ଭେଜାଲ ବୋଲି ସିବିଆଇ ତଦନ୍ତରୁ ଜଣାପଡ଼ିଛି। ସିବିଆଇର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଅଭିଯୁକ୍ତ ଅଜୟ କୁମାର ସୁଗନ୍ଧଙ୍କୁ ଗିରଫ କରିବା ପରେ ଘିଅ ଭେଜାଲ ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ କରି ନେଲୋର କୋର୍ଟରେ ରିପୋର୍ଟ ଦାଖଲ କରିଛି। ଟିଟିଡିକୁ ଲଡୁ ପ୍ରସାଦମ୍ ପ୍ରସ୍ତୁତି ପାଇଁ ଘିଅ ଯୋଗାଉଥିବା ଭୋଲେବାବା ଅର୍ଗାନିକ ଡାଏରିକୁ ଅଜୟ ମନୋଡାଇଗ୍ଲିସେରାଇଡ୍ ଏବଂ ଏସିଟିକ୍ ଏସିଡ୍ ଇଷ୍ଟର ଭଳି ରାସାୟନିକ ଯୋଗାଉଥିଲେ। ସିବିଆଇ କହିବା ଅନୁଯାୟୀ ପୋମିଲ୍ ଜୈନ ଏବଂ ବିପିନ ଜୈନ ଏହି ନକଲି ଦେଶୀ ଘିଅ କାରଖାନା ବସାଇଥିଲେ। ସେମାନେ ଦୁଗ୍ଧ କିଣା ଓ ଚାଷୀଙ୍କୁ ଅର୍ଥ ପ୍ରଦାନ ସମ୍ପର୍କିତ ଜାଲ୍ ପେମେଣ୍ଟ ରେକର୍ଡ ରଖୁଥିଲେ। ୨୦୨୨ରେ ଉକ୍ତ କମ୍ପାନୀକୁ କଳାତାଲିକାଭୁକ୍ତ କରାଯିବା ସହ ରଦ୍ଦ କରାଯାଇଥିଲା।



## ଫୁର୍‌ସତ୍

## ୫ ମନ୍ଦିରକୁ ଗଲେ ପୁତ୍ର ସନ୍ତାନ ପ୍ରାପ୍ତି ବିଶ୍ୱାସ ରହିଛି

**ଦେଶରେ** ଲକ୍ଷ ଲକ୍ଷ ମନ୍ଦିର ଅଛି। କିଛି ମନ୍ଦିର ଅନନ୍ୟ ବିଶ୍ୱାସ ଏବଂ ଚମତ୍କାର ପାଇଁ ଲୋକପ୍ରିୟ। କିଛି ମନ୍ଦିର ପାପରୁ ମୁକ୍ତି ପାଇଁ, କିଛି ଇଚ୍ଛା ପୂରଣ ପାଇଁ, କିଛି ଋଣରୁ ମୁକ୍ତି ପାଇଁ ଏବଂ କିଛି ସନ୍ତାନର ଆଶୀର୍ବାଦ ପାଇଁ ପ୍ରସିଦ୍ଧ।

ଶ୍ରୀ ସନ୍ଥନା ଗୋପାଳ କୃଷ୍ଣସ୍ୱାମୀ ମନ୍ଦିର (ମହୀଶୂର), ହାଲାଭୁ ମଲ୍ଲାତୟେ ମନ୍ଦିର (କର୍ନାଟକ), କୁକ୍କେ ସୁବ୍ରମଣ୍ୟ ମନ୍ଦିର, ବିନ୍ଧ୍ୟବାସିନୀ ଦେବୀ ମନ୍ଦିର (ବିନ୍ଧ୍ୟାଚଳ, ଉତ୍ତର ପ୍ରଦେଶ), ସୀମାସା ମାତା ମନ୍ଦିର ଏବଂ ସନ୍ତନେଶ୍ୱର ମହାଦେବ ମନ୍ଦିର (କାଶୀ) ପରି ମନ୍ଦିରଗୁଡ଼ିକ ସେମାନଙ୍କର ପୁତ୍ର ଏବଂ ସନ୍ତାନ ଜନ୍ମ ପାଇଁ ବହୁତ ପ୍ରସିଦ୍ଧ। ଏହି ମନ୍ଦିରଗୁଡ଼ିକରେ ଭଗବାନ କୃଷ୍ଣ, ଦେବୀ କିମ୍ବା ଭଗବାନ ଶିବଙ୍କୁ ପୂଜା କରିବା ଦ୍ୱାରା ସନ୍ତାନର ଆଶୀର୍ବାଦ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। କର୍ନାଟକରେ ଅବସ୍ଥିତ, କୁକ୍କେ ସୁବ୍ରମଣିୟ ମନ୍ଦିରକୁ ସନ୍ତାନ ଜନ୍ମ ଏବଂ ନକାରାତ୍ମକ ଶକ୍ତିରୁ ମୁକ୍ତି ପାଇଁ ଏକ ପ୍ରମୁଖ ତୀର୍ଥସ୍ଥଳ ଭାବରେ ବିବେଚନା କରାଯାଏ। ଭଗବାନ ସୁବ୍ରମଣିୟ (କାର୍ତ୍ତିକେୟ)ଙ୍କୁ ସମସ୍ତ ସର୍ପର ପ୍ରଭୁ ଭାବରେ ପୂଜା କରାଯାଏ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରରେ ପୂଜା କରିବା ଦ୍ୱାରା ସେମାନଙ୍କର ପୁତ୍ର ପାଇଁ ଇଚ୍ଛା ପୂରଣ ହୁଏ।



### ସିମସା ମାତା ମନ୍ଦିର

ହିମାଚଳ ପ୍ରଦେଶର ମଣ୍ଡି ଜିଲ୍ଲାରେ ଅବସ୍ଥିତ, ସିମସା ମାତା ମନ୍ଦିର ଲାଡଭାରୋଲ ନିକଟରେ ଏକ ସୁନ୍ଦର ପାହାଡ଼ ଉପରେ ଅବସ୍ଥିତ। କିମ୍ବଦନ୍ତୀ ଅନୁସାରେ ଏହି ମନ୍ଦିର ପ୍ରାୟ ୨୦୦ ବର୍ଷ ପୂର୍ବେ ମହାଶିବରାତ୍ରିରେ ଭୂମି ଖୋଳିବା ସମୟରେ ଟୋଭା ସିଂହ ନାମକ ଜଣେ ବ୍ୟକ୍ତି ଦେବୀଙ୍କ ପିଣ୍ଡି ଆବିଷ୍କାର କରିଥିଲେ। ଏଠାରେ ପୂଜା କରିବା ଦ୍ୱାରା ଦେବୀ ସ୍ୱପ୍ନରେ ଦର୍ଶନ ଦିଅନ୍ତି ଏବଂ ସନ୍ତାନ ପାଇଁ ଆଶୀର୍ବାଦ କରିଥାନ୍ତି ବୋଲି କୁହାଯାଏ।

### ସନ୍ତନେଶ୍ୱର ମହାଦେବ ମନ୍ଦିର

ବାରଣାସୀରେ ଅବସ୍ଥିତ ଏହି ମନ୍ଦିର ନିଃସନ୍ତାନ ଦମ୍ପତିଙ୍କ ପାଇଁ ଏକ ତୀର୍ଥସ୍ଥଳ ଭାବରେ ବିବେଚନା କରାଯାଏ, ଯେଉଁମାନେ ସନ୍ତାନର ଆଶୀର୍ବାଦ ପାଇଁ ଭଗବାନ ଶିବଙ୍କୁ ପ୍ରାର୍ଥନା ଏବଂ ପୂଜା କରନ୍ତି।

### ଶ୍ରୀ ସନ୍ଥନା ଗୋପାଳ କୃଷ୍ଣସ୍ୱାମୀ ମନ୍ଦିର

ମହୀଶୂରର ଶ୍ରୀସନ୍ଥନା ଗୋପାଳ କୃଷ୍ଣସ୍ୱାମୀ ମନ୍ଦିର ଭଗବାନ ଶ୍ରୀକୃଷ୍ଣଙ୍କ ଶିଶୁ ରୂପକୁ ସମର୍ପିତ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରରେ ପୂଜା କରିବା ଦ୍ୱାରା ସନ୍ତାନ ଜନ୍ମ ସହିତ ଜଡିତ ବାଧା ଦୂର ହୁଏ ଏବଂ ନିଃସନ୍ତାନମାନଙ୍କୁ ଶୀଘ୍ର ସନ୍ତାନ ପାଇବାରେ ସାହାଯ୍ୟ କରେ।

### ବିନ୍ଧ୍ୟବାସିନୀ ଦେବୀ ମନ୍ଦିର

ବିନ୍ଧ୍ୟାଚଳରେ ଅବସ୍ଥିତ ବିନ୍ଧ୍ୟବାସିନୀ ଦେବୀ ମନ୍ଦିରରେ ଲୋକମାନେ ପୁତ୍ର ପାଇଁ ପ୍ରାର୍ଥନା କରନ୍ତି ଏବଂ ସେମାନଙ୍କର ଇଚ୍ଛା ପୂରଣ ହୋଇଥାଏ ବୋଲି କୁହାଯାଏ।

## ଏକାଠି ଆସିବେ ସଲମାନ-ଅଭିଷେକ

**ମୁମ୍ବାଇ:** ଅଭିନେତା ସଲମାନ ଖାନ ଏବଂ ଅଭିଷେକ ବଚ୍ଚନ ଗୋଟିଏ ଫିଲ୍ମରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ଏହା ଅନେକ ପ୍ରଶଂସକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଖବର ହୋଇପାରେ, କିନ୍ତୁ ଏହା ସତ। ଆସନ୍ତା ବର୍ଷ ଏହି ଫିଲ୍ମ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଛି। ରିତେଶ ଦେଶମୁଖ ତାଙ୍କ ଫିଲ୍ମର ନାଁ ଘୋଷଣା କରିଛନ୍ତି, ଯାହାର ନାମ ରାଜା ଶିବାଜୀ। ସେ ମୁଖ୍ୟ ଅଭିନେତା ଭାବରେ ଅଭିନୟ କରିବା ସହିତ ଏହି ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେବେ। ଅଭିନେତା ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ସଲମାନ ତାଙ୍କ ଅଙ୍ଗରକ୍ଷୀ ଭୂମିକାରେ ଅଭିନୟ କରିବେ। ସେ ଜୀବଜୀଙ୍କ ଭୂମିକାରେ ଅଭିନୟ କରୁଛନ୍ତି, କିନ୍ତୁ ଫିଲ୍ମଟିର କାହାଣୀ ବହୁତ ବଡ଼।

'ରାଜା ଶିବାଜୀ'ରେ ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ଭାଗ୍ୟଶ୍ରୀ ଏବଂ ଫରଦୀନ ଖାନ ମଧ୍ୟ ତାଙ୍କ ଦଳର ଅଂଶ। ସଞ୍ଜୟ ଦତ୍ତ ଫିଲ୍ମରେ ଅଫଜଲ ଖାନ ଭୂମିକାରେ ଅଭିନୟ କରୁଛନ୍ତି, ତେଣୁ ଜୀବା ମହଲା (ସଲମାନ) ତାଙ୍କ ସହିତ ସିଧାସଳଖ ମୁହାଁମୁହିଁ ହେବେ। ସେ ଛତ୍ରପତି ଶିବାଜୀ ମହାରାଜଙ୍କ ଜଣେ ବିଶ୍ୱସ୍ତ ସହାୟକ ଥିଲେ, ଯିଏ ଅଫଜଲ ଖାନଙ୍କ ସାମ୍ନା କରିବା ସମୟରେ ତାଙ୍କ ଜୀବନ ମଧ୍ୟ ରକ୍ଷା କରିଥିଲେ। ଅଭିଷେକ ମଧ୍ୟ ଫିଲ୍ମରେ ଅଛନ୍ତି।



ସଲମାନ ଖାନ

ଅଭିଷେକ ବଚ୍ଚନ




# ସ୍କୁଲ ସମସ୍ୟା ଜିଲାପାଳଙ୍କୁ ଜଣାଇବାକୁ ୬ କି.ମି. ଚାଲିଲେ ଛାତ୍ରୀଛାତ୍ର

## ପାଠପଢ଼ାକୁ ନେଇ ବଢୁଛି ଅସନ୍ତୋଷ

କୋରାପୁଟ,୧୦।୧୧(ଅମିତାଭ ବେହେରା)

କୋରାପୁଟ ପିଏମ୍‌ଶ୍ରୀ ନବୋଦୟ ଜବାହର ବିଦ୍ୟାଳୟରେ ପାଠ ପଢ଼ାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୋମବାର ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟର ଇତିହାସ ଶିକ୍ଷୟିତ୍ରୀ ଭଲ ପଢ଼ାଉ ନ ଥିବା ଓ ତାଙ୍କ ପାଠ ବୁଝିପାରୁ ନ ଥିବା କହି ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ ପରେ ସମାଧାନ ନ ହେବାରୁ ସୋମବାର ଜାତୀୟ ରାଜପଥ ଉପରେ ୬ କି.ମି. ରାସ୍ତା ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରକାଶ ଯେ, ଗତ ଅଗଷ୍ଟରୁ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଜିଲାପାଳଙ୍କୁ ଅଭିଯୋଗ ଶୁଣାଇବା ନିଷ୍ପତ୍ତି ନେଇଥିଲେ। ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଦ୍ୟାଳୟ ପ୍ରିନ୍ସିପାଲଙ୍କ ସହ ଆଲୋଚନା ପରେ ପ୍ରାୟ ୬ କି.ମି. ୨୬ ନଂ ଜାତୀୟ ରାଜପଥ ଉପରେ ଚାଲିଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଉପଜିଲାପାଳ ପ୍ରେମଲାଲ ହିଆଲ ଓ ଏସଡିପିଓ ସଞ୍ଜୟ କୁମାର ମଣ୍ଡଳଙ୍କ ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ବୁଝାଶୁଝା କରିଥିବା ବେଳେ ଛାତ୍ରୀଛାତ୍ର ଜିଲାପାଳଙ୍କୁ ଅଭିଯୋଗ କରିଲେ ସମସ୍ୟା ସମାଧାନ ହେବ ବୋଲି ଜିଦ୍ ଧରି ବସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କ ସହ ଛାତ୍ରୀଛାତ୍ର ଆଲୋଚନା କରିଥିଲେ। ଇତିହାସ ଶିକ୍ଷୟିତ୍ରୀଙ୍କ ପାଠପଢ଼ା ଶୈଳୀ ଓ ଦୁର୍ବ୍ୟବହାର ନେଇ ଦୃଷ୍ଟି ଆକର୍ଷଣ କରିବା ସହ ବିଦ୍ୟାଳୟର ଅନ୍ୟ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଅଭିଯୋଗ ଶୁଣିବା ପରେ ବିଭାଗୀୟ ଅଧିକାରୀ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉକ୍ତ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବାହାର କରିଥିବା ସୂଚନା ଦେଇଛନ୍ତି। ଅତିଶୀଘ୍ର ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି କରିବା ଯାଏ ପ୍ରଶାସନ ପକ୍ଷରୁ ୨ ଅଧିକାରୀ ନିୟମିତ ବିଦ୍ୟାଳୟ ଯିବା ସହ ପିଲାଙ୍କୁ ପାଠ ପଢ଼ାଇବେ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି। ପ୍ରତିଶ୍ରୁତି ପାଇବା ପରେ ଛାତ୍ରୀଛାତ୍ର ମାନିଥିଲେ। ସମସ୍ତ ଛାତ୍ରୀଛାତ୍ରୀଙ୍କୁ ଏକ ବସ୍ ଯୋଗେ ବିଦ୍ୟାଳୟ ପଠାଇବାକୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।


ଛାତ୍ରୀଛାତ୍ର ରାସ୍ତାରେ ଚାଲିଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

# ୨୭ରୁ ଶୀତ ଅଧିବେଶନ

■ ୨୮ରେ ଉପସ୍ଥାପନ ହେବ ଅତିରିକ୍ତ ବଜେଟ

ଭୁବନେଶ୍ୱର,୧୦।୧୧ (ରବିନାରାୟଣ ଜେନା/ସୁନିତ୍ ମିଶ୍ର)

ବିଧାନସଭାର ଶୀତକାଳୀନ ଅଧିବେଶନ ନଭେମ୍ବର ୨୭ରୁ ଆରମ୍ଭ ହେବ। ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ୨୮ରେ ୨୦୨୫-୨୬ ଆର୍ଥିକବର୍ଷ ଲାଗି ପ୍ରଥମଥର ପାଇଁ ଅତିରିକ୍ତ ବଜେଟ ଗୃହରେ ଉପସ୍ଥାପନ ହେବ। ଏହି ଅଧିବେଶନ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବାକୁ ରହିଥିବାବେଳେ ୨୯ଟି କାର୍ଯ୍ୟଦିବସ ରହିଛି। ସେଥିମଧ୍ୟରେ ୫ଟି ପ୍ରାଇଭେଟ ମେମ୍ବର ବିଜ୍‌ନେସ୍ ରହିଥିବାବେଳେ ଅନ୍ୟସବୁ ସରକାରୀ କାର୍ଯ୍ୟ ଦିବସ ରହିଛି। ସେହିପରି ଅତିରିକ୍ତ ବଜେଟ ଲାଗି ଡିସେମ୍ବର ୮ରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ ହେବାକୁ ରହିଥିବାବେଳେ ତିନିଦିନ ଧରି ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ। ଏହି ଅଧିବେଶନ କାଳରେ ୬ଟି ଛୁଟି ପଡୁଛି। ଶୀତ ଅଧିବେଶନକୁ ନେଇ ବିଧାନସଭା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୃହ କିଭଳି ସୁରୁଖୁରୁରେ ଚାଲିବ ସେଥିପାଇଁ ସରକାରଙ୍କ ପକ୍ଷରୁ କସରତ ଆରମ୍ଭ ହୋଇଛି।

# ୨୭ରେ ବିଧାନସଭା ଆସିପାରନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

■ ଗୃହ କାର୍ଯ୍ୟ ଆରମ୍ଭ ଦିନ ନିଜର ଅଭିଭାଷଣ ରଖିବେ ରାଷ୍ଟ୍ରପତି ମୁର୍ମୁ
■ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି, କେବଳ କାର୍ଯ୍ୟସୂଚୀକୁ ଅପେକ୍ଷା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସରେ ଓଡ଼ିଶା ଗସ୍ତରେ ଆସିପାରନ୍ତି। ଆସନ୍ତା ୨୭ରେ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅଧିବେଶନର ପ୍ରଥମ ଦିନରେ ହିଁ ରାଷ୍ଟ୍ରପତି ବିଧାନସଭା ଯାଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବା ଚର୍ଚ୍ଚା ହେଉଛି। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଗଣମାଧ୍ୟମକୁ ସୂଚନାଦେଇ କହିଛନ୍ତି, ସରକାରଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଆସିବା ଲାଗି ନିମନ୍ତ୍ରଣ କରାଯାଇଛି। ହେଲେ ରାଷ୍ଟ୍ରପତି ଭବନ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ନେଇ ସୂଚନା ଆସିବା ପରେ ହିଁ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ପାଇଁ ସରକାର ଅପେକ୍ଷା କରିଥିବା ବେଳେ ଏହା ପୂର୍ବରୁ ବିଧାନସଭା ପରିସରକୁ ସଫାସୁତୁରାଠାରୁ ନୂଆ ରଙ୍ଗ ଲଗାଯିବା ଆରମ୍ଭ କରିଦିଆଯାଇଛି। ଅନ୍ୟପଟେ ଭାରତର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ଦ୍ରୌପଦୀ ମୁର୍ମୁଙ୍କର ଏହା ପ୍ରଥମ ଥର ବିଧାନସଭାକୁ ଗସ୍ତ କାର୍ଯ୍ୟକ୍ରମ ହେବ। ତେଣୁ ଅଧିବେଶନ ଆରମ୍ଭ ଦିନ ସେ ଗୃହରେ ନିଜର ଅଭିଭାଷଣ ରଖିବେ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ସେପରି ନିର୍ଦ୍ଦିଷ୍ଟ ଭାବେ କୌଣସି ଖବର ଦିଆଯାଇ ନାହିଁ।

# ଶୁଣାଣି ଶେଷ, ରାୟ ସଂରକ୍ଷିତ

## ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ପ୍ରତ୍ୟାହାର ବିରୋଧରେ ମାମଲା

କଟକ,୧୦।୧୧(କାର୍ତ୍ତିକ ସାହୁ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ବନ ବିଭାଗ ଦ୍ୱାରା ପ୍ରତ୍ୟାହୃତ କରାଯିବା ଘଟଣାରେ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍ (ଯାହା ପୂର୍ବରୁ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ ଥିଲା) ପକ୍ଷରୁ ହାଇକୋର୍ଟରେ ପ୍ରତିଜବାବ ଦାଖଲ କରାଯାଇଛି। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ସୋମବାର ମାମଲାର ଚୂଡ଼ାନ୍ତ ଶୁଣାଣି କରିଛନ୍ତି। ଅଦାଲତ ଏହି ମାମଲାରେ ରାୟକୁ ସଂରକ୍ଷିତ ରଖିଛନ୍ତି। ଗତ ୨୯ ତାରିଖରେ ହୋଇଥିବା ଶୁଣାଣିରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ଜବାବ ଦାଖଲ କରାଯାଇଥିଲା। ସେହି ଶୁଣାଣିରେ ଆବେଦନକାରୀ ଜିନ୍ଦଲ ଷ୍ଟିଲ୍ ହାଇକୋର୍ଟରେ ପ୍ରତିଜବାବ ଦାଖଲ କରିବା ପାଇଁ ସମୟ ନେଇଥିଲା।

ସୂଚନାନୁସାରେ, ଜିନ୍ଦଲ ଷ୍ଟିଲ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଚାଲିଥିବା ଏହି ମାମଲାରେ ସ୍ଥାନୀୟ ଭଦ୍ରସାହିର ପୂର୍ବତନ ସରପଞ୍ଚ କସ୍ତୁରି ଓରାମ ଇଣ୍ଟରଭେନର ଭାବେ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ଓରାମଙ୍କ ଆଇନଜୀବୀ ଲଳିତେନ୍ଦୁ ମିଶ୍ରଙ୍କ କହିବାନୁସାରେ, ଆବେଦନରେ ଜିନ୍ଦଲ ଷ୍ଟିଲ୍ ଦ୍ୱାରା ବେଆଇନ ଭାବେ ଖଣିଜ ପଦାର୍ଥ ଉତ୍ତୋଳନ ଓ ପରିବହନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ନାନା ପ୍ରକାର ସମସ୍ୟା ସୃଷ୍ଟି ହେଉଛି। ଅଣଓସାରିଆ ଜଙ୍ଗଲ ରାସ୍ତାରେ ପ୍ରତିଦିନ ବହୁସଂଖ୍ୟକ ଟ୍ରକ୍ ଚଳପ୍ରଚଳ ଓ ଉଭୟ ପାର୍ଶ୍ୱରେ ଅଟକି ରହିବା ଦ୍ୱାରା ସ୍ଥାନୀୟ ଅଧିବାସୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି। ସେହିପରି ଧୂଳି, ଧୂଆଁରେ ଜଙ୍ଗଲ ପରିବେଶ ନଷ୍ଟ ହେଉଛି। ଲୋକେ ନାନା ପ୍ରକାର ସ୍ୱାସ୍ଥ୍ୟାଗତ ସମସ୍ୟା ଭୋଗୁଛନ୍ତି। ଏଥିସହ ଆହୁରି ଅନେକକିଛି ଅସୁବିଧାରେ ଲୋକମାନେ ପଡୁଥିବାରୁ ଜିନ୍ଦଲ ଷ୍ଟିଲ୍ କମ୍ପାନୀକୁ ସେଠାରେ ଅନୁମତି ନ ଦେବା ନିମନ୍ତେ ସେ ଆବେଦନରେ ଦର୍ଶାଇଛନ୍ତି।

### ଭଦ୍ରସାହି ପୂର୍ବତନ ସରପଞ୍ଚ ହେଲେ ଇଣ୍ଟରଭେନର



ସୂଚନା ଅନୁସାରେ, କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣିରେ ଜଙ୍ଗଲ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍) କମ୍ପାନୀର ଖଣି କାର୍ଯ୍ୟାଦେଶ ବନ ବିଭାଗ ପ୍ରତ୍ୟାହାର କରିଥିଲା। ଏହାକୁ ବିରୋଧ କରି ଜିନ୍ଦଲ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଛି। ସେଥିରେ ଗତ ଅକ୍ଟୋବର ୧୯ ତାରିଖରେ କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶନାମା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରୋଇଡ଼ା-୧ ଲୁହା ଓ ମାଙ୍ଗାନିଜ ଖଣିରେ ଜିନ୍ଦଲ ଷ୍ଟିଲ୍ କମ୍ପାନିକୁ ପୂର୍ବଭଳି କାର୍ଯ୍ୟ କରିବା ନିମନ୍ତେ ଅନୁମତି ଦେବାକୁ ପ୍ରାର୍ଥନା କରାଯାଇଛି। ଏଥିସହ ଖଣିଜ ପଦାର୍ଥକୁ ଜାତୀୟ ରାଜପଥ ୫୨୦ (ପୂର୍ବରୁ ୨୧୫ ଥିଲା) ପର୍ଯ୍ୟନ୍ତ ଏକମାତ୍ର ସଂଯୋଗୀ ରାସ୍ତା, ଯାହାକି ଏମ୍‌ଆଇଏସ୍‌ଏଲ୍ ଦ୍ୱାରା ବ୍ୟବହାର ହେଉଥିଲା। ସେହି ରାସ୍ତାର ବ୍ୟବହାର ନିମନ୍ତେ ପ୍ରତିପକ୍ଷ ଅନୁମତି ଦେବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି। ଏଥିସହ ପ୍ରତିପକ୍ଷ ଜିନ୍ଦଲ ଷ୍ଟିଲ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ମଧ୍ୟ ପ୍ରାର୍ଥନା କରାଯାଇଛି। ଏଥିରେ ରାଜ୍ୟ ସରକାର, ଓଡ଼ିଶା ମାଇନ୍‌ସ ଆଣ୍ଡ ଜିଓଲୋଜିର ନିର୍ଦ୍ଦେଶକ, ରାଜ୍ୟ ଇସ୍ପାତ ଓ ଖଣି ବିଭାଗ, କେନ୍ଦୁଝର ଡିଏଫ୍‌ଓ, କେନ୍ଦୁଝର ଜିଲାପାଳ, ବଡ଼ବିଲ ରେଞ୍ଜ ଅଫିସରଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ନାୟକ ଓ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ପରିଜା ମାମଲା ପରିଚାଳନା କରୁଛନ୍ତି।

# ୧୫ରେ ଆଦିବାସୀଙ୍କ ସହ ବାର୍ତ୍ତାଳାପ କରିବେ ପ୍ରଧାନମନ୍ତ୍ରୀ

## ଜନଜାତି ଗୌରବ ଦିବସରେ ହେବ ଜନଶୁଣାଣି

ଭୁବନେଶ୍ୱର,୧୦।୧୧ (ରବିନାରାୟଣ ଜେନା)

ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆଦିବାସୀ ମନ୍ତ୍ରଣାଳୟ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏଥର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିପାଇଁ ପ୍ରତ୍ୟେକ ଆଦିବାସୀଙ୍କ ସମସ୍ୟା ଶୁଣିବା ପାଇଁ ଦୁଇଟି ପର୍ଯ୍ୟାୟରେ ଜନଶୁଣାଣି କରାଯିବ। ସାରା ଦେଶ ସମେତ ଓଡ଼ିଶାର ୨୨ଟି ଆଦିବାସୀ ଅଧ୍ୟୁଷିତ ଜିଲାରେ ଏହି ଜନଶୁଣାଣି କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଆଦିବାସୀଙ୍କ ସହ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନ ସମ୍ପୃକ୍ତ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସଚିବ ପରମେଶ୍ୱରନ୍ ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାପାଳଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଏଥର ଭଗବାନ ବିର୍ସାମୁଣ୍ଡାଙ୍କ ଜୟନ୍ତୀଙ୍କୁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ଯାକଜମକରେ ପାଳନ କରାଯିବାକୁ ରହିଛି। ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବାର ରହିଛି। ଏହି ପରିପ୍ରେକ୍ଷୀରେ ୧୫ ନଭେମ୍ବରରେ ଦୁଇଟି ପର୍ଯ୍ୟାୟରେ ଆଦିବାସୀ ବର୍ଗଙ୍କ ଜନଶୁଣାଣି କରାଯିବ। ଆଦି ସେବା କେନ୍ଦ୍ର ମାଧ୍ୟମରେ ଏହି ଜନଶୁଣାଣି କରାଯିବ। ଜିଲାରେ ଯେତେସବୁ ଆଦିବାସୀ ବର୍ଗ ରହିଛନ୍ତି ସେମାନେ ସ୍ୱତନ୍ତ୍ର ଗ୍ରାମସଭାରେ ଯୋଗଦେଇ ତାଙ୍କର ସମସ୍ୟା ରଖିବେ। ଏହି ଅବସରରେ ଆଦିବାସୀ ସଂସ୍କୃତି ବିଷୟରେ ଆଲୋଚନା ହେବା ସହିତ ଆଦିବାସୀବର୍ଗଙ୍କୁ ଠିକ୍ ଭାବେ ସରକାରୀ ସୁବିଧା ସୁଯୋଗ ମିଳୁଛି କି ନାହିଁ ତାହା ଉପରେ ମତାମତ ନିଆଯିବ। ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଦିବାସୀ ବର୍ଗଙ୍କ ସହିତ ତାଙ୍କର ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ଗୁଜରାଟରୁ ଏହି କାର୍ଯ୍ୟକ୍ରମ ଲାଇଭ୍ ଟେଲିକାଷ୍ଟ ହେବାକୁ ରହିଛି। ଏଥିରେ ଆଦିବାସୀ ବର୍ଗଙ୍କ ସହିତ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗଦେଇପାରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ସଚିବ ପତ୍ରରେ ଦର୍ଶାଇଛନ୍ତି।

# ଫେରାଇ ଆଣିବାକୁ ଗୁହାରି କଲେ ସାଙ୍ଗ

## ଆମେରିକାରେ ଓଡ଼ିଆ ଯୁବତୀଙ୍କୁ ନିର୍ଯ୍ୟାତନା ଘଟଣା

ବାଲେଶ୍ୱର,୧୦।୧୧(ବାଞ୍ଛାନିଧି ଦେ)

ଆମେରିକାରେ ପୋଷ୍ୟକନ୍ୟା ଭାବେ ରହୁଥିବା ଜଣେ ଯୁବତୀ ଓଡ଼ିଶା ଫେରି ଆସିବାକୁ ଆକୁଳ ନିବେଦନ କରିଛନ୍ତି। ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଆଳଦା ଗ୍ରାମର ସାଙ୍ଗ ଅମର ଦାସଙ୍କୁ ସେ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୋମବାର ଯୁବତୀଙ୍କ ସାଙ୍ଗ ଅମର ବାଲେଶ୍ୱର ଜିଲା ପ୍ରଶାସନର ସହାୟତା ଲୋଡ଼ିଛନ୍ତି। ଯୁବତୀଙ୍କୁ ଓଡ଼ିଶା ଫେରାଇ ଆଣିବା ଦିଗରେ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ଗୁହାରୀ କରିଛନ୍ତି। ଏନେଇ ସେ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ନାୟକ ଘଟଣା ସମ୍ପର୍କରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରୀ ଗାଇଡ୍‌ଲାଇନ୍ ମୁତାବକ ଝିଅକୁ ଓଡ଼ିଶା ଫେରାଇ ଆଣିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

ଓଡ଼ିଆ ଯୁବତୀ ପୂଜା ନାୟକ ଛୋଟ ବେଳେ ଟ୍ରେନ୍‌ରେ ମା’, ବାପାଙ୍କ ଠାରୁ ଅଲଗା ହୋଇଯାଇଥିଲେ। ଭୁବନେଶ୍ୱରର ଏକ ଅନାଥ ଆଶ୍ରମରେ ରହୁଥିବା ବେଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଯାଇଥିଲେ। ନହରକଣ୍ଟାସ୍ଥିତ ପଲ୍ଲି ଉନ୍ନୟନ ସେବା ସମିତି କନ୍ୟାଶ୍ରମରେ ରହି ପୂଜା ପଢୁଥିବା ବେଳେ ଅମରଙ୍କ ସହ ପରିଚିତ ହୋଇଥିଲା। ତେବେ ୨୦୧୮ରେ ପୂଜାଙ୍କୁ ଏକ ଦମ୍ପତି ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ଆମେରିକା ନେଇଯାଇଥିଲେ। ୨୦୨୪ରେ ସୋସିଆଲ ମିଡିଆ ଜରିଆରେ ପୂଜାଙ୍କ ସହ ଅମରଙ୍କର ପୁଣି ଯୋଗାଯୋଗ ହୋଇଥିଲା। ପୂଜା ସେଠାରେ ଖୁସିରେ ନ ଥିବା ତାଙ୍କୁ କହିଥିଲେ। ପାଳିତ ମା’ ତାଙ୍କଠାରୁ ମୋବାଇଲ୍ ଓ ସିମ୍ ନେଇଯାଇଥିଲେ। ପୂଜା ଏକ ଭିଡିଓ ଅମରଙ୍କୁ ସେୟାର କରିଥିଲେ। ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ଅତ୍ୟାଚାରର କାହାଣୀ ବଖାଣିଥିଲେ। ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବାକୁ ସେ ଆକୁଳ ନିବେଦନ କରିଥିଲେ।

ଏ ସମ୍ପର୍କରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, ଏଯାଏ ଝିଅ ସହ ସିଧାସଳଖ କୌଣସି ଯୋଗାଯୋଗ ହୋଇପାରିନାହିଁ। ଘଟଣାଟି ଅନ୍ୟ ଦେଶରେ। ତେଣୁ ବୈଦେଶିକ ଅଧିକାରୀଙ୍କ ସାହାଯ୍ୟ ନିଆଯିବ। ଯେହେତୁ ଘଟଣା ପୋଷ୍ୟ ସନ୍ତାନ ସମ୍ବନ୍ଧୀୟ, ରାଜ୍ୟ ତଥା କେନ୍ଦ୍ରୀୟ ସଂସ୍ଥା ସହ ଯୋଗାଯୋଗ କରାଯିବ। ଇଏମ୍‌ର ସାହାଯ୍ୟ ନିଆଯିବ ବୋଲି ସେ କହିଥିଲେ।


ଅତିରିକ୍ତ ଜିଲାପାଳଙ୍କୁ ଅମର ଭେଟି ଆଲୋଚନା କରୁଛନ୍ତି।


# ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

## ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

## ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଶାବରୀ ସାଂସ୍କୃତିକ ସମାଜର ଏକବିଂଶତିତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟଦିଗନ୍ତ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ବୃକ୍ଷ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉନତ୍ରିଂଶତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ୭ମ ବାଟାଲିୟନ ସ୍ପୋର୍ଟ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ୧୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଯାନ୍ତ୍ରିକ ଭବନ, ସତ୍ୟନଗର, ସମୟ: ମଧ୍ୟାହ୍ନ୧୨ଟା।
- ସ୍ୱାଭିମାନ ପକ୍ଷରୁ ଅଞ୍ଚଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ ସଂକ୍ରାନ୍ତ ଖବରଦାତା ସମ୍ମିଳନୀ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ଅପରାହ୍ନ ୪ଟା।
- ସୃଜନୀ ଅନୁଷ୍ଠାନ ପକ୍ଷରୁ ନାରାୟଣ ନାଟ୍ୟ ମହୋତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର ଓକିଲ ସଂଘ ଓ ରାଜ୍ୟ ପୂଜ୍ୟପୂଜା ଟ୍ରଷ୍ଟ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଜ୍ୟୋତିର୍ବିଦ୍, ଲେଖକ ତଥା ଆଇନଜୀବୀ ରେବତୀକାନ୍ତ ଶାସ୍ତ୍ରୀଙ୍କ ଅଷ୍ଟଦଶ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଟାଇମ୍ ଟୁ ସାଇନ୍ ପକ୍ଷରୁ 'ବାପା ! ଭାରି ମନେ ପଡ଼େ ତୁମ କଥା' କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସିଆର୍‌ପି ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ବ୍ଲକ ମିଶନ ଶକ୍ତି ଗୃହ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: କଳାପାହାଡ଼ ଛକ ପୂଜା ମଣ୍ଡପ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଏମଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ତାଲିମ ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ :ପୂର୍ବାହ୍ନ ୧୧ଟା।
- ସାଇବାବାଙ୍କ ୧୦୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଭଜନ ସମ୍ମିଳନୀ, ସ୍ଥାନ : ମଠ କପୁଣ୍ଡି, ହାଟଡିହୀ, ସମୟ : ସନ୍ଧ୍ୟା ୫ ଟା।
- ସାଇବର ଅପରାଧ ସୁରକ୍ଷା ସଚେତନତା ସାଇକେଲ ରାଲି, ସ୍ଥାନ: ବଡ଼ବିଲସ୍ଥିତ କିରିବୁରୁ ଛକ, ସମୟ : ସକାଳ ୮ ଟା ୩୦।
- ଆନନ୍ଦପୁର ଓ ଷେଣ୍ଟପୁରରେ ରାଧାକୃଷ୍ଣଙ୍କ ଦର୍ଶନ, ସ୍ଥାନ: ଆନନ୍ଦପୁର, ସମୟ : ସନ୍ଧ୍ୟା ୭ ଟା ୩୦।

## ମୟୂରଭଞ୍ଜ

- ଜିଲା କଂଗ୍ରେସର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲୀ ଲାଇବ୍ରେରୀ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।
- ଜୁନିୟର ଡ୍ୟାନ୍ସ ଗ୍ରୁପ୍‌ର ଫାଇନାଲ କାର୍ଯ୍ୟକ୍ରମ, ସ୍ଥାନ: ଭପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ମା' ଭୈରବୀ ଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ଶୀର୍ଷାପାଳ ଯାତ୍ରା ପଡ଼ିଆ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଦାରିଙ୍ଗବାଡ଼ି ହେଲିପ୍ୟାଡ ପଡ଼ିଆ, ସମୟ: ସକାଳ ୮ଟା ୩୦।
- ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମିନି ଷ୍ଟାଡିୟମ, ବାଲିଗୁଡ଼ା, ସମୟ : ସକାଳ ୯ ଟା ।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱନାଥ ପଟନାୟକ(ଆଞ୍ଚା)ଙ୍କ ଜୟନ୍ତୀ, ସ୍ଥାନ: ବନବାସୀ, ବାଲିଗୁଡା, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ଢେଙ୍କାନାଳ

- କବି ବୁଦ୍ଧଦେବ ନାୟକଙ୍କ ସ୍ମୃତିଚାରଣ ସଭା ଓ କବିତା ପାଠୋତ୍ସବ, ସ୍ଥାନ: ଢେଙ୍କାନାଳ ବାଣିଜ୍ୟ ଭବନ, ସମୟ: ଅପରାହ୍ନ ୩ଟା

## ଅନୁଗୋଳ

- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟନ, ସ୍ଥାନ: ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା ୩୦।
- ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପନ ଉତ୍ସବ, ସ୍ଥାନ: ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ ଟା ୩୦।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅବସରରେ ଚାଷୀ ଓ ବିଶେଷଜ୍ଞଙ୍କ ସହ ଆଲୋଚନା, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ଯୁବମହୋତ୍ସବ ପାଇଁ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ ଘଟିକା।

## ଜଗତ୍‌ସିଂହପୁର

- ନୀଳାଚକ୍ର ୟୁଥ୍ କ୍ଲବ ପକ୍ଷରୁ ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କାଉଡ଼ିଆ ନଦୀ ବନ୍ଧ, ଲକପଡ଼ା ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୮ ଟା।
- ଫାଇନାନ୍ସିଆଲ ଲିଟେରାସି କ୍ୟାମ୍ପ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜା ଉତ୍ସବ, ସ୍ଥାନ:ପିତାପଲ୍ଲୀ, ମହାକାଳପଡା, ସମୟ:ସଂଧ୍ୟା ୬ଟା ।
- ଶ୍ରୀ ସିଦ୍ଧ ମହାପୁରୁଷ ଭୋଳି ବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ:ବେଲତଳ, ପଟ୍ଟାମୁଣ୍ଡାଇ, ସମୟ- ସଂଧ୍ୟା ୬ଟା ।
- ଶ୍ରୀ କାର୍ତ୍ତିକେଶ୍ୱର ଦେବଙ୍କ ମିଳନ ଉତ୍ସବ, ସ୍ଥାନ:ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ସଂଧ୍ୟା ୬ଟା ।
- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ:ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡା ସହର, ଲୁଣା ନଦୀ ତଟ, କଳପଡା, କେନ୍ଦ୍ରାପଡା, ମାଆ ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ, ମହାନଦୀ ଘାଟ, ବାହାକୁଦ, ମାଆ ରାମଚଣ୍ଡୀ ଭାଗବତ ଆଶ୍ରମ, କୋଚିଲା ଭାଗବତ ପୀଠ, ଧାନ ଦାସ ମଠ, ବାରଡାଙ୍ଗ, ମହାକାଳପଡା, ଶାସନୀପଡା ସେତୁ, ମାର୍ଶାଘାଇ, ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ:ସଂଧ୍ୟା ୭ଟା ।

## ଯାଜପୁର

- ରାହାସ କୁଞ୍ଜ ଯାତ୍ରା, ସ୍ଥାନ : ରସୁଲପୁର ବ୍ଲକର ହରିପୁର ଜଗନ୍ନାଥ ମଠ ପରିସର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ବାବା ବଳିଆଙ୍କ ହରି କଥାମୃତ ଉଦ୍‌ଯାପନ ଦିବସ, ସ୍ଥାନ:କଣ୍ଟିଲୋ ମାଘମେଳା ପଡିଆ, ସମୟ: ସଂଧ୍ୟା ୬ଟା ।

## ରାୟଗଡ଼ା

- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ହାଇସ୍କୁଲ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ପୋଲିସ ପ୍ରଶାସନ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ସକାଳ ୮ଟା।
- ରାଜସ୍ୱ ବିଭାଗର ମାସିକ ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଧାନ କିଣା ୨୦୨୫-୨୬ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ:ଅପରାହ୍ନ ୪ଟା।

## କୋରାପୁଟ

- କିଶୋରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଭୀମ ଆର୍ମି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଠେମର ଗ୍ରାମ, ସମୟ : ସକାଳ ୯ଟା ୩୦।
- ଜିଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ କୃଷକ ସମାବେଶ, ସ୍ଥାନ:ଜମାଦାରପାଲିସ୍ଥିତ ଚାଷୀର ରେଖା, ସମୟ : ପୂର୍ବାହ୍ନ ୧୦ଟା ।
- ଜିଲା ଭାଜପା ପକ୍ଷରୁ ସମ୍ବଲପୁର ମ୍ୟୁନିସିପାଲିଟିର ପୂର୍ବତନ ଉପାଧ୍ୟକ୍ଷା ମୈଥିଳୀ ମହାପାତ୍ରଙ୍କ ବିୟୋଗରେ ଶୋକସଭା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସାଇ ଶିକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ଲିଟିଲ ମିସ, ଟିନ ଓ ଲିଟିଲ ମାଷ୍ଟର, ଟିନ -୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୭ଟା ।

## ରାଉରକେଲା

- ୪ର୍ଥ ଜାତୀୟ ଇଏମ୍‌ଆରଏସ୍ କ୍ରୀଡ଼ା ସମାବେଶ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ସକାଳ ୮ଟା।
- ମୋ ଶିକ୍ଷା ଅଭିଯାନ, ସ୍ଥାନ: ସେକ୍ଟର-୫ ଅଭିରାମପାଲୀ, ସମୟ: ସକାଳ ୯ଟା।
- ଠିକାଦାର ଶ୍ରମିକଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଆର୍‌ଏଲ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଲୋଟେରୋ ମହାବିଦ୍ୟାଳୟ ପକ୍ଷରୁ ଶିଶୁ ମହୋତ୍ସବ, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୪ଟା।
- ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ମଧୁସୂଦନ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲା ପରିଷଦ ଗ୍ରାମୀଣ ଗୃହ ନିର୍ମାଣ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଓ ଉଦ୍ୟାନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼, ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୋନପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ଗୋକୁଳାଷ୍ଟମୀ ମହୋତ୍ସବର ତୃତୀୟ ଦିନ, ସ୍ଥାନ: କଂସାରୀ ପଡା, ବିନିକା, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁର ସହର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ସାମାଜିକ ସ୍ତରରେ ଆଦରଣୀୟ ହେବେ ଓ ଲୋକସମ୍ପର୍କ ବଢ଼ିବ। ସଭାସମିତିରେ ବନ୍ଧୁଙ୍କ ସ୍ମୃତିଚାରଣ, ଆନୁଷ୍ଠାନିକ କର୍ମାରମ୍ଭ ସକାଶେ ଉତ୍ସାହିତ ରହିବେ। ପାରିବାରିକ କ୍ଷେତ୍ର, ପରିବହନ ଏବଂ ଯୋଗାଯୋଗରୁ ବ୍ୟତିକ୍ରମର ସାମ୍ନା କରିବେ। ଅର୍ଥ ସଙ୍କଟ ଥିଲେ ମଧ୍ୟ ସରକାରୀ ସାହାଯ୍ୟ ପାଇବେ।

**ବୃଷ** ରାଶି ପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ ମୃଦୁମନ୍ଦ ଗତିରେ କର୍ମସମ୍ପାଦନ କରିବେ। ବିଜାତୀୟ ବ୍ୟକ୍ତିଙ୍କ ସହାୟତାରେ ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟିହେବ। ସ୍ୱଗୃହୀରୁ ଶୁକ୍ର ପ୍ରଭାବରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ସମ୍ମୁଖୀନ ହେବାରେ ଅସୁବିଧା ହେବ ନାହିଁ।

**ମିଥୁନ** ଦୁଃସ୍ଥାନସ୍ଥ ବୁଧ ଓ ମଙ୍ଗଳ ବନ୍ଧୁଙ୍କ ସହ ଅର୍ଥ ଓ ମତ ମନ୍ତବ୍ୟକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି କରିପାରେ। କୌଣସି ଦୁଃଖାନ୍ତକ ଖବର ମନକୁ ନିସ୍ତେଜ କରିଦେବ। ପୂର୍ବ ଯୋଜନା ଅନୁଯାୟୀ କୌଣସି କର୍ମ କରିବାରେ ସମର୍ଥ ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ପାରିବାରିକ ସ୍ତରରେ ପୁରୁଣା କଥାକୁ ଦୋହରାଇବା ଠିକ୍ ହେବନାହିଁ।

**କର୍କଟ** ଚନ୍ଦ୍ରଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସାଙ୍ଗକୁ ଆପଣଙ୍କ ଆଶା ପୂରଣ ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ନିଜର ଭଳି ବ୍ୟବହାର ଦେଖାଉଥିବା ବନ୍ଧୁ ଓ ସ୍ୱଜନମାନେ ବ୍ୟକ୍ତିକେନ୍ଦ୍ରିକ ଚିନ୍ତାଧାରା ଗ୍ରହଣ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନରେ ଆଶାତୀତ ସଫଳତା ପାଇବେ। ଆଜିର କର୍ମାରମ୍ଭ ପ୍ରୀତିପଦ ହେବ।

**ସିଂହ** ରବିଙ୍କ ଦୁର୍ବଳତା ସାଙ୍ଗକୁ ଶୁକ୍ର ସମ୍ପର୍କ ପ୍ରଭାବରୁ କୌଣସି ପଡ଼ୋଶିନୀ କିମ୍ବା ହିତୈଷୀ ମହିଳାଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ପରିସ୍ଥିତି ଯାହା ହେଉନା କାହିଁକି ଆପଣଙ୍କୁ ପଛକୁ ଫେରିଚାହିଁବା ପରିସ୍ଥିତି ମଧ୍ୟ ସୃଷ୍ଟି ହେବନାହିଁ। କୌଣସି ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ସୃଷ୍ଟିହେବା ବହୁ ସମ୍ଭାବନା ରହିଛି।

**କନ୍ୟା** ଶନିଙ୍କ ଦୃଷ୍ଟି ଆପଣଙ୍କୁ ଶାରୀରିକ ଏବଂ ମାନସିକ ଦୃଷ୍ଟିକୋଣରୁ ଶିଥିଳତା ପ୍ରଦାନ କରିପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ କାମ ହାସଲ ପାଇଁ ଖର୍ଚ୍ଚାନ୍ତ ହେବେ। ପ୍ରତ୍ୟେକ କ୍ଷେତ୍ରରେ କାମ ସମ୍ପନ୍ନ ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ । ଆଜି ଯାତ୍ରା ସମୟରେ କୌଣସି ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଠିକ୍ ହେବନାହିଁ ।

**ତୁଳା** ଆଜିର ଗ୍ରହଯୋଗ ଆପଣଙ୍କୁ ଅର୍ଥ ଓ ସମ୍ମାନଜନକ ସ୍ଥିତିରେ ରଖିବା ସାଙ୍ଗକୁ ବନ୍ଧୁଙ୍କ ପରାମର୍ଶରୁ ଖୁସି ରହିବେ। କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବ। କିନ୍ତୁ ମୁଖଭାବରେ ବୁଧ ଓ ମଙ୍ଗଳଜନିତ ଶାଣିତ ବ୍ୟବହାର ବନ୍ଧୁସମ୍ପର୍କକୁ କ୍ଷୁଣ୍ଣ କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଭାଗ୍ୟ ସ୍ଥାନରେ ଭାଗ୍ୟାଧିପତି ସହ ବୃହସ୍ପତିଙ୍କ ସଂଯୋଗ ପ୍ରଭାବରେ ଉନ୍ନତମାନର ଯୋଜନାକୁ ବାସ୍ତବରୂପ ପ୍ରଦାନ କରିବାର ନକ୍ସା ପ୍ରସ୍ତୁତ କରିପାରନ୍ତି। ଆବଶ୍ୟକତା ଅନୁଯାୟୀ ଆପଣଙ୍କ ମନ୍ତବ୍ୟ ଶାଳୀନତାପୂର୍ଣ୍ଣ ରହିବ। ପ୍ରତୀକ୍ଷିତ ଶୁଭଖବର ଆହ୍ଲାଦିତ କରିବ। ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି।

**ଧନୁ** ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବାର ଧୈର୍ଯ୍ୟଧାରଣ କରି କର୍ମକ୍ଷେତ୍ରରେ ପ୍ରବୃତ୍ତ ହେବେ। ଶନିଙ୍କ ପ୍ରଭାବରୁ ଆଲୋଚନାରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ଆତ୍ମୀୟଙ୍କ ଜରିଆରେ ବକେୟା ଆଦାୟରେ ସକ୍ଷମ ହେବେ। ଆଇନ ଅଦାଲତ କ୍ଷେତ୍ରରେ ଆଇନଜ୍ଞଙ୍କ ପରାମର୍ଶ ପାଇଁ ବାରମ୍ବାର ଦୌଡ଼ିବାକୁ ପଡ଼ିପାରେ।

**ମକର** ସପ୍ତମସ୍ଥ ଗ୍ରହମାନେ ଦୂରଯାତ୍ରା ଓ ବ୍ୟୟଭାର ବୋଝରେ ଚିନ୍ତିତ କରାଇପାରନ୍ତି। ଦୀର୍ଘଦିନରୁ ଦେଖି ନ ଥିବା ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂଆ ଦିଗନ୍ତ ସୃଷ୍ଟିହେବ। ସାହିତ୍ୟ ସାଧନାରେ, ସାମ୍ବାଦିକତାରେ ସଫଳତା ମିଳିବ। ପରିବାର ଭିତରେ, ପରିବହନରେ ଏବଂ ଚେଷ୍ଟା କରୁଥିବା କାମରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ରାହୁଙ୍କ ସଂସ୍ଥିତିରୁ ପୃଷ୍ଠ ସାହାଯ୍ୟ ବଳରେ ପ୍ରତ୍ୟେକ ସମସ୍ୟା ସମାଧାନରେ ସଫଳ ହେବେ। ସଭାସମିତି, ବନ୍ଧୁଙ୍କ ସହ ବିଚାରବିମର୍ଶ ମାନସିକ ଶାନ୍ତି ଫେରାଇ ଆଣିବାରେ ସହାୟ ହେବ। ଆର୍ଥିକ ଅନଟନ ଭରଣା କରିବାକୁ ନୂଆ ଯୋଜନା କରିପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ।

**ମୀନ** ବୃହସ୍ପତିଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ପାରିପାର୍ଶ୍ୱିକ ସୁନ୍ଦର ପରିବେଶ ମନକୁ ଉତ୍ସାହିତ କରିବ। ପୂର୍ବଭାଦ୍ରପଦ ନକ୍ଷତ୍ରର ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବାରୁ ମାନସିକ ସୁସ୍ଥତା ରହି ନ ପାରେ। ନିକଟତର ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିବେ। ଆପଣଙ୍କ ପରାମର୍ଶ ଓ ପ୍ରସ୍ତାବକୁ ବନ୍ଧୁଙ୍କ ସମର୍ଥନ ରହିବ।

ଆଜି ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, ମାର୍ଗଶିର କୃଷ୍ଣ ସପ୍ତମୀ ମଙ୍ଗଳବାର। ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୫୬ ଗତେ, ଘ.୦୬।୪୧ ମଧ୍ୟେ, ଘ.୦୮।୪୩ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୨।୧୭ ଗତେ, ଘ.୦୩।୪୧ ମଧ୍ୟେ ରାହୁକାଳ ।

## ଅଭିନେତା ଧର୍ମେନ୍ଦ୍ରଙ୍କ ...

ହେଉଥିବା ଟିମ୍ ସ୍ପଷ୍ଟ କରିଛି। ଅଭିନେତା ଅବ୍‌ଜରଭେଶନରେ ରହିଛନ୍ତି, ଚିନ୍ତା କରିବାର କୌଣସି କାରଣ ନାହିଁ। ବର୍ତ୍ତମାନ ସମୟରେ ପ୍ରିଭେସି ଜରୁରୀ ବୋଲି ଟିମ୍ କହିଛି। ଧର୍ମେନ୍ଦ୍ର ଗତ ମାସରେ ଅଣନିଃଶ୍ୱାସୀ ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ହୃଦ୍‌ସ୍ପନ୍ଦନ, ରକ୍ତଚାପ ଆଦି ସ୍ଥିର ରହିଥିଲା। ସେ ଆଇସିୟୁରେ ରହିଥିବା ଗତ ୧ ତାରିଖରେ ହସ୍ପିଟାଲର ଜଣେ କର୍ମଚାରୀ କହିଥିଲେ। ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଗତ ୪ ତାରିଖରେ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ହେମାମାଳିନୀ ବିମାନବନ୍ଦରରେ ଗଣମାଧ୍ୟମକୁ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଶୀ ବରଷରେ ହେତୁ ନାଶ ଯାଏ**
**କଷି ନାଶ ଯାଏ କୁହୁଡ଼ି ପାତେ**
**ବସି ଖାଇଲେ ଯେ ଧନ ନାଶ ଯାଏ**
**ଅସ୍ତ୍ର ନାଶ ଯାଏ ହାତୁ ଦି'ହାତେ ।**

ବୟସ ଅତ୍ୟଧିକ ହୋଇଗଲେ ମଣିଷର ସ୍ମୃତିଶକ୍ତି ଲୋପ ପାଇଯାଏ। ଅତ୍ୟଧିକ କୁହୁଡି ପଡିଲେ ଆମ୍ବକଷି ଝଡ଼ି ଯାଇଥାଏ। ଉପାର୍ଜନ ନ କରି ସଞ୍ଚିତ ଅର୍ଥକୁ ଖର୍ଚ୍ଚ କରି ଚାଲିଲେ ତାହା ଅଚିରେ ଶେଷ ହୋଇଯାଇଥାଏ। ସେହିପରି ହାତ ହତିଆର ହାତରୁ ଦି ହାତ ହେଲେ ଗୁଣ ହରାଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଧା ଭୋଜନ,**
**ବୁଢ଼ୀ ଗାଈ ଦାନ।**

ଅଧା ଭୋଜନରେ ପେଟ ପୂରି ନ ଥାଏ କି ଆତ୍ମତୃପ୍ତି ମିଳି ନ ଥାଏ। ସେହିପରି ଦାନ ସୂତ୍ରରେ ମିଳିଥିବା ବୁଢ଼ୀ ଗାଈ କୌଣସି ପ୍ରକାର ଆବଶ୍ୟକତାକୁ ମେଣ୍ଟାଇପାରି ନ ଥାଏ। ବାସ୍ତବ କ୍ଷେତ୍ରରେ ଏସବୁ ନିରର୍ଥକ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଆଜି ନୂଆପଡ଼ା ...

ଚାଲିବ। ସେହିପରି ସାଧାରଣ ଭୋଟ୍ ଗ୍ରହଣ କେନ୍ଦ୍ରରେ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟିଂ ଚାଲିବ ବୋଲି ଜିଲା ନିର୍ବାଚନ ଅଧିକାରୀ ସୋମବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମାଓବାଦୀ ପ୍ରଭାବିତ ବୁଥ୍ ମଧ୍ୟରୁ ୮ଟି ଦୁର୍ଗମ ପାହାଡିଆ ଅଞ୍ଚଳରେ ରହିଛି। ସେଗୁଡ଼ିକ ହେଉଛି ୩୨୦-ସୋସେଙ୍ଗ, ୩୨୧- ସୋସେଙ୍ଗ(୨), ୩୨୨ ଦେଓସିଲ, ୩୨୪ ସୁନାବେଡ଼ା(୧), ୩୨୫ ସୁନାବେଡ଼ା ୧(କ), ୩୨୬ ଜାମଗାଁ, ୩୨୭ ଗୋଟିବେଡ଼ା ଓ ୩୨୮ ଗୋଟିବେଡା(୨) ରହିଛି। ଏହି ବୁଥ୍‌ଗୁଡ଼ିକ ଅତି ସମ୍ବେଦନଶୀଳ ହୋଇଥିବାରୁ ପୋଲିଂପାର୍ଟି ସୁରକ୍ଷିତ ଯିବା ସହିତ ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ କରି ଫେରିବା ପାଇଁ ଭାରତୀୟ ବାୟୁସେନାର ବିମାନ ଉପଯୋଗ କରାଯାଇଛି। ମାଓବାଦୀ ପ୍ରଭାବିତ ୮ ବୁଥ୍ ଲାଗି ୬ ଜଣ ଲେଖାଏ ମୋଟ୍ ୪୮ ଜଣ ପୋଲିଂପାର୍ଟି ନିୟୋଜିତ ହୋଇଛନ୍ତି। ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଥରକରେ ୬ ଜଣ ଲେଖା ୮ଥରରେ ପୋଲିଂପାର୍ଟିକୁ ଦୁର୍ଗମ ଅଞ୍ଚଳରେ ଥିବା ବୁଥ୍‌ରେ ସୁରକ୍ଷିତ ଛଡ଼ାଯାଇଛି।

ଅନ୍ୟପଟେ ଏହି ଉପନିର୍ବାଚନ ଲାଗି ରହିଥିବା ମୋଟ୍ ୩୫୮ ବୁଥ୍ ମଧ୍ୟରୁ ୬ଟି ସଖୀ ବୁଥ୍ ରହିଛି। ସଖୀ ବୁଥ୍‌କୁ ମହିଳା ପୋଲିଂପାର୍ଟି ପରିଚାଳନା କରିବେ। ନୂଆପଡ଼ା ଓ ଖରିଆର୍ ରୋଡ୍‌ରେ ୩ଟି ଲେଖାଏ ସଖୀ ବୁଥ୍ କରାଯାଇଛି। ଏଥିଲାଗି ଜିଲା ପ୍ରଶାସନ ୩୯୬ ପୋଲିଂପାର୍ଟି ପ୍ରସ୍ତୁତ କରିଛନ୍ତି। ପୋଲିଂ ପାର୍ଟି ନୂଆପଡ଼ା ନ୍ୟାଶନାଲ୍ କଲେଜଠାରୁ ବିଭିନ୍ନ ବୁଥ୍‌କୁ ଯିବା ବ୍ୟବସ୍ଥା କରାଯାଇଛି। ନ୍ୟାଶନାଲ କଲେଜରେ ଷ୍ଟ୍ରଙ୍ଗ ରୁମ୍ ରହିଛି। ସେଠାରୁ ପୋଲିଂପାର୍ଟିକୁ ଇଭିଏମ୍ ଓ ଭିଭିପିଏଟି ସହ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ଅନ୍ୟପଟେ ଅବାଧ ଓ ନିରପେକ୍ଷ ସହିତ ଶାନ୍ତିଶୃଙ୍ଖଳାରେ ଉପନିର୍ବାଚନକୁ କରିବା ଲାଗି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୋଲିସ ପକ୍ଷରୁ ସୀମାନ୍ତ ବା ଆଇନଶୃଙ୍ଖଳା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇଛି। ଏପରିକି ଚେକ୍‌ପୋଷ୍ଟ କରି ପୋଲିସ ୨୪ ଘଣ୍ଟା ପହରା ଦେଉଛି। ଏଥିରେ ୧୪ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ସହ ୨ ସେକ୍ସନ ୬ ପ୍ଲାଟୁନ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଜଣେ ଏସ୍‌ପି, ୬ ଡିଏସ୍‌ପି, ୯ ଜଣ ଇନ୍‌ସପେକ୍ଟର, ୧୫୧ ଜଣ ସବ୍-ଇନ୍‌ସପେକ୍ଟର ଓ ଅତିରିକ୍ତ ଇନ୍‌ସପେକ୍ଟର, ୧୦୩ ଜଣ ହାବିଲଦାର୍, ୪୭୭ ଜଣ କନ୍‌ଷ୍ଟେବଲ, ୧୫୯ ଜଣ ଏପିଆର୍ କନ୍‌ଷ୍ଟେବଲ, ୩୭ ଜଣ ଓଏପିଏଫ, ୨୮୭ ଜଣ ହୋମଗାର୍ଡ ନିୟୋଜିତ ଅଛନ୍ତି। ଶାନ୍ତିଶୃଙ୍ଖଳା ଲାଗି ପ୍ରତ୍ୟେକ ପୋଲିଂପାର୍ଟି ସହିତ ଜଣେ ସୁରକ୍ଷା କର୍ମୀ ନିୟୋଜିତ ରହିଛନ୍ତି। ସୂଚନାଯୋଗ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରବିବାର ଅପରାହ୍ନ ୪ଟାରେ ନିର୍ବାଚନୀ ପ୍ରଚାର ଶେଷ ହୋଇଛି। ବର୍ତ୍ତମାନ ବିଭିନ୍ନ ଦଳର କର୍ମୀ ଓ ସମର୍ଥକ ଶେଷ ପର୍ଯ୍ୟାୟ ଲଢ଼େଇ ପାଇଁ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି। ପ୍ରଚାର ଶେଷ ହେବାପରେ ବିଭିନ୍ନ ସ୍ଥାନରେ ଅନ୍ଧାରି ବିଜେ ଦେଖିବାକୁ ମିଳୁଛି। ବିଭିନ୍ନ ଦଳର କର୍ମୀମାନେ ଘରକୁ ଘର ବୁଲି ଚିରକୁଟି ବାଣ୍ଟିବା ଆରମ୍ଭ କରିଛନ୍ତି। ଯେଉଁ ଗାଁ ବା ପଡ଼ାରେ ଦୁର୍ବଳ ସ୍ଥିତି ଦେଖୁଛନ୍ତି ତାହା ଉପରେ ଅଧିକ ନଜର ରଖୁଛନ୍ତି। ଅନ୍ୟପଟେ ବିଭିନ୍ନ ଦଳର ବଡ଼ ନେତାମାନେ ସେମାନଙ୍କ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଭିଡିଓ ବାର୍ତ୍ତା ଜରିଆରେ ଅନୁରୋଧ କରିବା ଆରମ୍ଭ କରିଛନ୍ତି। ପ୍ରଚାର ବନ୍ଦ ହୋଇଯାଇଥିବାରୁ ସବୁ ଦଳ ପକ୍ଷରୁ ସେମାନଙ୍କ ପୁରୁଣା ଭିଡିଓ ପ୍ରଚାର ସମୟରେ ଯାହା ଉତ୍ତୋଳନ କରାଯାଇଥିଲା ସେଗୁଡ଼ିକୁ ବିଭିନ୍ନ ମାଧ୍ୟମରେ ଶେୟାର କରିବାରେ ଲାଗିଛନ୍ତି, ଯାହାଫଳରେ ଇଣ୍ଟରନେଟ୍ ଜରିଆରେ ସେମାନଙ୍କ ପ୍ରାର୍ଥୀ ପ୍ରତି ଆକୃଷ୍ଟ କରିପାରିବେ।

## ହ୍ୱାଇଟ୍ କଲାର ...

ଏବଂ ମେଟାଲ ଶିଟ୍ ଜବତ ହୋଇଛି। ଗନି ହରିୟାଣାର ଅଲ୍ ଫଲାହ ୟୁନିଭର୍ସିଟିରେ ଶିକ୍ଷକ ଥିବାବେଳେ ଶ୍ରୀନଗରରେ ଜେଇଏମ୍‌କୁ ସମର୍ଥନ କରି ପୋଷ୍ଟର ଲଗାଇବାରେ ସେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ କଶ୍ମୀର ପୋଲିସର ୱାଣ୍ଟେଡ୍ ତାଲିକାରେ ଥିଲେ। ଗିରଫ ୮ ଜଣଙ୍କ ମଧ୍ୟରୁ ୭ ଜଣ କଶ୍ମୀରର। ଅରିଫ ନିସାର ଦର ଓରଫ ସହିଲ, ୟାସିର-ଉଲ୍-ଅଶ୍ରଫ ଏବଂ ମକସୁଦ ଅହମଦ ଦର ଓରଫ ଶହିଦଙ୍କ ଘର ଶ୍ରୀନଗରର ନାଓଗାମ୍ ହୋଇଥିବାବେଳେ ମୌଲବୀ ଇର୍ଫାନ ଅହମଦଙ୍କ ଘର ଶୋପିଆନ, ଜମିର ଅହମଦ ଅହଙ୍ଗେର ଓରଫ ମୁତ୍‌ଲାଶାଙ୍କ ଘର ଗଣ୍ଡରବାଲର ୱାକୁରା। ଡ. ମୁଜାମିଲ୍ ଅହମତଦ ଗନି ଓରଫ ମୁସାଇବଙ୍କ ଘର ପୁଲ୍‌ୱାମା ଏବଂ ଡ. ଆଦିଲଙ୍କ ଘର କୁଲଗାମ୍‌ର ୱାନ୍‌ପୋରା ବୋଲି ଜଣାପଡ଼ିଛି। ଡା. ଶହିନଙ୍କ ଘର ଲକ୍ଷ୍ନୌରେ। ଗନି ଏବଂ ଆଦିଲଙ୍କ ଫୋନ୍‌ରୁ ବହୁ ପାକିସ୍ତାନୀ ନମ୍ବର ମିଳିଛି। ସେମାନେ ଆତଙ୍କବାଦୀ ନେଟ୍‌ୱର୍କର ପରିଚାଳକ ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

ଗତ ମାସ ୧୯ରେ ଶ୍ରୀନଗରର ବୁନ୍‌ପୋରା ନାଓଗାମ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜେଇଏମ୍‌ର ଏକାଧିକ ପୋଷ୍ଟର ଲଗାଯାଇ ପୋଲିସ ଓ ସୁରକ୍ଷା ବଳକୁ ଧମକ ଦିଆଯାଇଥିଲା। ଏହା ଉପରେ ତଦନ୍ତ ଚାଲୁଥିବାବେଳେ ଆନ୍ତଃରାଜ୍ୟ ଟେରର ନେଟ୍‌ୱର୍କର ପର୍ଦ୍ଦାଫାଶ ହୋଇଛି। ଉନ୍ନତ ପେସାରେ ଥିବା ବ୍ୟକ୍ତିବିଶେଷ ଏବଂ ଛାତ୍ରମାନେ ପାକିସ୍ତାନ ଓ ଅନ୍ୟାନ୍ୟ ଦେଶରୁ ପରିଚାଳିତ ବିଦେଶୀ ହ୍ୟାଣ୍ଡଲରଙ୍କ ସହ ଯୋଗାଯୋଗରେ ଥିବାରୁ ହ୍ୱାଇଟ୍ କଲାର ଟେରର ଇକୋସିଷ୍ଟମ୍ ସାମ୍ନାକୁ ଆସିଛି। ଏହି ଗ୍ରୁପ୍ ପ୍ରଶିକ୍ଷଣ, ସମନ୍ୱୟ, ପାଣ୍ଠି ଏବଂ ଲଜିଷ୍ଟିକ୍ ଯୋଗାଣ ଲାଗି ଏନ୍‌କ୍ରିପ୍ଟେଡ୍ ଚ୍ୟାନେଲ୍ ବ୍ୟବହାର କରୁଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି। ସାମାଜିକ ବା ଦାତବ୍ୟ କାର୍ଯ୍ୟ ନାମରେ ପେସାଦାର ଏବଂ ଶିକ୍ଷା ନେଟ୍‌ୱର୍କ ଜରିଆରେ ପାଣ୍ଠି ସଂଗ୍ରହ କରାଯାଉଛି। ଅଭିଯୁକ୍ତମାନେ ଲୋକଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ କଠୋରପନ୍ଥୀ କରି ଆତଙ୍କବାଦୀ ର୍‍ୟାଙ୍କ୍‌ରେ ନିଯୁକ୍ତି ଦେଇଥାନ୍ତି। ଏଥିସହିତ ସେମାନେ ପାଣ୍ଠି ଉଠାଇବା, ଲଜିଷ୍ଟିକ୍ ବ୍ୟବସ୍ଥା, ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବୋମା ପ୍ରସ୍ତୁତି ସାମଗ୍ରୀ କ୍ରୟ କରିଥାନ୍ତି।

## ସ୍ୱାମୀଙ୍କ ମୃତ୍ୟୁର ...

ମନୋଜ ନିଜ ଘର ପିପିଲିକାନୀକୁ ବାଇକ୍‌ରେ ଫେରୁଥିଲେ। ରେଢ଼ାଖୋଲ ଆଦର୍ଶ ବିଦ୍ୟାଳୟ ଛକରେ ସମ୍ମୁଖ ଦିଗରୁ ଆସୁଥିବା ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଏଥିରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ତେବେ ସବୁଠାରୁ ଦୁଃଖଦ ଘଟଣା ହେଉଛି ସନ୍ଧ୍ୟା ପ୍ରାୟ ୭ଟା ବେଳେ ସ୍ୱାମୀ ମନୋଜଙ୍କର ମୃତ୍ୟୁ ଘଟିଥିବାବେଳେ ନାକଟିଦେଉଳ ଡାକ୍ତରଖାନାରେ ସଙ୍ଗୀତା ରାତ୍ର ପ୍ରାୟ ସାଢ଼େ ୯ଟାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ମା' ଗର୍ଭରୁ ଭୂମିଷ୍ଠ ହେବାର ପ୍ରାୟ ଅଢେଇ ଘଣ୍ଟା ପୂର୍ବରୁ ଜଣେ ଶିଶୁ ବାପଛେଉଣ୍ଡ ହୋଇଯାଇଥିଲେ। ଏହି ଘଟଣା ଉଭୟ ପରିବାରକୁ ମର୍ମାହତ କରିଛି ।

## ୧୫ ଡିଗ୍ରୀ ତଳେ ...

୧୪ ଡିଗ୍ରୀ, କୋରାପୁଟରେ ୧୪.୨ ଡିଗ୍ରୀ, ବଲାଙ୍ଗୀରରେ ୧୪.୫ ଡିଗ୍ରୀ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୪.୯ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ତେବେ ଶୀତ ଲହରକୁ ନେଇ ମଙ୍ଗଳବାର ଓ ବୁଧବାର ୬ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଦୁଇଦିନ କଟକ, ଖୋର୍ଦ୍ଧା, ଅନୁଗୋଳ, ଝାରସୁଗୁଡା, କନ୍ଧମାଳ ଏବଂ ସୁନ୍ଦରଗଡ଼ ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବ। ବିଶେଷକରି ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ଶୀତ ସହ ଅଧିକ କୁହୁଡି ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୫ଦିନରେ ୫ ଡିଗ୍ରୀ ହ୍ରାସ

ରାଜଧାନୀ ଭୁବନେଶ୍ୱରରେ ୫ ଦିନରେ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ହ୍ରାସ ପାଇଛି। ହଠାତ୍ ଥଣ୍ଡା ବଢ଼ିଯିବାରୁ ରାତିରେ ସହରର ଜନଜୀବନ ପ୍ରଭାବିତ ହେଉଛି। ଗୁରୁବାର ଭୁବନେଶ୍ୱର ତାପମାତ୍ରା ୧୮.୫ ଡିଗ୍ରୀ ରହିଥିବାବେଳେ ଶୁକ୍ରବାର ୧୯.୮ ଡିଗ୍ରୀ, ଶନିବାର ୧୮.୯ ଡିଗ୍ରୀ, ରବିବାର ୧୭.୪ ଡିଗ୍ରୀ ଏବଂ ସୋମବାର ୧୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨୪ ଘଣ୍ଟାରେ ମଧ୍ୟ ଭୁବନେଶ୍ୱର ତାପମାତ୍ରା ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବା ନେଇ ପୂର୍ବାନୁମାନ କରାଯାଇଛି।

# ମାସେ ପରେ ମୁଖ୍ୟ ଅଭିଯୁକ୍ତ ଶିବା ଗିରଫ

**ଏମ୍ସ କର୍ମଚାରୀଙ୍କୁ ଗୁଳିକରି ହତ୍ୟା ଘଟଣା**

■ ପୂର୍ବରୁ ବାପ, ପୁଅ ସମେତ ୪ଜଣ ଗିରଫ ହୋଇଥିଲେ

■ ଜିମ୍‌ରେ ହୋଇଥିଲା ଧମକ ଦିଆନିଆ



ଶିବା

ଭୁବନେଶ୍ୱର,୧୦ା୧୧(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଜମିଜମା ବିବାଦକୁ କେନ୍ଦ୍ର କରି ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)ଙ୍କୁ ଗୁଳିମାଡ଼ ଘଟଣାରେ ପୋଲିସ ପ୍ରାୟ ମାସେ ପରେ ଦାଦାପୁଅ ଭାଇ ତଥା ମୁଖ୍ୟ ଅଭିଯୁକ୍ତ ସଦାଶିବ ପ୍ରଧାନ ଓରଫ ଶିବାଙ୍କୁ ସୋମବାର ଗିରଫ କରିଛି। ଶିବା ପୋଲିସକୁ ଚକ୍‌ମା ଦେଇ କଟକ, ନିଆଳି, ଅଡ଼ଶପୁର, ବନମାଳିପୁର ଆଦିରେ ଘୁରି ବୁଲୁଥିଲେ। ପୋଲିସ ତାଙ୍କୁ ପିଛା କରି ପଞ୍ଚପାଳ-ବାଲିଅନ୍ତା ରାସ୍ତାରୁ ଧରିଥିଲା। ଅଭିଯୁକ୍ତ ଶିବାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହା ପୂର୍ବରୁ ଶିବାଙ୍କ ବାପା ସୁକାନ୍ତ ପ୍ରଧାନ ଓରଫ ଭାଲୁ, ବଡ଼ଭାଇ ଶୁଭେନ୍ଦୁ ପ୍ରଧାନ ଓରଫ ଛବି, ସାଙ୍ଗ ରାକେଶ ଖୁଣ୍ଟିଆ ଓରଫ ରାକା ଓ ରଘୁନାଥନଗରର କାହ୍ନା ଓରଫ ସୁବ୍ରତ ସାହୁଙ୍କୁ ଗିରଫ କରାଯାଇଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜୋନ୍ ଏସିପି ତାପସ ପ୍ରଧାନ କହିଛନ୍ତି। ତେବେ ଶିବା ବନ୍ଧୁକ କେଉଁଠୁ ଆଣିଲେ, ତାହା ଜାଣିବାକୁ ପ୍ରୟାସ ଚାଲିଥିବା ଏସିପି ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ସୁଧାଂଶୁଙ୍କ ପରିବାର ଓ ଶିବାଙ୍କ ପରିବାର ମଧ୍ୟରେ ଘରଡିହ ଜମିକୁ ନେଇ ବିବାଦ ଲାଗି ରହୁଥିଲା। ଏପରି କି ୭ବର୍ଷ ହେବ ଭୁବନେଶ୍ୱର ସିଭିଲ କୋର୍ଟରେ ଏନେଇ ମାମଲା ମଧ୍ୟ ଚାଲୁ ରହିଛି। ମୃତ୍ୟୁ ପୂର୍ବରୁ ଜେଜେ ମା' ବିଳାସିନୀ ସୁଧାଂଶୁଙ୍କ ନାଁରେ ଘରଡିହ କରିଦେଇଥିଲେ। କୋର୍ଟରେ ଏନେଇ ସୁଧାଂଶୁ ପ୍ରମାଣ ଦେବାରୁ ଦାଦା ପରିବାର ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ଦାଦା ସୁକାନ୍ତ, ଦୁଇ ପୁଅ ଛବି ଓ ଶିବା ଏବଂ ସାଙ୍ଗ ରାକେଶ ଏନେଇ ଷଡ଼ଯନ୍ତ୍ର କରିଥିଲେ। କିଛିଦିନ ତଳେ ଶିବା ଏକ ବନ୍ଧୁକ ଯୋଗାଡ଼ କରି ଆଣିଥିଲେ। ସୁଧାଂଶୁ ଅକ୍ଟୋବର ୧୩ ସକାଳ ୯ଟା ବେଳେ ବାଇକ୍ ଯୋଗେ ଏମ୍ସକୁ ଡ୍ୟୁଟି ଲାଗି ଯାଉଥିବାବେଳେ ଗାଁ ରାସ୍ତାରେ ଶିବା ଛକି ରହିଥିଲେ। ରାକେଶ ସେହି ବାଟେ ଆସି ପଛରେ ସୁଧାଂଶୁ ଆସୁଥିବା ଜଣାଇଥିଲେ। ସୁଧାଂଶୁଙ୍କୁ ରାସ୍ତାରେ ଅଟକାଇବା ସହ ତାଙ୍କ ଉପରକୁ ଶିବା ଗୁଳିମାଡ଼ କରି ହତ୍ୟା କରିଥିଲେ। ସୁଧାଂଶୁଙ୍କ ସାନ ଭାଇ ଦେବାଶିଷଙ୍କ ଏତଲାକ୍ରମେ ଖଣ୍ଡଗିରି ଥାନା ମାମଲା (ନଂ.୭୩୮/୨୦୨୫) ରୁଜୁ କରିଥିଲା। ତେବେ ଶିବା ଓ ସୁଧାଂଶୁ ସ୍ଥାନୀୟ ଅଞ୍ଚଳର ଏକ ଜିମ୍‌କୁ ଯାଉଥିବାବେଳେ ସେଠାରେ ପାରିବାରିକ ବିବାଦକୁ ନେଇ ଧମକ ଦିଆନିଆ ହେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

## ବାଲି ବସ୍ତା ରଖି ଗୁଳିଚାଳନା ଅଭ୍ୟାସ କରୁଥିଲେ

ଅଭିଯୁକ୍ତ ଶିବାଙ୍କ ପାଖରୁ ଏକ ମୋବାଇଲ୍ ଜବତ ହୋଇଥିବାବେଳେ ସେଥିରୁ ଏକ ସାଙ୍ଘାତିକ ଭିଡିଓ ମିଳିଛି, ଯାହା ପୋଲିସକୁ ଚକିତ କରିଦେଇଛି। ଶିବା ୬ ମାସ ପୂର୍ବରୁ ସୁଧାଂଶୁଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏଥିପାଇଁ ସେ ବନ୍ଧୁକ ଧରି ଗୁଳିଚାଳନା ଅଭ୍ୟାସ କରୁଥିଲେ। ଘରେ ବାଲିବସ୍ତା ଥୋଇ ଲକ୍ଷ୍ୟ ସାଧନା ପାଇଁ ବନ୍ଧୁକ ଚଳାଉଥିଲେ। ଏହାକୁ ବଡ଼ଭାଇ ଛବି ମୋବାଇଲରେ ଶୁଟିଂ କରିଥିଲେ। ତେବେ ଏହି ଭିଡିଓ ଥିବା ମୋବାଇଲକୁ ପୋଲିସ ଶିବାଙ୍କଠାରୁ ଜବତ କରିଛି। ଏହି ଭିଡିଓକୁ ବଳିଷ୍ଠ ପ୍ରମାଣ ଭାବେ କୋର୍ଟରେ ଉପସ୍ଥାପନା କରାଯିବ ବୋଲି ଏସିପି ପ୍ରଧାନ କହିଛନ୍ତି।

**୨୦୨୬ ମାର୍ଚ୍ଚ ସୁଦ୍ଧା ଓଡ଼ିଶାକୁ ମାଓବାଦୀମୁକ୍ତ କରିବାକୁ କସରତ**

# ରାଜ୍ୟରେ ଅଛନ୍ତି ୮୦ ମାଓବାଦୀ

ଭୁବନେଶ୍ୱର,୧୦ା୧୧(ସତ୍ୟଜିତ ରାଉତ)

■ ୧୦ ମାସରେ ୧୯ ଏନ୍କାଉଣ୍ଟର, ୭ ଗିରଫ, ୧୧ଜଣଙ୍କ ଆତ୍ମସମର୍ପଣ

■ କେକେବିଏନ୍ ମାଓ ଡିଭିଜନକୁ ଅଧିକ ଫୋକସ୍

ଦେଶର କେତେକ ରାଜ୍ୟରେ ମାଓବାଦୀଙ୍କ ହିଂସାକାଣ୍ଡ ଚିନ୍ତାର କାରଣ ପାଲଟିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ୨୦୨୬ ମାର୍ଚ୍ଚ ସୁଦ୍ଧା ସବୁ ରାଜ୍ୟକୁ ମାଓବାଦୀମୁକ୍ତ କରିବାକୁ ଟାର୍ଗେଟ୍ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ର ଓ ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଜୋରଦାର କମ୍ବିଂ ଅପରେସନ କରାଯାଇ ବହୁ ସଂଖ୍ୟାରେ ମାଓବାଦୀଙ୍କୁ ଏନ୍କାଉଣ୍ଟର କରାଯାଉଛି। ଏପରିକି କିଛି ମାସ ତଳେ ମହାରାଷ୍ଟ୍ର ଓ ଛତିଶଗଡ଼ରେ ଗଣସଂଖ୍ୟାରେ ମାଓବାଦୀମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶାକୁ ଧାର୍ଯ୍ୟ ତାରିଖ ସୁଦ୍ଧା ମାଓବାଦୀମୁକ୍ତ କରିବାକୁ ରାଜ୍ୟ ପୋଲିସ ପକ୍ଷରୁ ପ୍ରୟାସ କରାଯାଉଛି। ଓଡ଼ିଶାରେ ଏବେ ମୋଟ କେତେ ମାଓବାଦୀ ଅଛନ୍ତି, ସେମାନଙ୍କ ମଧ୍ୟରୁ କେତେ ସଂଖ୍ୟାରେ ଅଣଓଡ଼ିଆ ଏବଂ ମାଓବାଦୀମାନେ ବିଶେଷକରି କେଉଁ ଡିଭିଜନରେ ଅଧିକ ଚଳପ୍ରଚଳ କରୁଛନ୍ତି, ପୋଲିସ ଏହାର ବିବରଣୀ ପ୍ରସ୍ତୁତ କରି ସବୁ ମାଓବାଦୀ ଡିଭିଜନ୍‌କୁ ମୂଳପୋଛ କରିବାକୁ ଅଭିଯାନ ଆରମ୍ଭ କରିଛି।

ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟର ୯ ଜିଲା ମାଓବାଦୀ ପ୍ରଭାବିତ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଲିକାଭୁକ୍ତ କରାଯାଇଛି। ଉକ୍ତ ଜିଲାଗୁଡ଼ିକ ହେଲା କଳାହାଣ୍ଡି, କନ୍ଧମାଳ, ବଲାଙ୍ଗିର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଏବଂ ବୌଦ୍ଧ। ଛତିଶଗଡ଼ ସୀମାକୁ ଲାଗି ଥିବା ଜିଲାଗୁଡ଼ିକୁ ବିଶେଷ ଧ୍ୟାନ ଦିଆଯାଉଛି। ତେବେ ୪ ମାଓବାଦୀ ଡିଭିଜନ୍ ଓଡ଼ିଶା ମଧ୍ୟରେ ଆସୁଥିବାବେଳେ ସେଗୁଡ଼ିକ ହେଲା ଡିଜିଏନ (ଧମତ୍ରୀ-ଗରିଆବନ୍ଦ-ନୂଆପଡ଼ା), କେକେବିଏନ୍ (କନ୍ଧମାଳ-କଳାହାଣ୍ଡି-ବୌଦ୍ଧ-ନୟାଗଡ଼), ବିଜିଏନ (ବଂଶଧାରା-ଘୁମୁସର-ନାଗାବଳୀ) ଓ ବିବିଏମ (ବଲାଙ୍ଗୀର-ବରଗଡ଼- ମହାସମନ୍ଦ)। ଏଗୁଡ଼ିକ ମଧ୍ୟରୁ ଧମତ୍ରୀ, ଗରିଆବନ୍ଦ ଓ ମହାସମନ୍ଦ ଛତିଶଗଡ଼ରେ ଆସୁଛି। ତଥ୍ୟ ଅନୁଯାୟୀ, ଏବେ ଓଡ଼ିଶାରେ ମୋଟ ୮୦ ମାଓବାଦୀ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ମାତ୍ର ୪ଜଣ ଓଡ଼ିଶାର। ୨୦୨୫ ଜାନୁଆରୀରୁ ଏଯାଏ ରାଜ୍ୟରେ ୧୯ ଜଣ ମାଓବାଦୀଙ୍କୁ ଏନ୍କାଉଣ୍ଟର କରାଯାଇଛି। ଓଡ଼ିଶା ପୋଲିସ ଏବଂ ରାଜ୍ୟର ସୀମାନ୍ତରେ ଛତିଶଗଡ଼-ଓଡ଼ିଶା ପୋଲିସ ମିଳିତ ଅପରେଶନରେ ଏସବୁ ମାଓବାଦୀଙ୍କୁ ନିହତ କରାଯାଇଛି। ୭ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୧ଜଣ ମାଓବାଦୀ ବନ୍ଧୁକ ଛାଡ଼ି ଆତ୍ମସମର୍ପଣ କରିଛନ୍ତି। ଅପରପକ୍ଷରେ ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲରେ ଥିବା ମାଓବାଦୀଙ୍କ ପାଇଁ ସୁନ୍ଦରଗଡ଼ ଜିଲାରେ ବିପଦ ଘନେଇଛି। କିଛିମାସ ତଳେ ସରଣ୍ଡା ଜଙ୍ଗଲରୁ ମାଓବାଦୀମାନେ ଓଡ଼ିଶା ସୀମାରେ ପଶି ସୁନ୍ଦରଗଡ଼ରୁ ବିସ୍ଫୋରକ ସାମଗ୍ରୀ ଲୁଟ୍ କରିନେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସରଣ୍ଡା ଜଙ୍ଗଲକୁ ଲାଗି ଓଡ଼ିଶା ସୀମା ସୁନ୍ଦରଗଡ଼ ଜିଲାରେ ୩ଟି ସିଆରପିଏଫ୍(କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ) କ୍ୟାମ୍ପ ସ୍ଥାପନ କରାଯାଇଛି। ଗତମାସରେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ସ୍ପେଶାଲ ଜୋନାଲ କମିଟିର ୫ ଜଣ, ୨ଜଣ ମିଲିଟାରି ପ୍ଲାଟୁନ୍ କମାଣ୍ଡର ଏବଂ ୨ଜଣ ଡିଭିଜନାଲ କମିଟି ସଦସ୍ୟଙ୍କ ସୂଚନା ଦେବା ପାଇଁ ପୁରସ୍କାର ରାଶି ଘୋଷଣା ସହ ପୋଷ୍ଟର ଜାରି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୪ଜଣ ଓଡ଼ିଶାର। ତେବେ ଆଗାମୀ ମାର୍ଚ୍ଚ ସୁଦ୍ଧା ଓଡ଼ିଶା ମାଓବାଦୀମୁକ୍ତ ହେଉଛି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏନେଇ ଆଣ୍ଟି ନକ୍ସଲ ଅପରେଶନ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ରାଜ୍ୟର କନ୍ଧମାଳ ଓ ଏହାର ପଡ଼ୋଶୀ ଜିଲାରେ ମାଓବାଦୀ ସକ୍ରିୟ ରହିଛନ୍ତି। ବିଏସ୍ଏଫ୍ (ସୀମା ସୁରକ୍ଷା ବଳ) ଓ ସିଆର୍‌ପିଏଫ୍ ସହଯୋଗରେ ରାଜ୍ୟ ପୋଲିସ ପକ୍ଷରୁ ମିଳିତ ଅପରେଶନ କରାଯାଉଛି। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେବାକୁ ହେଲ୍ପଲାଇନ୍ ନମ୍ବର (୯୪୩୭୬୪୩୮୩୯) ମଧ୍ୟ ଜାରି କରାଯାଇଛି। ତେବେ ମାର୍ଚ୍ଚ ସୁଦ୍ଧା ରାଜ୍ୟକୁ ମାଓବାଦୀମୁକ୍ତ କରିବାକୁ ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି ବୋଲି ଏଡିଜି ପଣ୍ଡା କହିଛନ୍ତି।

**ଥାନାରେ ନାବାଳକଙ୍କୁ ମାଡ଼ ଅଭିଯୋଗ ଘଟଣା**

# ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ହେବ: ଏସ୍‌ପି

ଭଦ୍ରକ/ତିହିଡ଼ି,୧୦ା୧୧
(ସନାତନ ରାଉତ/ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ପୀରହାଟ ଥାନାରେ ଏକ ମୋବାଇଲ ଚୋରି ମାମଲାରେ ଜଣେ ନାବାଳକଙ୍କୁ ପୋଲିସର ମାଡ଼ ମାରିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷେ ଏହି ଘଟଣାକୁ ଭଦ୍ରକ ଏସ୍‌ପି ମନୋଜ ରାଉତ ଅସ୍ୱୀକାର କରିଛନ୍ତି। ନାବାଳକ ଏବଂ ତାଙ୍କ ବାପାଙ୍କୁ ଥାନାକୁ ଡକାଯାଇଥିଲା। ନାବାଳକଙ୍କୁ ଯେମିତି ପଚାରିବା କଥା ପୋଲିସ ସେମିତି ପଚରାଉଚରା କରିଥିଲା। କିନ୍ତୁ କେତେଜଣ ଲୋକଙ୍କ ପ୍ରରୋଚନାରେ ପଡ଼ି ପୋଲିସ ମାଡ଼ ମାରିଥିବା ନେଇ ମିଥ୍ୟା ଅଭିଯୋଗ ହୋଇଛି। ଯଦି ଏଥିରେ ସତ୍ୟତା ଥିବ, ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରବିବାର ରାତିରେ ଏସ୍‌ପି କହିଛନ୍ତି। ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରାଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

ପ୍ରକାଶ ଯେ, ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଏକ ମୋବାଇଲ ଚୋରି ଘଟଣାକୁ ନେଇ ଶରତ ମାଝୀଙ୍କ ପରିବାର ସହ ଅନ୍ୟ ଏକ ପରିବାରର ବିବାଦ ଉପୁଜିଥିଲା। ଅପରପକ୍ଷର ଜଣେ ମହିଳା ଗତ ମାସ ୨୭ ତାରିଖରେ ଶରତଙ୍କ ନାବାଳକ ପୁଅ ନାଁରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ। ପରଦିନ ଶରତ ମଧ୍ୟ ଏହି ଘଟଣାକୁ ନେଇ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଗତ ୨ତାରିଖ ରାତି ୮ଟାରେ ଥାନାରେ ହାଜର ହେବାକୁ ଶରତଙ୍କୁ ଫୋନ ଯୋଗେ

**ଅତିରିକ୍ତ ଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ**

ପୋଲିସ ଜଣାଇଥିଲା। ଶରତ, ତାଙ୍କ ନାବାଳକ ପୁଅ ଏବଂ ଅପରପକ୍ଷ ଥାନାରେ ପହଞ୍ଚିଥିଲେ। ଥାନାଧିକାରୀ ରୋଜାଲିନ ବେହେରା ଉଭୟ ପକ୍ଷକୁ ଡାକି ମୋବାଇଲ ସମ୍ପର୍କରେ ପଚରାଉଚରା କରିଥିଲେ। ମୋବାଇଲ ଚୋରି କରି ଥିବା ନାବାଳକ ଜଣକ କହିବା ପରେ ଥାନାର ଜଣେ ଏସ୍‌ଆଇ ତାଙ୍କୁ ବାହାରକୁ ଟାଣିନେଇ ଥାନା ବାହାରେ ଏକ ଅନ୍ଧାରୁଆ ସ୍ଥାନରେ ମାଡ଼ ମାରିଥିଲେ ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି। ଥାନାର ଅନ୍ୟ ଜଣେ କର୍ମଚାରୀ ମଧ୍ୟ ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ପିଟିବା ସହ ଶାର୍ଟ, ପ୍ୟାଣ୍ଟ ଖୋଲିବାକୁ ଧମକ ଦେବାରୁ ସେ ଶାର୍ଟ ଖୋଲିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ରାତି ୧ଟା ପରେ ବାପ ପୁଅଙ୍କୁ ପୋଲିସ ଛାଡ଼ିବା ପରେ ନାବାଳକ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ନାବାଳକ ସୁସ୍ଥ ହେବା ପରେ ତାଙ୍କ ବାପା ଏ ସମ୍ପର୍କରେ ଏସ୍‌ପିଙ୍କ ସମେତ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଥାନାର ସିସିଟିଭି ଫୁଟେଜ ଆଧାରରେ ପୋଲିସର ମାଡ଼ ଘଟଣାର ସତ୍ୟାସତ୍ୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଥିଲେ। ଏପରିକି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରା ନ ଗଲେ ସପରିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଅନଶନ କରିବେ ବୋଲି ଶରତ ଚେତାବନୀ ଦେଇଛନ୍ତି।

# ଲାଏ ଡିଟେକ୍ସନ ଟେଷ୍ଟ ଆବେଦନର ଶୁଣାଣି ହୋଇନି

ବ୍ରହ୍ମପୁର,୧୦ା୧୧(ସୁବାସ ଚନ୍ଦ୍ର ପାଢ଼ୀ)

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ସିଲିକନ ଟେକ୍ ଲାବ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକଙ୍କ ଲାଏ ଡିଟେକ୍ସନ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ରହ୍ମପୁର ଜେଏମ୍ଏଫ୍‌ସି (ଗ୍ରାମାଞ୍ଚଳ) କୋର୍ଟରେ ହୋଇଥିବା ଆବେଦନର ଶୁଣାଣି ସୋମବାର ହୋଇପାରି ନାହିଁ। ତଦନ୍ତକାରୀ ଅଧିକାରୀ କୌଣସି କାରଣବଶତଃ କୋର୍ଟରେ ହାଜର ହୋଇ ନ ଥିବାରୁ ଶୁଣାଣି ହୋଇପାରିନି ବୋଲି ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। କୋର୍ଟଙ୍କ ଅନୁମତି ପରେ ଅଭିଯୁକ୍ତଦ୍ୱୟଙ୍କ ଭୁବନେଶ୍ୱର ଷ୍ଟେଟ୍ ଫରେନ୍‌ସିକ୍ ଲାବ୍‌ରେ ପଲିଗ୍ରାଫ ଟେଷ୍ଟ କରାଯିବ ବୋଲି ଜଣାପଡ଼ିଛି।

ସିଲିକନ ଟେକ୍‌ର ମୁଖ୍ୟ ସୁରେଶ ଓ ପଞ୍ଚସଫ୍ଟ ସଂସ୍ଥାର ମୁଖ୍ୟ ଶଙ୍କରଙ୍କୁ କ୍ରାଇମବ୍ରାଞ୍ଚ ଗତ ୪ ତାରିଖରେ କୋର୍ଟ ଚାଲାଣ କରିଥିଲା। ପରେ ଶଙ୍କର ଏବଂ ପୂର୍ବରୁ ବାଲେଶ୍ୱରରୁ ଗିରଫ ହୋଇଥିବା ଦଲାଲ ଅରବିନ୍ଦ ଦାସଙ୍କୁ ରିମାଣ୍ଡରେ ନେଇ ଜେରା କରିବା ପରେ ଗତ ୮ତାରିଖରେ କୋର୍ଟ ହାଜର କରିଥିଲା। ଶଙ୍କରଙ୍କୁ ଜେରା ବେଳେ ଅନେକ ତଥ୍ୟ ମିଳିଥିବା ସୂଚନା ମିଳିଛି। ତେବେ ଶଙ୍କର ସତ କହିଥିଲେ ନା ନାହିଁ, ତାହା ଏବେ ସନ୍ଦେହ ଘେରରେ। ସେପଟେ ସୁରେଶ ଓ ଶଙ୍କରଙ୍କ ଭିତରେ କ'ଣ ଡିଲ୍ ହୋଇଥିଲା ତାହା ଜଣାପଡ଼ିନାହିଁ। ଏହି ୨ ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ ହେଲେ ସତ ଜଣାପଡିବ ବୋଲି କ୍ରାଇମବ୍ରାଞ୍ଚ କୋର୍ଟରେ ଆବେଦନ କରିଥିଲେ।

**Business**

# ଅପଗ୍ରେଡ୍ ହେବ ସମ୍ବଲପୁର ଡିଭିଜନରେ ବିଦ୍ୟୁତୀକରଣ ପ୍ରଣାଳୀ

ଭୁବନେଶ୍ୱର,୧୦ା୧୧(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ଏହାର ଟ୍ରାକ୍ସନ ପାୱାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛି, ଯାହାଦ୍ୱାରା ସିଙ୍ଗାପୁର ରୋଡ-ଟିଟିଲାଗଡ଼ ସେକ୍ସନରେ ବିଦ୍ୟମାନ ୧X୨୫ କେଭି ଓଭରହେଡ ବିଦ୍ୟୁତୀକରଣ (ଓଏଚ୍ଇ) ସିଷ୍ଟମକୁ ଉନ୍ନତ ୨X୨୫ କେଭି ସିଷ୍ଟମରେ ଅପଗ୍ରେଡେଶନ କରାଯିବ, ଯେଉଁଥିରେ ସମ୍ବଲପୁର ଡିଭିଜନର ଟିଟିଲାଗଡ଼-ବଡ଼ମାଲ ଏବଂ ଟିଟିଲାଗଡ଼-ମୁରିବାହାଲ ଟ୍ରିପଲ ଲାଇନ ସେକ୍ସନ ରହିଛି । ଏହି ପ୍ରକଳ୍ପ ୧୫୩ ରୁଟ୍ କିଲୋମିଟର ଏବଂ ୫୭୫ ଟ୍ରାକ କିଲୋମିଟରକୁ ଅନ୍ତର୍ଭୁକ୍ତ କରି ୪୬୫.୪୭ କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ ପ୍ରସ୍ତାବିତ ହୋଇଛି। ଏହି କାର୍ଯ୍ୟ ଭାରତୀୟ ରେଳପଥରେ ବୈଦ୍ୟୁତିକ ଟ୍ରାକ୍ସନ ସିଷ୍ଟମକୁ ଉନ୍ନତ କରିବା ପାଇଁ ଏହା ରେଳୱେ ବୋର୍ଡ ପଦକ୍ଷେପର ଏକ ପ୍ରମୁଖ ଅଂଶ, ଯାହା ପାଇଁ ବିଦ୍ୟୁତ୍ ଯୋଗାଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ବିଦ୍ୟୁତୀକରଣ ହୋଇଥିବା ରୁଟ୍‌ର କ୍ଷମତା ବୃଦ୍ଧି କରିବା ପାଇଁ ଦେଶବ୍ୟାପୀ ପ୍ରାୟ ୧୨,୦୦୦ କୋଟି ଟଙ୍କାର ଆବଣ୍ଟନ କରାଯାଇଛି। ୨X୨୫ କେଭି ଟ୍ରାକ୍ସନ ସିଷ୍ଟମ ଏକ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ବିଦ୍ୟୁତୀକରଣ ବିନ୍ୟାସ, ଯାହା ୫୦କେଭିରେ ଶକ୍ତି ପରିବହନ କରେ ଏବଂ ନିୟମିତ ବ୍ୟବଧାନରେ ସ୍ଥାପିତ ଅଟୋଟ୍ରାନ୍ସଫର୍ମର ମାଧ୍ୟମରେ ଟ୍ରେନଗୁଡ଼ିକୁ ୨୫କେଭି ପ୍ରଦାନ କରେ। ଏହା ସ୍ଥିର ଭୋଲଟେଜ ସୁନିଶ୍ଚିତ କରିବା ସହିତ ବିଦ୍ୟୁତ କ୍ଷତିକୁ କମ୍ କରେ ଏବଂ ବୈଦ୍ୟୁତିକ ଲୋକୋମୋଟିଭର ସାମଗ୍ରିକ କାର୍ଯ୍ୟକ୍ଷମତାକୁ ଉନ୍ନତ କରେ। ଅପଗ୍ରେଡ ସିଷ୍ଟମ ସେମି-ହାଇ-ସ୍ପିଡ ଯାତ୍ରୀବାହୀ ଟ୍ରେନ ଏବଂ ଅତ୍ୟଧିକ ଲୋଡ ହୋଇଥିବା ମାଲବାହୀ ଟ୍ରେନଗୁଡ଼ିକର ନିର୍ବିଘ୍ନ କାର୍ଯ୍ୟକୁ ସକ୍ଷମ କରିବ, ନିର୍ଭରଯୋଗ୍ୟତା, ଉନ୍ନତ ପରିବହନ କ୍ଷମତା ଏବଂ ହ୍ରାସିତ ରକ୍ଷଣାବେକ୍ଷଣ ଆବଶ୍ୟକତା ସୁନିଶ୍ଚିତ କରିବ। ସିଙ୍ଗାପୁର ରୋଡ-ଟିଟିଲାଗଡ଼ କରିଡର ପୂର୍ବତଟ ରେଳପଥ ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଲ ପରିବହନ ମାର୍ଗ, ଯାହା ଖଣିଜ ପଦାର୍ଥ, କୋଇଲା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକୁ ସହଜ କରିଥାଏ। ୨X-୨୫କେଭି ସିଷ୍ଟମ ଗ୍ରହଣ କରିବା ଦ୍ୱାରା ସେକ୍ସନର ପରିବହନ ଶକ୍ତି ବୃଦ୍ଧି ହେବ, ଭୋଲଟେଜ ନିୟନ୍ତ୍ରଣରେ ଉନ୍ନତି ଆସିବ ଏବଂ ଯାତ୍ରୀ ଏବଂ ମାଲ୍ ପରିବହନ କାର୍ଯ୍ୟରେ ଭବିଷ୍ୟତର ଅଭିବୃଦ୍ଧିକୁ ସମୟୋଚିତ କରାଯିବ।

## ଏୟାରଟେଲ ପେମେଣ୍ଟସ ବ୍ୟାଙ୍କର ଫଳାଫଳ ପ୍ରକାଶ

ଭୁବନେଶ୍ୱର,୧୦ା୧୧

ଏୟାରଟେଲ ପେମେଣ୍ଟ୍ସ ବ୍ୟାଙ୍କ ପକ୍ଷରୁ୨ୟ ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ବ୍ୟାଙ୍କର ତ୍ରୈମାସିକ ରାଜସ୍ୱ ୮୦୦ କୋଟି ଟଙ୍କା ଅତିକ୍ରମ କରିଛି ଯାହା ୧୯.୪%ର ଏକ ବାର୍ଷିକ ଅଭିବୃଦ୍ଧି ହାସଲ କରିଛି। ଏହି ତ୍ରୈମାସିକ ପାଇଁ ଇବିଆଇଟିଡ଼ିଏ ୮୯.୩ କୋଟି ଟଙ୍କା ରହିଛି ଯାହା ଗତବର୍ଷର ସମାନ ଅବଧି ତୁଳନାରେ ୧୭.୪% ଅଧିକ ରହିଛି। ୨ୟ ତ୍ରୈମାସିକରେ ବ୍ୟାଙ୍କର ଲାଭ ୧୧.୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ଅବଧିରେ ବ୍ୟାଙ୍କର ଆନୁଆଲାଇଜ୍‌ଡ ଗ୍ରସ ମର୍ଚ୍ଚାଣ୍ଡାଇଜ ଭାଲ୍ୟୁ(ଜିଏମଭି) ୪୫୬୦ ବିଲିୟନ ଟଙ୍କାରେ ପହଞ୍ଚିଛି। ଏସମ୍ପର୍କରେ ଏୟାରଟେଲ ପେମେଣ୍ଟ୍ସ ବ୍ୟାଙ୍କର ଏମ୍‌ଡି ଓ ସିଇଓ, ଅନୁବ୍ରତ ବିଶ୍ୱାସ କହିଛନ୍ତିଯେ, ଆମର ନିରନ୍ତର ଅଭିବୃଦ୍ଧି ଆମର ଡିଜିଟାଲ-ପ୍ରଥମ ମଡେଲର ଶକ୍ତି ଏବଂ ଆମ ଉପରେ ଗ୍ରାହକମାନେ ଦେଖାଇଥିବା ଗଭୀର ବିଶ୍ୱାସକୁ ପ୍ରତିଫଳନ କରୁଛି।

# ଖିମ୍‌ଜୀ ଗ୍ରୁପର ୨୪ ଜଣ କଲେ ରକ୍ତଦାନ

ଭୁବନେଶ୍ୱର,୧୦ା୧୧(ଅନୁରାଧା ମହାରଣା)




ଖିମଜୀ ଗ୍ରୁପ ଓ ଭାରତୀୟ ରେଡକ୍ରସ ସୋସାଇଟି (ଆଇଆରସିଏସ) ର ଓଡ଼ିଶା ରାଜ୍ୟ ଶାଖା ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏନ୍ଏସ୍ଆଇସି ସୌଧରେ ଥିବା ଖିମଜୀ ଗ୍ରୁପ କର୍ପୋରେଟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଖିମଜୀ ଗ୍ରୁପର ୨୪ଜଣ କର୍ମଚାରୀଙ୍କ ସହିତ ଏନ୍ଏସ୍ଆଇସି ପରିସରରୁ ୧୦ଜଣ ରକ୍ତଦାନ କରିଥିଲେ। ଏହି ଶିବିରକୁ ଖିମ୍‌ଜୀ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ମିତେଶ ଖିମ୍‌ଜୀ ଏବଂ ଆଇଆର୍‌ଏସ୍ ମେଡିକାଲ ଅଫିସର ଡା. ରଘୁନାଥ ବେହେରା, ରେଡକ୍ରସ୍ ପ୍ରତିନିଧି ଗୁଲ୍‌ଶନ କୁମାର ଦାଶ, ଓଡ଼ିଶା ରକ୍ତ ସଞ୍ଚାର ମହାସଂଘ ସଂଯୋଜକ ପ୍ରମୁଖ ଏହି ଶିବିର ଉଦଘାଟନ କରିଥିଲେ। ଏହି ଅବସରରେ ମିତେଶ ଖିମଜୀ କହିଥିଲେ, 'ରକ୍ତ ହେଉଛି ଲାଲ୍ ସୁନା ଏବଂ ଏହାର ମୂଲ୍ୟ ଜରୁରୀ ପରିସ୍ଥିତିରେ କେତେ ମୂଲ୍ୟବାନ ତାହା ଜଣାପଡିଥାଏ। ପ୍ରତ୍ୟେକ ରକ୍ତ ବୁନ୍ଦା ଆବଶ୍ୟକ କରୁଥିବା ଜଣେ ବ୍ୟକ୍ତିଙ୍କ ପାଇଁ ଆଶାର କିରଣ। ଜଣେ ବ୍ୟକ୍ତି ସମାଜ ପ୍ରତି ନିଜର ଅନ୍ୟତମ ଉଲ୍ଲେଖନୀୟ ଅବଦାନ ଭାବରେ ରକ୍ତଦାନ କରିପାରିବେ। ଖିମ୍‌ଜୀରେ ଆମେ ବିଶ୍ୱାସ ରଖୁଛୁ ଯେ, ପ୍ରତ୍ୟେକ ୟୁନିଟ୍ ରକ୍ତର ତିନିଟି ମୂଲ୍ୟବାନ ଜୀବନ ବଞ୍ଚାଇବାର ଶକ୍ତି ରହିଛି। ଏହି ପ୍ରୟାସ ଅନୁକମ୍ପା, ଯତ୍ନ ଏବଂ ପିଢି ପରେ ପିଢି ଆମ ଉପରେ ବିଶ୍ୱାସ ରଖିଆସୁଥିବା ସମାଜ ପ୍ରତି ପ୍ରତିଦାନ ରଖିବା ନିମନ୍ତେ ଆମର ଦୀର୍ଘସ୍ଥାୟୀ ମୂଲ୍ୟବୋଧର ଏକ ବାସ୍ତବ ପ୍ରତିଫଳନ ହୋଇଛି।

# ଦୈନିକ ୩.୫ ଲକ୍ଷ ଡିଜିଟାଲ ବୁକିଂ କରିବ ରେଡବସ୍

ଭୁବନେଶ୍ୱର,୧୦ା୧୧
(ଅନୁରାଧା ମହାରଣା)

ବିଶ୍ୱର ସର୍ବବୃହତ ଅନଲାଇନ ବସ ଟିକେଟିଂ ପ୍ଲାଟଫର୍ମ ରେଡବସ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସହ ଏହାର ସହଭାଗିତା ଘୋଷଣା କରିଛି। ଏହି ସହଯୋଗ ରେଡବସ ବ୍ୟବହାରକାରୀଙ୍କୁ ରେଡବସ ପ୍ଲାଟଫର୍ମ ମାଧ୍ୟମରେ ଓଏସଆରଟିସିରେ ବୁକିଂ କରିବାକୁ ଅନୁମତି ଦେବ, ଯେଉଁଥିରେ ଏହାର ସହଯୋଗୀ ସେବା ଯେପରିକି ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ,ସିଏମ ବସ ସେବା ଓ ମୁଖ୍ୟମନ୍ତ୍ରୀଙ୍କ ବସସେବା ଅନ୍ତର୍ଭୁକ୍ତ। ରେଡବସ ଏବେ ରାଜ୍ଯ ମାଲିକାନାରେ ଥିବା ବସ ପରିବହନ ନିଗମର ୩.୫ ଲକ୍ଷ ଦୈନିକ ଯାତ୍ରୀଙ୍କୁ ରେଡବସ ଆପ ମାଧ୍ୟମରେ ସହଜରେ ସେମାନଙ୍କ ସିଟ ବୁକ କରିବାକୁ ସକ୍ଷମ କରିବ। ରେଡବସରେ ୧୪ ହଜାର ସିଟ (ପ୍ରତିଦିନ)ର ଇନଭେଣ୍ଟାରୀ ରଖିବାକୁ ସକ୍ଷମ କରିଥାଏ , ଯାହା ସମଗ୍ର ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ମଧ୍ୟପ୍ରଦେଶରୁ ନିଗମ ପାଇଁ ଅନଲାଇନ ଟିକଟ ବିକ୍ରୟକୁ ବୃଦ୍ଧି କରିଥାଏ। ଓଏସଆରଟିସିର ଫ୍ଲିଟ ଅନ୍ତର୍ଭୁକ୍ତ ହେବା ସହ ରେଡବସରେ ଉପଲବ୍ଧ ମୋଟ ବସ ସଂଖ୍ୟା ଓଡ଼ିଶାରେ ପ୍ରାୟ ୬୦% ବୃଦ୍ଧି ପାଇବ। ରେଡବସର ସିବିଓ ମନୋଜ ଅଗ୍ରୱାଲା କହିଛନ୍ତି ଯେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସହିତ କାମ କରିବା ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ, ବ୍ୟବସାୟିକ ଦୃଷ୍ଟିରୁ ଏବଂ ଗ୍ରାହକ ଦୃଷ୍ଟିକୋଣରୁ ଏହା ମହତ୍ୱପୂର୍ଣ୍ଣ।

# ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ସମ୍ପର୍କ




ଭୁବନେଶ୍ୱର,୧୦ା୧୧

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ସାମୁଦାୟିକ ବିକାଶ ପଦକ୍ଷେପ, ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ସ୍ଥାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ କମ୍ପାନୀ ବଞ୍ଜାରୀ, କୁଡାଲୋଇ ଏବଂ ପିପଲିମାଲ ଗ୍ରାମରୁ ୧,୦୦୦ରୁ ଅଧିକ ମହିଳାଙ୍କୁ ରୋଷେଇ ଘର ଉଦ୍ୟାନ ଗ୍ରହଣ କରିବା ଏବଂ ଘରେ ଉତ୍ପାଦିତ ଜୈବିକ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଜୈବିକ ସାର ସହିତ ୧୦ ପ୍ରକାରର ପନିପରିବା ବିହନ ଥିବା ଏକ ରୋଷେଇ ଘର ଉଦ୍ୟାନ କିଟ୍ ପ୍ରଦାନ କରାଯାଇଛି। ମହିଳା ଏବଂ ଅଙ୍ଗନୱାଡିକର୍ମୀଙ୍କୁ ଏହା ବଣ୍ଟନ କରାଯାଇଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ସ୍ଥାୟୀ ବିକାଶ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ଆରମ୍ଭ ହୁଏ। ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ଆମେ ଗ୍ରାମୀଣ ଓଡ଼ିଶାର ମହିଳାମାନଙ୍କୁ ରୋଷେଇ ଘର ଉଦ୍ୟାନ ଚାଷ କରି ସେମାନଙ୍କ ପରିବାରର ପୁଷ୍ଟି ଏବଂ କଲ୍ୟାଣର ଦାୟିତ୍ୱ ନେବାକୁ ସକ୍ଷମ କରୁଛୁ।

# କାର୍ବନ ନିର୍ଗମନ ହ୍ରାସକୁ ଏଏମ୍ଏନ୍ଏସ୍ ଇଣ୍ଡିଆର ଗୁରୁତ୍ୱ

ଭୁବନେଶ୍ୱର,୧୦ା୧୧

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍ଏନ୍ଏସ୍ ଇଣ୍ଡିଆ) ଆର୍ଥିକ ବର୍ଷ ୨୦୨୪-୨୦୨୫ ପାଇଁ ଏହାର ସଷ୍ଟେନେବିଲିଟି ରିପୋର୍ଟ ପ୍ରକାଶ କରିଛି, ଯାହା ଡିକାର୍ବୋନାଇଜେଶନ, ସର୍କୁଲାରିଟି ଏବଂ ଗୋଷ୍ଠୀମାନଙ୍କ ସଶକ୍ତୀକରଣ ପ୍ରତି ଏହାର ପ୍ରତିବଦ୍ଧତା ଉପରେ ମାପଯୋଗ୍ୟ ଅଗ୍ରଗତିକୁ ସୂଚିତ କରିଛି। ଗ୍ଲୋବାଲ ରିପୋର୍ଟିଂ ଇନିସିଏଟିଭ (ଜିଆର୍ଆଇ) ୨୦୨୧, ୟୁରୋପିଆନ ସଷ୍ଟେନେବିଲିଟି ରିପୋର୍ଟିଂ ଷ୍ଟାଣ୍ଡାର୍ଡସ (ଇଏସ୍ଆର୍ଏସ), ଇଣ୍ଟିଗ୍ରେଟେଡ ରିପୋର୍ଟିଂ (ଆଇଆର) ଏବଂ ବ୍ୟବସାୟିକ ଦାୟିତ୍ୱ ଏବଂ ସଷ୍ଟେନେବିଲିଟି ରିପୋର୍ଟିଂ (ବିଆର୍ଏସଆର) ଭଳି ବିଶ୍ୱ ମାନକ ସହିତ ସମନ୍ୱୟ ରକ୍ଷା କରି ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ସର୍କୁଲାରିଟିକୁ ଗ୍ରହଣ କରିବା ପାଇଁ ଏଏମ୍ଏନ୍ଏସ ଇଣ୍ଡିଆର ପ୍ରୟାସ ସମ୍ପର୍କରେ ଏହି ରିପୋର୍ଟରେ ମଧ୍ୟ ଉଲ୍ଲେଖ କରାଯାଇଛି । ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍ଏନ୍ଏସ୍ ଇଣ୍ଡିଆ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ କହିଛନ୍ତି, ସ୍ଥାୟିତ୍ୱ ଆମର ବ୍ୟବସାୟ ପରିଚାଳନାର ଏକ ଅବିଚ୍ଛେଦ୍ୟ ଅଂଶ, ଯାହା ନବସୃଜନକୁ ପ୍ରୋତ୍ସାହନ, ଜାତୀୟ ଜଳବାୟୁ କାର୍ଯ୍ୟାନ୍ୱୟନ ଲକ୍ଷ୍ୟରେ ଯୋଗଦାନ ଏବଂ ଆମର କର୍ମଚାରୀ ଏବଂ ଅନ୍ୟାନ୍ୟ ସମସ୍ତ ଅଂଶୀଦାରଙ୍କ କଲ୍ୟାଣ ଏବଂ ସୁରକ୍ଷାକୁ ସୁନିଶ୍ଚିତ କରୁଛି।

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନାଗୁଡିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। **–ଶ୍ରୀମା**

# ଶ୍ରେଣୀ ବିପଦ

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ଓ ତାଙ୍କ ବ୍ୟବସାୟିକ ସହଯୋଗୀ ପୁନେର ମୁନ୍ଧୱା–କେରୋଗାଁଓ ପାର୍କ ଅଞ୍ଚଳରେ ୪୦ ଏକର ସରକାରୀ ଜମିକୁ ୩୦୦ କୋଟି ଟଙ୍କାରେ କିଣିବା ବିଷୟ ପ୍ରଘଟ ହେବା ପରେ ମହାରାଷ୍ଟ୍ର ରାଜନୀତିରେ ଉତ୍ତାପ ବୃଦ୍ଧି ପାଇଛି। ଏହି ଜମିର ମୂଲ୍ୟ ୧,୮୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ବେଳେ ତାହାକୁ କାରସାଦି କରାଯାଇ କିଣାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଭାଜପା ପରିଚାଳିତ ମହାଯୁତି ସରକାର ଅଡୁଆରେ ପଡ଼ିଛନ୍ତି। ସୂଚନା ଦିଆଯାଇପାରେ ଯେ, ସେଠାରେ ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସ ମୁଖ୍ୟମନ୍ତ୍ରୀ ଥିବା ବେଳେ ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି)ରୁ ଅଜିତ ପାୱାର ଓ ଶିବ ସେନାରୁ ଏକନାଥ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ଅଛନ୍ତି। ଭାଜପା ଦୁର୍ନୀତିକୁ ପ୍ରଶ୍ରୟ ଦିଏ ନାହିଁ ବୋଲି କହୁଥିବା ବେଳେ ମେଣ୍ଟ ସରକାରର ଉପମୁଖ୍ୟମନ୍ତ୍ରୀଙ୍କ ପୁଅ ଜମି ହେରଫେରରେ ଜଡ଼ିତ ରହିବା ମହାରାଷ୍ଟ୍ର ରାଜନୀତିକୁ ଗରମ ରଖିବା ସ୍ୱାଭାବିକ। ସବୁଠାରୁ କୌତୂହଳ କଥା ହେଉଛି ସ୍ୱୟଂ ଅଜିତ ପାୱାର କହିଛନ୍ତି, କିଣାଯାଇଥିବା ଜମି ସରକାରଙ୍କର ବୋଲି ତାଙ୍କ ପୁଅ ଓ ସହଯୋଗୀମାନେ ଜାଣି ନ ଥିଲେ। ବିରୋଧୀ ଦଳଗୁଡ଼ିକ ଉପମୁଖ୍ୟମନ୍ତ୍ରୀ ଅଜିତଙ୍କ ଏହି ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗ ଆଣି ନୈତିକ ଦୃଷ୍ଟିକୋଣରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏ ନେଇ ସେମାନେ ନ୍ୟାୟିକ ତଦନ୍ତ ମଧ୍ୟ ଦାବି କଲେଣି।

ଏଠାରେ ଉଲ୍ଲେଖଯୋଗ୍ୟ, ଆଜିର ଭାରତରେ ତୁଳନାତ୍ମକ ଭାବରେ ଦେଖିଲେ ଅଜିତ୍ ପାୱାରଙ୍କ ପୁତ୍ର ସରକାରୀ ଜମି ପାଇଁ ଅତ୍ୟଧିକ ଅର୍ଥ ଦେଇ ଜମି ହାତେଇଛନ୍ତି। ଅନ୍ୟ ଗୋଟିଏ ଉଦାହରଣ ଦେଖାଯାଉ। ବିହାରର ଭାଗଲପୁର ଜିଲାରେ ଆଦାନୀ କମ୍ପାନୀକୁ କୋଇଲା ଚାଳିତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କାରଖାନା ସ୍ଥାପନ କରିବା ପାଇଁ ୧,୦୫୦ ଏକର ଜମି ରାଜ୍ୟ ସରକାର ୩୩ ବର୍ଷ ପାଇଁ ଲିଜ୍ ଆକାରରେ ଦେଇଛନ୍ତି। ଆଦାନୀକୁ ମୂଲ୍ୟ ଭାବେ ପ୍ରତ୍ୟେକ ବର୍ଷ ଏକର ପିଛା ୧ ଟଙ୍କା ଦେବାକୁ ବାଧ୍ୟ କରାଯିବ। ଅର୍ଥାତ୍ ୧,୦୫୦ ଏକର ପାଇଁ ବାର୍ଷିକ ୧,୦୫୦ ଟଙ୍କା ଦେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲିଜ୍ ଦିଆଗଲା। ଅନିର୍ଦ୍ଦିଷ୍ଟ କାଳ ଏଇଥିପାଇଁ କୁହାଯାଉଛି କାରଣ ସରକାରୀ ଜମିକୁ ଯେଉଁ ଉଦ୍ଦେଶ୍ୟରେ ଦିଆଯାଇଛି ସେହି ଉଦ୍ଦେଶ୍ୟରେ ଯଦି ବ୍ୟବହାର କରାଯାଏ, ତେବେ ସବୁବେଳେ ଲିଜ୍ ନବୀକରଣ ହୋଇଚାଲୁଥିବ। ଉଲ୍ଲେଖଯୋଗ୍ୟ ଯେ, ଭାଗଲପୁର ଜମି ଉପରେ ଥିବା ପ୍ରାୟ ୧୦ ଲକ୍ଷ ଗଛ କଟାଯିବା ଆରମ୍ଭ ହୋଇଛି, ଯାହାକୁ ଚାଷୀ ସଙ୍ଗଠନଗୁଡ଼ିକ ବିରୋଧ କରିଛନ୍ତି। ପରବର୍ତ୍ତୀ ସମୟରେ, ଉତ୍ପାଦନ ଆରମ୍ଭ ହେବା ପରେ, କମ୍ପାନୀ ତାହାର ବିଦ୍ୟୁତ୍ ୟୁନିଟ୍ ପିଛା ୬ ଟଙ୍କାରେ ରାଜ୍ୟ ସରକାରଙ୍କୁ ବିକ୍ରି କରିବ।

> **ଦେଶରେ କୋଟିପତି ସୃଷ୍ଟି ହେଲେ ସେମାନଙ୍କ ମାଧ୍ୟମରେ ଅନେକ ସାଧାରଣ ଲୋକ ଚାକିରି କରି ଦରମା ପାଇବେ। କିନ୍ତୁ ଯେତେବେଳେ ରାଜନୈତିକ କ୍ଷମତା ବ୍ୟବହାର କରାଯାଏ, ସେତେବେଳେ ଯେଉଁ ବଡ଼ କର୍ପୋରେଟ ବା କୋଟିପତି ଶ୍ରେଣୀ ସୃଷ୍ଟି ହୁଏ, ସେହି ଶ୍ରେଣୀ ଦେଶ ଏବଂ ସମାଜର ମନ୍ଦ କରିବସିବେ।**

ଏଭଳି ପ୍ରଚ୍ଛଦପଟରେ ଗୋଟିଏ ବିଷୟ ମନକୁ ଆସୁଛି। ସମସ୍ତେ ମନେରଖିବା ଉଚିତ ହେବ ଯେ ଦେଶ ଏବଂ ସମାଜ ପାଇଁ ଅଧିକରୁ ଅଧିକ କୋଟିପତି ସୃଷ୍ଟି ହେବା ମଙ୍ଗଳମୟ। ଚାଇନା ଭଳି କମ୍ୟୁନିଷ୍ଟ ଦେଶରେ ମଧ୍ୟ ବୁଦ୍ଧି ଖଟାଇ କୋଟିପତି ହେବାର ଯଥେଷ୍ଟ ସୁଯୋଗ ସୃଷ୍ଟି କରାଯାଇଛି। ତେବେ ଏହି କୋଟିପତିମାନେ ସରକାରୀ କାର୍ଯ୍ୟ, ନିର୍ବାଚନ ପ୍ରକ୍ରିୟା ଏପରିକି ଗଣମାଧ୍ୟମର ମାଲିକାନା କିମ୍ବା ପରିଚାଳନାରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଚାଇନାରେ ବ୍ୟବସ୍ଥା ଅଛି। ଅନ୍ୟ ଭାଷାରେ କହିବାକୁ ଗଲେ କୋଟିପତି ହେବା ଅପରାଧ ନୁହେଁ ଏବଂ ଜଣେ ହୋଇପାରିବେ। କିନ୍ତୁ କୋଟିପତି ଶ୍ରେଣୀ ସୃଷ୍ଟି କଲେ ତାହା ଦେଶ ପାଇଁ କ୍ଷତିକାରକ ହେବ। ଏହାର କାରଣ ମୁଖ୍ୟତଃ ବୁଝାପଡ଼େ ଯେ ସେହି ଅତୁଳନୀୟ ସମ୍ପତ୍ତିର ମାଲିକମାନେ ସବୁ କ୍ଷେତ୍ରରେ ମୁଣ୍ଡ ପୂରାଇଲେ ପରବର୍ତ୍ତୀ ସମୟରେ ସେମାନେ ପଛରେ ରହି ଦେଶର ମଙ୍ଗ ଧରିବାକୁ ପ୍ରଚେଷ୍ଟା କରିବେ। ଗୋଟିଏ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଆଦାନୀ ଓ ଟାଟାଙ୍କ ଭଳି ହାତଗଣତି କେତେ କମ୍ପାନୀକୁ ଯଦି ଆକାଶଠୁ ଭୂମି ପର୍ଯ୍ୟନ୍ତ ସବୁକିଛି ଟେକି ଦିଆଯାଏ, ତେବେ ଖୁବ୍‌ଶୀଘ୍ର ଜନସାଧାରଣଙ୍କ କ୍ଷତି ଘଟିବ।

ଶେଷରେ ଅଜିତ୍ ପାୱାରଙ୍କ ପୁତ୍ର ହାତେଇ ନେଇଥିବା ସରକାରୀ ଜମିକୁ ବ୍ୟବହାର କରିବେ କି ନାହିଁ ତାହା କେହି କହିପାରିବେ ନାହିଁ। ହୁଏତ ପରବର୍ତ୍ତୀ ସମୟରେ ସେହି ଜମିକୁ କୌଣସି ଗୋଟିଏ ବଡ଼ କର୍ପୋରେଟ ହାଉସ୍‌କୁ ଆହୁରି ଅଧିକ ଅର୍ଥରେ ବିକ୍ରି କରିଦେଇପାରନ୍ତି। ତେଣୁ ମୁଖ୍ୟ ବିଷୟ ହେଲା କୋଟିପତି ସୃଷ୍ଟି ହେଲେ ସେମାନଙ୍କ ମାଧ୍ୟମରେ ଅନେକ ସାଧାରଣ ଲୋକ ଚାକିରି କରି ଦରମା ପାଇବେ। କିନ୍ତୁ ଯେତେବେଳେ ରାଜନୈତିକ କ୍ଷମତା ବ୍ୟବହାର କରାଯାଏ, ସେତେବେଳେ ଯେଉଁ ବଡ଼ କର୍ପୋରେଟ ବା କୋଟିପତି ଶ୍ରେଣୀ ସୃଷ୍ଟି ହୁଏ, ସେହି ଶ୍ରେଣୀ ଦେଶ ଏବଂ ସମାଜର ମନ୍ଦ କରିବସିବେ।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 9 | 3 | | 8 | 4 |
| | | | | | 7 | 1 | | 9 |
| | | 6 | | | | | 5 | |
| | 3 | | | | | | 1 | |
| | | | | | 5 | 7 | | |
| | 8 | 2 | | | | | | |
| | | | | 6 | | 8 | | |
| | | | 2 | | 9 | | | |
| 8 | | | | | | | 9 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 9 | 2 | 3 | 7 | 6 | 5 | 4 |
| 4 | 6 | 7 | 9 | 5 | 8 | 2 | 1 | 3 |
| 5 | 2 | 3 | 4 | 1 | 6 | 7 | 8 | 9 |
| 2 | 5 | 6 | 1 | 8 | 4 | 3 | 9 | 7 |
| 3 | 4 | 8 | 7 | 9 | 2 | 5 | 6 | 1 |
| 7 | 9 | 1 | 5 | 6 | 3 | 4 | 2 | 8 |
| 8 | 7 | 5 | 6 | 4 | 1 | 9 | 3 | 2 |
| 9 | 3 | 2 | 8 | 7 | 5 | 1 | 4 | 6 |
| 6 | 1 | 4 | 3 | 2 | 9 | 8 | 7 | 5 |

ଗତକାଲିର ଉତ୍ତର

# ଦେଶ ପ୍ରଗତିରେ ସମବାୟ



ପ୍ରତାପ ଚନ୍ଦ୍ର ସାମଲ

ଭାରତରେ ସ୍ୱାଧୀନତାର ବହୁ ପୂର୍ବରୁ ସମବାୟ ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା। କିନ୍ତୁ ତାହା କୃଷିଋଣ ପ୍ରଦାନ ମଧ୍ୟରେ ଥିଲା ସୀମିତ। ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ତଥା ରୂପାୟନ ପରେ ଆମ ଦେଶରେ ସମବାୟ କ୍ଷେତ୍ରରେ ଅନେକ କିଛି ଯୁଗାନ୍ତକର ପଦକ୍ଷେପ ନିଆଯାଇଛି। ଦେଶର ଅର୍ଥନୈତିକ ପ୍ରଗତିର ଏକ ବଳିଷ୍ଠ ମାଧ୍ୟମ ରୂପେ ସମବାୟ ପ୍ରତିପାଦିତ। ସମବାୟ ଯୋଜନା ପରିଷଦ ୧୯୪୭ ମସିହାରେ ଦୃଢ଼ ମତପୋଷଣ କରିଥିଲେ ଯେ ଅର୍ଥନୈତିକ ଯୋଜନାର ଗଣତନ୍ତ୍ରୀକରଣ ପ୍ରକ୍ରିୟାରେ ସମବାୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଗ୍ରାମାଞ୍ଚଳର ଲୋକଙ୍କୁ ଯୋଜନାବଦ୍ଧ ଅର୍ଥନୈତିକ ବିକାଶ ପ୍ରକ୍ରିୟା ମାଧ୍ୟମରେ ସଚେତନ କରିଥିଲା। ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ସମବାୟ ଆନ୍ଦୋଳନକୁ ଦେଶରେ ଯୋଜନାବଦ୍ଧ ଅର୍ଥନୈତିକ ପ୍ରଗତିର ଅପରିହାର୍ଯ୍ୟ ମାଧ୍ୟମ ରୂପେ ଅଭିହିତ କରାଯାଇଥିଲା। କିନ୍ତୁ ସମବାୟ ଆନ୍ଦୋଳନର ପ୍ରଗତି ତଥା ଭୂମିକା ଅଧ୍ୟୟନ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗଠିତ ଅଲ୍ ଇଣ୍ଡିଆ ରୁରାଲ ସର୍ଭେ କମିଟି ରିପୋର୍ଟ ୧୯୫୪ ମସିହାରେ ପ୍ରତିକୂଳ ମନ୍ତବ୍ୟ ଦେଇଥିଲେ ଯେ, ଭାରତରେ ସମବାୟ ଆନ୍ଦୋଳନ ବିଫଳ ହୋଇଛି, ଏହାକୁ ସଫଳ କରିବା ପାଇଁ ସରକାର ସମବାୟକୁ ନିର୍ଣ୍ଣାୟକ ଭୂମିକା ରୂପେ ଗ୍ରହଣ କରିଛନ୍ତି। ଯେଉଁ ସବୁ କୃଷି ପରିବାର ସାହୁକାରଙ୍କଠାରୁ ଋଣ ଗ୍ରହଣ କରୁଥିଲେ ସେମାନଙ୍କ ଦୁର୍ଦ୍ଦଶା ଅକଥନୀୟ ହୋଇପଡ଼ିଥିବା ବେଳେ ଏବେ ଦେଶରେ ବିନିଯୋଗ ହୋଇଥିବା ମୋଟ୍ କୃଷିଋଣର ଶତକଡ଼ା ୬୭ ଭାଗ ଅର୍ଥ ସମବାୟ ମାଧ୍ୟମରେ ଯୋଗାଇ ଦିଆଯାଇଛି। ଜମିର ଉନ୍ନତୀକରଣ, ଆଧୁନିକ ପଦ୍ଧତିରେ ଚାଷ, ଉନ୍ନତ ଯନ୍ତ୍ରପାତିର ବ୍ୟବହାର, ଅଧିକ ଅମଳକ୍ଷମ ବିହନ ଏବଂ ଜୈବିକ କୃଷି ତଥା ସାର ପ୍ରୟୋଗ କରି ଖାଦ୍ୟଶସ୍ୟ ଉତ୍ପାଦନର ବୃଦ୍ଧି ଏବଂ ଅର୍ଥନୈତିକ ଜୀବନର ମାନଦଣ୍ଡ ବୃଦ୍ଧି କରାଇବା ପାଇଁ ସମବାୟ ସମିତିମାନଙ୍କର ସେବା ପ୍ରଣିଧାନଯୋଗ୍ୟ।

ଜମିର ଉନ୍ନତୀକରଣ ପାଇଁ ଗଭୀର କୂପ ଓ ନଳକୂପ ଖନନ, କେନାଲ ଓ ନଦୀର ପ୍ରବାହିତ ଜଳକୁ ପମ୍ପଦ୍ୱାରା ଚାଷଜମିକୁ ପାଣି ମଡ଼ାଇବା ନିମନ୍ତେ ଆର୍ଥିକ ସହାୟତା, ବିଭିନ୍ନ ପ୍ରକାର ଫଳ ବଗିଚା ପାଇଁ ଋଣ ଯୋଗାଇ ଦିଆଯାଉଛି। ସହରାଞ୍ଚଳଗୁଡ଼ିକରେ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କଗୁଡ଼ିକ ଛୋଟ ଛୋଟ ପାନ ଦୋକାନୀ, ପରିବା ଓ ଫଳ ବିକାଳି, ରିକ୍ସାବାଲା, ସାଇକେଲ ଦୋକାନୀ, ଅଟୋରିକ୍ସା, ଜନସେବା କେନ୍ଦ୍ର, କ୍ଷୁଦ୍ର ବ୍ୟବସାୟୀ, ଟ୍ରାଭେଲ୍ସ, ଡି.ଟି.ପି. ପ୍ରକାଶନ, ବହି ବନ୍ଧେଇ, ମନୋହରି ଓ ଡେଜରାତି ଦୋକାନ ପାଇଁ ଋଣ ପ୍ରଦାନ କରୁଛନ୍ତି। ଫଳରେ ଉକ୍ତ ବ୍ୟବସାୟରୁ କିଛି ଲାଭ ପାଇ



ଲୋକେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଛନ୍ତି। ଏହା ସହିତ ବେକାରି ସମସ୍ୟା ଦୂରୀଭୂତ ହୋଇପାରିଛି। ସୁଲଭ ମୂଲ୍ୟରେ ଗ୍ରାମାଞ୍ଚଳରେ ସମବାୟ ସମିତି ଦ୍ୱାରା ସାର, ବିହନ, ପୋକମରା ଔଷଧ, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ସୁଲଭ ମୂଲ୍ୟରେ ଖାଉଟି ସାମଗ୍ରୀ ଯୋଗାଣ, ସଭ୍ୟମାନଙ୍କୁ ବାସଗୃହ ନିର୍ମାଣ ପାଇଁ ଋଣ ଯୋଗାଣ, କୁଶଳୀ କାରିଗରଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଚାଷୀ ତଥା ସମବାୟର ସଭ୍ୟମାନଙ୍କ ଦ୍ୱାରା ଉତ୍ପାଦିତ ତଥା ସଂଗୃହୀତ ଦ୍ରବ୍ୟର ଉପଯୁକ୍ତ ବିପଣନ ଇତ୍ୟାଦି ଅନେକ ସୁବିଧା ଓ ସେବା ସମବାୟ ଦ୍ୱାରା ପ୍ରଦାନ କରାଯାଉଛି। ଅର୍ଥନୈତିକ ଓ ଗୁଣାତ୍ମକ ପ୍ରଗତି ପ୍ରକ୍ରିୟାରେ ଋଣର ପ୍ରକୃତ ବିନିଯୋଗ, ଠିକ୍ ସମୟରେ ଋଣ ପରିଶୋଧ, ଆର୍ଥିକ ତଥା ସାମାଜିକ ଜୀବନର ଉନ୍ନତି ସାଧନ ଓ ଜନସଚେତନତା ସୃଷ୍ଟି କରାଯାଇ ଆତ୍ମବିଶ୍ୱାସ, ଆତ୍ମନିର୍ଭରଶୀଳ ଏବଂ ଦୃଢ଼ ମନୋବଳର ବାତାବରଣ ସୃଷ୍ଟିକରି ସର୍ବସାଧାରଣଙ୍କର ଉନ୍ନତି ସାଧନ ପାଇଁ ସମବାୟ ଆନ୍ଦୋଳନ ଉତ୍ସର୍ଗୀକୃତ।

ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ପ୍ରାଥମିକ ସେବା ସମବାୟ ସମିତି ସ୍ୱଚ୍ଛଳଭାବେ କାର୍ଯ୍ୟ କରିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ସମବାୟ ପୁନଃ ଦୃଢ଼ୀକରଣ ଯୋଜନା ଏକ ସମୟ ଉପଯୋଗୀ ପଦକ୍ଷେପ। ଏହା କାର୍ଯ୍ୟକାରୀ ହେଲେ ଅନେକ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟକ୍ଷମ ହୋଇପାରିବେ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ଅଧିକ ଦକ୍ଷତା ହାସଲ କରିପାରିବେ। ଏହା ବ୍ୟତୀତ ଗ୍ରାମାଞ୍ଚଳରେ ସଚେତନତାର ଅଭାବ ପରିଲକ୍ଷିତ ହେଉଛି। ଦୀର୍ଘଦିନ ହେଲା କିଷାନ୍ କ୍ରେଡିଟ୍ କାର୍ଡ ପ୍ରଚଳନର ସୁବିଧା ଅନେକ ସଭ୍ୟ ପାଇପାରିନାହାନ୍ତି। ଆଜି ମଧ୍ୟ ସମିତି କର୍ମଚାରୀଙ୍କ ଦ୍ୱାରା କିଷାନ୍ କ୍ରେଡିଟ୍ କାର୍ଡଧାରୀଙ୍କର ବ୍ଲାଙ୍କ୍ କିଷାନ୍ କ୍ରେଡିଟ୍ ଚେକ୍ ଓ ବ୍ଲାଙ୍କ ବ୍ୟାଙ୍କ ଚେକ୍ ଉପରେ ଦସ୍ତଖତ ନିଆଯାଇ କିଷାନ୍ କ୍ରେଡିଟ୍ ପାସ୍‌ବୁକ୍ ସହିତ ସମିତିରେ ମହଜୁଦ ରଖାଯାଉଛି। କାର୍ଡଧାରୀମାନଙ୍କୁ ନ ଜଣାଇ ସମୟ କ୍ରମେ ସେବା ସମବାୟ ସମିତିର ସମ୍ପାଦକମାନେ ବ୍ଲାଙ୍କ୍ ଚେକ୍‌କୁ ପୂରଣ କରି ବ୍ୟାଙ୍କ କର୍ମଚାରୀମାନଙ୍କ ସଲାସୁତରାରେ କାର୍ଡଧାରୀମାନଙ୍କ ନାମରେ ଋଣ ଉଠାଇ ନିଜ ନିକଟରେ ରଖି କେତେକ କ୍ଷେତ୍ରରେ କିଛି ପରିମାଣର ଋଣ ଦିଅନ୍ତି। ଚାଷୀଟି ସମିତି ସମ୍ପାଦକଙ୍କୁ ବିଶ୍ୱାସ କରି ବ୍ଲାଙ୍କ ଚେକ୍‌ରେ ଦସ୍ତଖତ କରି ଦେଉଥିଲାବେଳେ ସମିତି ସମ୍ପାଦକ ଋଣୀର ବିଶ୍ୱାସରେ ବିଷ ଦେଇ ଚାଲିଛନ୍ତି। କିଷାନ କ୍ରେଡିଟ୍ ପାସ୍‌ବୁକ୍‌ଗୁଡ଼ିକ ମଧ୍ୟ ସମବାୟ ସମିତି ସମ୍ପାଦକଙ୍କ ନିକଟରେ ରହିଥାଏ। ଋଣୀ ସଭ୍ୟଟି କେତେ ଟଙ୍କା ଋଣ ନେଲା ତାହା ଜାଣିପାରେ ନାହିଁ। ଚାଷୀମାନଙ୍କୁ କୃଷିଋଣ ବିଷୟରେ ସଚେତନ କରାଯାଏ ନାହିଁ।

ସଭ୍ୟମାନେ ସମବାୟର କାର୍ଯ୍ୟଧାରାରେ ସକ୍ରିୟ ଅଂଶ ଗ୍ରହଣ କରିବା ଆବଶ୍ୟକ। ସମବାୟର କାର୍ଯ୍ୟଧାରାରେ ଅଂଶଗ୍ରହଣ କରୁଥିବା ଉଭୟ କର୍ମଚାରୀ ଓ ପରିଚାଳନା ପରିଷଦର ସଭ୍ୟମାନଙ୍କର କର୍ତ୍ତବ୍ୟ ସମ୍ପାଦନରେ ନିଷ୍ଠା, ସଚ୍ଚୋଟତା, ଏକାଗ୍ରତା ଏବଂ ଅଙ୍ଗୀକାରବଦ୍ଧତା ରହିବା ଅପରିହାର୍ଯ୍ୟ। ଆଧୁନିକ ଜ୍ଞାନ କୌଶଳର ପ୍ରକୃଷ୍ଟ ବିନିଯୋଗ, ଉଜ୍ଜ୍ୱଳ ମାନବସମ୍ବଳ ବିକାଶ, ସ୍ୱଚ୍ଛତା ଏବଂ କ୍ରିୟାଶୀଳତା ଏବଂ କମ୍ପ୍ୟୁଟରୀକରଣ ଦ୍ୱାରା ସମସ୍ତ କାର୍ଯ୍ୟ ସ୍ୱଚ୍ଛତା ସହ କାର୍ଯ୍ୟ କରିପାରିଲେ ଦେଶ ପ୍ରଗତିର ବଳିଷ୍ଠ ମାଧ୍ୟମ ରୂପେ ଜନସାଧାରଣଙ୍କୁ ସମବାୟ ମାଧ୍ୟମରେ ସେବା ଯୋଗାଇ ଦେବାର ଅବକାଶ ରହିଛି। ସରକାରଙ୍କର ମୁଖ୍ୟ କର୍ତ୍ତବ୍ୟ ହେଲା ପ୍ରତି ପ୍ରାଥମିକ ସମବାୟ ସମିତିର ଋଣ ତନଖି କାର୍ଯ୍ୟ ସୁପରିଚାଳନା ପାଇଁ ସୁପରଭାଇଜରମାନଙ୍କୁ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ସରକାରୀ ଅଧିକାରୀଙ୍କ ଦ୍ୱାରା କମ୍ପ୍ୟୁଟରୀକରଣ ଠିକ୍ ରୂପେ ହୋଇଛି ବୋଲି ସହକାରୀ ସମବାୟ ନିବନ୍ଧକମାନଙ୍କ ଦ୍ୱାରା ସରକାରଙ୍କୁ ତଥ୍ୟ ଯୋଗାଇଲେ ଏହାର ସୁଫଳ ଜନସାଧାରଣ ପାଆନ୍ତେ। ଋଣ ଦୁର୍ନୀତର ମୂଳୋତ୍ପାଟନ ପାଇଁ ସରକାର ବିହିତ ପଦକ୍ଷେପ ନେବାପାଇଁ ତତ୍କାଳୀନ ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ନିବୃତ୍ତ କରି ସେମାନଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯିବା ଦରକାର। ସେମାନଙ୍କଠାରୁ ଧାର୍ଯ୍ୟ ଅର୍ଥ ତତ୍କାଳିକଭାବେ ଆଦାୟ କରାଗଲେ ଦେଶ ପ୍ରଗତିରେ ସମବାୟର କାର୍ଯ୍ୟ ପ୍ରଶଂସନୀୟ ହୋଇପାରିବ। ସମବାୟ ସମୀକ୍ଷା ବିଭାଗରେ ସଚ୍ଚୋଟତା ନିହାତି ଆବଶ୍ୟକ। ଏହାର ବିଲୋପ ହେବା ଆବଶ୍ୟକ। ନାବାର୍ଡ ଦ୍ୱାରା ପ୍ରାଥମିକ ସମବାୟ ସମିତିକୁ ସିଧାସଳଖ ଋଣ ଯୋଗାଇବା ପାଇଁ ସମବାୟ ସମିତି ଆଇନ୍‌ରେ ସଂଶୋଧନ ହେବା ଆବଶ୍ୟକ। ସମିତିର ପରିଚାଳନା ପରିଷଦକୁ ଉପଯୁକ୍ତ ଦକ୍ଷତା ଥିବା ଶିକ୍ଷିତ ଓ ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ କରିବା ସହିତ ସେମାନଙ୍କୁ ବୈଠକ ଭାର ଦିଆଯିବା ଆବଶ୍ୟକ। ନଚେତ୍ ସମବାୟ କର୍ମଚାରୀ ଓ ପରିଚାଳନା ପରିଷଦ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇ ଦୂରତ୍ୱ ବୃଦ୍ଧିପାଉଛି। ଏ ସବୁକୁ ବିଚାରକୁ ନେଇ ସମବାୟରେ ଯେତେ ଶୀଘ୍ର ସଂସ୍କାର ପାଇଁ ପଦକ୍ଷେପ ନିଆଯାଇପାରିବ ସେତେ ଶୀଘ୍ର ଏହାର ସୁଫଳ ଜନସାଧାରଣ ପାଇପାରିବେ। ନଚେତ୍ ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ନୀତିରେ ସମବାୟରେ ସମସ୍ତ ପ୍ରକାର କାର୍ଯ୍ୟ ବିଫଳ ହେବ।

ମୋ: ୯୦୯୦୩୨୫୮୦୨

# ମୋତେ କ୍ଷମା କର



ଡ. ସତ୍ୟ ନାରାୟଣ ମିଶ୍ର

ଜୀବନର ଗତିପଥରେ ମଣିଷର ଭୁଲ୍ ହୋଇଗଲେ ତାହାର ସଂଶୋଧନ ପାଇଁ ତାକୁ କିଛି ଦେବାକୁ ପଡ଼ିଥାଏ। ତାହା ଅର୍ଥର ରାଶି, କିଛି ସାମଗ୍ରୀ ବା ପାରିଶ୍ରମିକ ଇତ୍ୟାଦି ହୋଇପାରେ। କିନ୍ତୁ ଏତଦ୍ ଭିନ୍ନ ଅନ୍ୟ ଗୋଟିଏ ସଂଶୋଧନ ପାଇଁ ପନ୍ଥା ରହିଥାଏ ଯାହା ଥାଏ କ୍ଷମା। ଅନେକ ସମୟରେ ମଣିଷ ଭୁଲ୍ କଲେ ନିଜର ଆତ୍ମସଂଶୋଧନ ଓ ଆତ୍ମଜାଗରଣ ପାଇଁ କ୍ଷମା ଯାଚନା କରିଥାଏ। ମାତ୍ର ପ୍ରଶ୍ନ ଉଠେ ବ୍ୟକ୍ତି କ୍ଷମା ମାଗିବାବେଳେ ତା'ପ୍ରତି କେତେ ଅନୁରାଗ ଓ ସମ୍ବେଦନଶୀଳତା ଥାଏ ? କାରଣ ଭୁଲ୍ ପାଇଁ କ୍ଷମା ମାଗିବାବେଳେ ଭୁଲ୍‌ର ପୁନରାବୃତ୍ତି ନ ହେବା ପାଇଁ ବ୍ୟକ୍ତି ସଙ୍କଳ୍ପବଦ୍ଧ ହେବା ସହ ସେଥିପ୍ରତି ସଚେତନ ହୋଇଥାଏ। ମାତ୍ର ଯଦି ମଣିଷ ବାରମ୍ବାର ଭୁଲ୍ କରେ ଓ ବାରମ୍ବାର କ୍ଷମା ମାଗେ, ତେବେ ସେ କ୍ଷେତ୍ରରେ କ୍ଷମା ଏକ ପ୍ରହସନ ହୋଇଯାଏ। ବ୍ୟକ୍ତି ପାଲଟିଯାଏ ଏକ ନୀତିହୀନ ମଣିଷ। ଅତଏବ ଜ୍ଞାତସାରରେ ଭୁଲ୍ ନ କରିବା, ବାରମ୍ବାର କ୍ଷମା ଯାଚନା ନ କରିବା ହେଉଛି ବିବେକବାନ୍ ମଣିଷର ଅନ୍ତର୍ଦୃଷ୍ଟି।

ତେବେ କ୍ଷମା ମାଗିବା ଓ କ୍ଷମା ପ୍ରଦାନ କରିବା ମଧ୍ୟରେ ଥାଏ ଏକ ସେତୁ, ଯାହାକୁ ଅତିକ୍ରମ କରିବା ହେଉଛି ଏକ ସଂଘର୍ଷର ପୃଷ୍ଠଭୂମି। କଥୋପକଥନରେ ଭୁଲ୍ କରି ବାରମ୍ବାର ମୋତେ କ୍ଷମାକର କହିବା ହେଉଛି ଏକ ଅପରିଣାମଦର୍ଶୀ ଭିକ୍ଷା ବୃତ୍ତି। କ୍ଷମା ମାଗିବା ମୂଳତଃ କୌଣସି କାର୍ଯ୍ୟ ବା ନିଜର ନିଷ୍କ୍ରିୟତାକୁ ଯଥାର୍ଥ କରି ରକ୍ଷାକରିବା ପାଇଁ ବ୍ୟବହୃତ ଏକ ସୁପରିକଳ୍ପିତ ବ୍ୟାଖ୍ୟା, ଯାହା ପ୍ରାୟତଃ ଦାୟିତ୍ୱ ବା ନକାରାତ୍ମକ ପରିଣାମକୁ ଏଡ଼ାଇବା ପାଇଁ ଅନେକେ ବ୍ୟବହାର କରିଥାନ୍ତି। କ୍ଷମା ଉପରେ ଅତ୍ୟଧିକ ନିର୍ଭରଶୀଳ ବ୍ୟକ୍ତିଗତ ଅଭିବୃଦ୍ଧିରେ ବାଧା ସୃଷ୍ଟି କରିପାରେ ଓ ଅନେକ ସମୟରେ ଏଥିରେ ସମ୍ପର୍କ ନଷ୍ଟ ହୋଇଥାଏ। କ୍ଷମା ପ୍ରାୟତଃ ଦୋଷ ବଦଳାଇବା, ଦୋଷକୁ କମ୍ କରିବା ବା ଦୋଷ ହ୍ରାସକାରୀ ପରିସ୍ଥିତିକୁ ଅଧିକ ଉଜ୍ଜୀବିତ କରେ। କ୍ଷମା ମାଗି ବ୍ୟକ୍ତିମାନେ ଏକ ସକାରାତ୍ମକ ଆତ୍ମ-ପ୍ରତିଛବି ବଜାୟ ରଖିବାକୁ ଚେଷ୍ଟା କରିପାରନ୍ତି ଓ ଦୋଷ କିମ୍ବା ବିଫଳତାକୁ ସ୍ୱୀକାର କରିବାର ଅସୁବିଧାକୁ ଏଡ଼ାଇ ପାରନ୍ତି, ମାତ୍ର ସ୍ଥିତି ଓ ପରିସ୍ଥିତିର ସମନ୍ୱୟରେ ଅନେକ ସମୟରେ ମଣିଷ କ୍ଷମା ନିକଟରେ ପରାସ୍ତ ହୋଇ ନିଜକୁ ଧିକ୍କାର କରିଥାଏ।

କ୍ଷମା ମଣିଷକୁ ଅସ୍ଥାୟୀ ଆନନ୍ଦ ଦେଇପାରେ ମାତ୍ର ତାହା ଥାଏ ବ୍ୟକ୍ତିର ଦୀର୍ଘକାଳୀନ ନକାରାତ୍ମକ ପରିଣାମ, କାରଣ ମଣିଷ ଭୁଲ୍‌ରୁ ଶିକ୍ଷାଲାଭ କରିଥାଏ। ଯଦି ଭୁଲ୍ ନ କରିବା ପାଇଁ ମଣିଷ ସଚେତନ ହୁଅନ୍ତା ତେବେ କ୍ଷମାର ନଜରବନ୍ଦୀରୁ ମୁକ୍ତି ପାଇପାରନ୍ତା। ମାତ୍ର ବାରମ୍ବାର କ୍ଷମା ଭିକ୍ଷା ବିଶ୍ୱାସ ଓ ସମ୍ପର୍କକୁ କ୍ଷତି ପହଞ୍ଚାଇଥାଏ। କାରଣ ସେତେବେଳେ ବ୍ୟକ୍ତି ପ୍ରାୟତଃ ପ୍ରତାରଣା ବା ଉତ୍ତରଦାୟିତ୍ୱର ଅଭାବ ସହ ଜଡ଼ିତ ହୋଇଥାଏ। ଅସ୍ୱାଭାବିକତା ବା ନକାରାତ୍ମକ ପରିଣାମକୁ ଏଡ଼ାଇବା ପାଇଁ କ୍ଷମା ଏକ ସରଳ ଉପାୟ।



ଅତଏବ ଅନେକ ସମୟରେ କ୍ଷମା ଭିକ୍ଷା ବା କ୍ଷମାକୁ ଏକ ଦ୍ରାହିର ଆଧାର କରିବା ଅପେକ୍ଷା ସଚ୍ଚୋଟତା ଓ ଉତ୍ତରଦାୟିତ୍ୱର ଅଭ୍ୟାସ କରିବା ଗୁରୁତ୍ୱପୂର୍ଣ୍ଣ। କ୍ଷମା କରିବାର ଅର୍ଥ କ୍ଷମା ମାଗିବାକୁ ପ୍ରଥମେ ବୁଝାଇଥାଏ, ଯାହା ଥାଏ ଅନ୍ୟର ଦୟା ଓ ଅନୁକମ୍ପା ତଥା ବଦାନ୍ୟତା। ମାତ୍ର ବ୍ୟକ୍ତି ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦାକୁ ଆଧାରକରି ଯଥେଷ୍ଟ ଯତ୍ନବାନ୍ ହୋଇ କ୍ଷମାର ଆବଶ୍ୟକତାକୁ ଉପଲବ୍ଧି କରିବା ଉଚିତ। କ୍ଷମା ଓ ବାସ୍ତବତା ପରିସ୍ଥିତି ପ୍ରତି ଭିନ୍ନ ଆଭିମୁଖ୍ୟକୁ ପ୍ରତିପାଦିତ କରେ, ବିଶେଷତଃ ଯେତେବେଳେ ଘଟଣା ଯୋଜନା ଅନୁଯାୟୀ ହୁଏ ନାହିଁ। ଅନେକ ସମୟରେ ବ୍ୟକ୍ତି କ୍ରୋଧ ଓ ଅନ୍ୟ ଉପରେ ଆକ୍ରୋଶ ରଖି କିଛି ଭୁଲ୍ କରିଥାଏ ଏବଂ ଫଳ ସ୍ୱରୂପ ପୁଣି ନିଜକୁ ରକ୍ଷାକରିବା ବା ଦୋଷମୁକ୍ତ କରିବା ପାଇଁ କ୍ଷମା ପ୍ରାର୍ଥୀ ହୋଇଥାଏ। ଆଜିକାଲି ସମାଜରେ ମଣିଷ ହିତାହିତ ଜ୍ଞାନ ନ ରଖି ସମାଜରେ ପରିବାରରେ ତଥା ସର୍ବଜନରେ ଅକରଣୀୟ କାର୍ଯ୍ୟ କରୁଛି। ପରିସ୍ଥିତିକୁ ସନ୍ତୁଳିତ କରିବା ପାଇଁ ଓ ନିଜକୁ ବଞ୍ଚାଇବା ପାଇଁ କ୍ଷମା ପ୍ରାର୍ଥୀ ହେଉଛି। ପ୍ରତ୍ୟେକ କଥାରେ ମୋତେ କ୍ଷମାକର କହି ନିଜକୁ ଗୌଣ କରୁଛି।

କ୍ଷମା ଏକ ମହତ୍ ଗୁଣ, ମାତ୍ର ଏହାର ଶ୍ରେୟଃ ତାହା ପାଇଁ, ଯିଏ କ୍ଷମା ପ୍ରଦାନ କରେ। ଯିଏ କ୍ଷମା ପ୍ରାର୍ଥୀ ହୁଏ ସେ ନିଜକୁ କେତେ ନିମ୍ନ ମନେକରେ ତାହା ସ୍ୱାଭିମାନୀ ବ୍ୟକ୍ତି ଅନୁଭବ କରିଥାଏ। ଭାରତୀୟ ସମ୍ବିଧାନରେ ବ୍ୟକ୍ତିର ଗର୍ହିତ ଭୁଲ୍ ବା ତ୍ରୁଟି ପାଇଁ ଦୋଷୀର ଦଣ୍ଡ କୋହଳକରି ଜେଲରୁ ମୁକ୍ତି ଦିଆଯାଏ। ଅତିରିକ୍ତ ଭାବରେ ରାଷ୍ଟ୍ରପତି ମୃତ୍ୟୁଦଣ୍ଡ ପାଇଥିବା ବ୍ୟକ୍ତିକୁ ମଧ୍ୟ କ୍ଷମାକରି କୋହଳ କରିଥାନ୍ତି ଯାହା ନିର୍ଭର କରିଥାଏ ବ୍ୟକ୍ତିର ଚରିତ୍ର, ବ୍ୟବହାର ଓ ଦୋଷର ଗଭୀରତା ଉପରେ। ରାମାୟଣ, ମହାଭାରତ, ଭାଗବଦ୍ ଗୀତା ଆଦି ଗ୍ରନ୍ଥରେ ଏପରିକି ବାଇବେଲ, କୋରାନ ଆଦିରେ ଭଗବାନ୍ ମଣିଷକୁ ଅନେକ କ୍ଷେତ୍ରରେ କ୍ଷମାଦେଇ ତାକୁ ସଂଶୋଧିତ ହେବା ପାଇଁ ସୁଯୋଗ ଦେଇଛନ୍ତି। ମାତ୍ର ମଣିଷ ସେ ସଂଶୋଧନକୁ କମ୍ ବ୍ୟବହାର କରି ଭୁଲ୍‌ର ପୁନରାବୃତ୍ତି କରିଚାଲିଛି ଏବଂ ଆତ୍ମ ସ୍ୱାର୍ଥ ପାଇଁ କ୍ଷମା ମାଗୁଛି।

ମହାଭାରତରେ, ବିଭିନ୍ନ ଚରିତ୍ରମାନେ ସେମାନଙ୍କର କାର୍ଯ୍ୟ ପାଇଁ କ୍ଷମା ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକୁ ଯଥାର୍ଥ କିମ୍ବା ଦୋଷକୁ ଦୂରେଇରଖିବା ପାଇଁ କ୍ଷମାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଇଥିଲା। ରାମାୟଣରେ ମଧ୍ୟ କାର୍ଯ୍ୟ କିମ୍ବା ନିଷ୍ପତ୍ତିକୁ ଯଥାର୍ଥ କରିବା ପାଇଁ କ୍ଷମା ପ୍ରାୟତଃ ବ୍ୟବହୃତ ହୋଇଛି। ବିଶେଷତଃ ଯେଉଁ ପରିସ୍ଥିତିରେ ଚରିତ୍ରମାନେ ଧାର୍ମିକ ଆଚରଣରୁ ବିଚ୍ୟୁତ ହୋଇଛନ୍ତି ବା ନୈତିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛନ୍ତି। ଆଧୁନିକ ସମାଜରେ ସମ୍ପ୍ରତି ନିଜର ଆକ୍ରୋଶ, ଈର୍ଷା ବା ପ୍ରତିଶୋଧକୁ ଶାନ୍ତିକରିବା ପାଇଁ ଅନେକ କ୍ଷେତ୍ରରେ କେତେଜଣ ନିରୀହ ବ୍ୟକ୍ତିଙ୍କୁ ମଧ୍ୟ ନିର୍ଦ୍ଦୋଷରେ ଘଟଣାଚକ୍ରରେ ଦୋଷୀ ସାବ୍ୟସ୍ତ କରି ଭୁଲ୍ ନ ଥାଇ ଭୁଲକୁ ସ୍ୱୀକାରକରାଇ କ୍ଷମା ପ୍ରାର୍ଥୀ କରି ନିଜେ ଆନନ୍ଦିତ ହୋଇଥାନ୍ତି। ଅତଏବ କ୍ଷମାର ମହନୀୟ ଚିନ୍ତାଧାରାରେ ମଣିଷ ମାର୍ଜିତ ଓ ପରିମାର୍ଜିତ ହୋଇ ଭୁଲ୍‌ର ବାରମ୍ବାର ପୁନରାବୃତ୍ତି ନ ହେବା ପାଇଁ ଯତ୍ନବାନ୍ ହେବା ଉଚିତ, ଯେଉଁଠି ନ ଥିବ ବାରମ୍ବାର ଅନୁରୋଧର ଅନିଚ୍ଛାକୃତ ଶବ୍ଦ ପ୍ରବାହ 'ମୋତେ କ୍ଷମା' କର।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର**
**ମୋ: ୯୯୩୭୩୪୫୯୦୦**

## ଏଇ ଭାରତରେ

ବେଙ୍ଗାଲୁରୁ ସହରର ବିଭିନ୍ନ ସ୍ଥାନରେ ରହୁଥିବା ଅବହେଳିତ ବର୍ଗର ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି ଏମ୍. ନାଗାରାଜେୟା। ସେ ପ୍ରଗତି ଚାରିଟେବଲ୍ ଟ୍ରଷ୍ଟ ଗଠନ କରି ଏହି କାର୍ଯ୍ୟ କରୁଛନ୍ତି। ୨୦୦୫ ବେଙ୍ଗାଲୁରୁ ବନ୍ୟା ସମୟରେ ବସ୍ତିରେ ରହୁଥିବା ଗରିବ ପରିବାର ଓ ସେମାନଙ୍କ ପିଲାଙ୍କ ସ୍ଥିତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ବିଶେଷକରି ପିଲାମାନେ ସ୍କୁଲ ପଢ଼ା ଛାଡ଼ି ଶିଶୁଶ୍ରମିକ ଭାବେ କାମ କରୁଥିଲେ କିମ୍ବା ଅନେକେ ଆଦୌ ସ୍କୁଲ ନ ଯାଇ ଘରେ ରହୁଥିଲେ। ଏହି ପିଲାମାନଙ୍କୁ ନାଗାରାଜେୟା ସହରର କେମ୍ପାପୁରା, ସୁମନହାଲି ଓ ଅମୃତାଲିରେ ତିନୋଟି ଶିକ୍ଷାକେନ୍ଦ୍ର ଖୋଲି ଦୀର୍ଘ ୨୦ ବର୍ଷ ହେଲା ପଢ଼ାଉଛନ୍ତି। ପିଲାମାନଙ୍କୁ ଗଣିତ, ଇଂଲିଶ ପଢ଼ାଯିବା ସହ ନାଚ, ଗୀତ ଓ ଖେଳ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ସ୍ୱେଚ୍ଛାସେବୀ ଶିକ୍ଷକ ଅଛନ୍ତି। ଗୋଟିଏ ଶିକ୍ଷା କେନ୍ଦ୍ର ପରିଚାଳନା ପାଇଁ ମାସକୁ ପାଖାପାଖି ୨୭,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ସମସ୍ତ ଖର୍ଚ୍ଚ ଲୋକଙ୍କ ଦାନ ଅର୍ଥରେ ଚାଲୁଛି। ଶିକ୍ଷା କେନ୍ଦ୍ରରେ ପ୍ରଥମେ ପିଲାମାନଙ୍କୁ ମୌଳିକ ଶିକ୍ଷା ପ୍ରଦାନ କରାଯାଇ ପରେ ସରକରୀ ସ୍କୁଲରେ ସେମାନଙ୍କ ନାମ ଲେଖାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ନଭେମ୍ବର ୧୯୭୬**

- ଭାରତ ଓ ଇଟାଲୀ ମଧ୍ୟରେ ବୃତ୍ତି ବିନିମୟ ଏବଂ ସିନେମା ସଙ୍ଗୀତ, ଥିଏଟର ଓ କଳାର ସମ୍ପ୍ରସାରଣ ନିମନ୍ତେ ପ୍ରଥମ ଥର ଲାଗି ଏକ ସାଂସ୍କୃତିକ ଚୁକ୍ତି ସ୍ୱାକ୍ଷରିତ।
- ଆନ୍ତର୍ଜାତିକ କ୍ଷେତ୍ରରେ ଶକ୍ତି ପ୍ରୟୋଗ ପରିହାର ଲାଗି ରୁଷର ପ୍ରସ୍ତାବକୁ ଜାତିଂସଘ ସାଧାରଣ ପରିଷଦ ଅନୁମୋଦନ କରିଛି।

## ଚିରନ୍ତନୀ

ଦୂରରେ ଦେଖି ଯାହା ଝୁରଇ ମରମ
ସେ ରୂପ ପାଶେ ଆସି ଲଭଇ ସରମ
ଦୂରର ପ୍ରିୟାପାଶେ ଧରାର ଦୟିତ
ପେଶଇ ଦୂତ କରି ଆଷାଢ଼ ବୋଇତ
ଢାଳଇ ପରାଣର ବେଦନା ପରମ
ଦୂରରେ ଦେଖି ଯାହା ଝୁରଇ ମରମ ।
–(ସୁଦୂର ଗାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିନା ପ୍ରେସ୍‌କ୍ରିପ୍‌ଶନରେ କଫ ସିରପ୍ ବିକ୍ରି

ମହାଶୟ,

ଭାରତରେ ବିଭିନ୍ନ ସମୟରେ କଫ ସିରପ୍ ଖାଇ ଶିଶୁ ଓ ବୟସ୍କମାନେ ମୃତ୍ୟୁମୁଖରେ ପଡୁଥିବା ଖବର ପ୍ରକାଶ ପାଇ ଆସୁଛି। ଓଡ଼ିଶାରେ ମଧ୍ୟ ଏଭଳି କଫ ସିରପ ଖୋଲାଖୋଲି ଭାବେ ବିକ୍ରି ହେଉଛି। ଦେଖାଯାଏ ରଥଯାତ୍ରା ଓ ଦୁର୍ଗାପୂଜା ସମୟରେ ସରକାରଙ୍କର ଅବକାରୀ ବିଭାଗ ମଦଦୋକାନଗୁଡ଼ିକୁ ବନ୍ଦ କରିଥାନ୍ତି। ସେହି ସମୟରେ ମଦ୍ୟପମାନେ ଔଷଧ ଦୋକାନରୁ କୋରେକ୍ସ, ଟସେକ୍ସ, ଫେନ୍‌ସିଡିଲ ଜିଞ୍ଚର ଇତ୍ୟାଦି କିଣିନେଇ ପିଇ ନିଶାଗ୍ରସ୍ତ ହୋଇଯାନ୍ତି। ଏହି ଔଷଧଗୁଡିକ ଥଣ୍ଡା, ଶ୍ୱାସ, କାଶ ପାଇଁ ଉଦ୍ଦିଷ୍ଟ। ଔଷଧ ଦୋକାନୀ ବିନା ପ୍ରେସ୍‌କ୍ରିପ୍‌ଶନରେ ଚଢ଼ା ଦାମ୍‌ରେ ଏଗୁଡ଼ିକୁ ବିକ୍ରି କରିଥାନ୍ତି। ସବୁଠୁ ବଡ଼ କଥା ହେଉଛି , ବାରମ୍ବାର କଫ୍ ସିରପ ଜନିତ ମୃତ୍ୟୁ ଘଟୁଥିଲେ ମଧ୍ୟ ତାହାକୁ ଏଯାବତ ନିୟନ୍ତ୍ରଣ କରାଯାଇପାରୁନାହିଁ।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୀମକୁଣ୍ଡରୁ ଆଦାୟ ଟିକସ ଆତ୍ମସାତ ଅଭିଯୋଗ



ବିଡିଓଙ୍କୁ ଭେଟିବାକୁ ଆସିଥିବା ଏସ୍‌ଏଚଜି ସଦସ୍ୟା।

## ବିଡିଓଙ୍କୁ ଭେଟିଲେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ

ପାଟଣା,୧୦।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ଘାଟ ବାଲିଯୋଡ଼ିସ୍ଥିତ ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ରରୁ ଗତ ୧୦ମାସରେଆଦାୟଟିକସଟଙ୍କାକୁସ୍ୱୟଂସହାୟକ ଗୋଷ୍ଠୀର ମୁଷ୍ଟି ମେୟ ବ୍ୟକ୍ତି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ନିକଟରେ ଘାଟ ବାଲିଯୋଡ଼ିର ରାଧାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସମ୍ପାଦକଙ୍କ ସହ ଗ୍ରୁପର ସଦସ୍ୟ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ରାଧାରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ସହ ଅନ୍ୟ ୧୨ଟି ଗୋଷ୍ଠୀ ମିଶି ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀକୁ ବ୍ଲକ୍ ପ୍ରଶାସନଠାରୁ ୨୦୨୫ଠାରୁ ୨୦୨୭ପର୍ଯ୍ୟନ୍ତ ୩ ବର୍ଷ ପାଇଁ ୨୩ ଲକ୍ଷ ଟଙ୍କାରେ ନିଲାମ ନେଇଥିଲେ। ୧୧ ଜଣିଆ ସଦସ୍ୟଙ୍କ ମଧ୍ୟରୁ ସଞ୍ଜୁଲତା ମହାନ୍ତଙ୍କ ନାମରେ ଏଗ୍ରିମେଣ୍ଟ ହୋଇଥିଲା। ସଞ୍ଜୁ ଲତା, ଭକ୍ତବନ୍ଧୁ ମହାନ୍ତ, ମନୋରଞ୍ଜନ ମୁଦି ଓ କରୁଣାକର ମହାନ୍ତ ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ରରୁ ବିଭିନ୍ନ ପ୍ରକାର ଟିକସ ଆଦାୟ କରି ହିସାବ ରଖିବା ଦାୟିତ୍ୱ ନେଇଥିଲେ। ଗତ ଜାନୁୟାରୀ ୨୫ରୁ ୧୦ମାସ ହେବ ଆଦାୟ ହୋଇଥିବା ଟଙ୍କା ହିସବା ସେମାନେ ଗ୍ରୁପକୁ ଦେଉନାହାନ୍ତି। ଫଳରେ ଆନୁମାନିକ ୨୨ଲକ୍ଷ ଟଙ୍କା ସେମାନେ ଆତ୍ମସାତ କରିଥିବା ଗ୍ରୁପ ସଭାପତି ସବିତା ମହାନ୍ତ, ସମ୍ପାଦିକା ଚିନା ମହାନ୍ତ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବରୁ ଅର୍ଥ ଆତ୍ମସାତ ନେଇ ମହିଳାମାନେ ଘଟଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। କୌଣସି ନ୍ୟାୟ ନ ମିଳିବାରୁ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ବିଡିଓ ମାନସ କୁମାର ଦଣ୍ଡପାଟ କହିଛନ୍ତି, ଗୁରୁବାର ଉଭୟପକ୍ଷ ମିଶି ଆପଣ ବୁଝାମଣାରେ ହିସାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଦାୟ ଟଙ୍କାରୁ ୫ ଲକ୍ଷ ଟଙ୍କା ସେମାନେ ଭୀମକୁଣ୍ଡ ତିର୍ଥେଶ୍ୱର୍ ମହାଦେବ ମନ୍ଦିର ନିର୍ମାଣରେ ଲଗାଇଥିବା କହିଛନ୍ତି। ଅନ୍ୟପକ୍ଷରେ ସଭାପତି ସବିତା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସରକାରୀ ଟଙ୍କା ୩୦ଲକ୍ଷ ବ୍ୟୟରେ ମନ୍ଦିର ନିର୍ମାଣ କରୁଛନ୍ତି। ଗୋଷ୍ଠୀ ଟଙ୍କା ମନ୍ଦିରରେ ବିନିଯୋଗ କରିବାର କୌଣସି ନିଷ୍ପତ୍ତି ହୋଇନାହିଁ। ଏହାର ନୀରପେକ୍ଷ ତଦନ୍ତ ଦାବି କରିବା ସହ ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

# ୨ ଲୁହାପଥର ବୋଝେଇ ଟ୍ରକ୍ ଜବତ, ୨ ଅଟକ

ଯୋଡ଼ା,୧୦।୧୧
(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ପୋଲିସ ପିଢ଼ ପୋଖରୀ ବନାଞ୍ଚଳରେ ଚଢ଼ାଉ କରି ଚୋରା ଲୁହାପଥର ବୋଝେଇ ୨ଟି ଟ୍ରକ୍, ଗୋଟିଏ ବାଇକ ଓ ଜେସିବି ମେଶିନ ଜବତ କରିଛି। ଏଥି ସହିତ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ କେନ୍ଦୁଝର-ସୁନ୍ଦରଗଡ଼ ଜିଲା ସୀମାନ୍ତ ପିଢ଼ପୋଖରୀ ବନାଞ୍ଚଳରେ ଜେସିବି ମେସିନ ଯୋଗେ ଖୋଳି ଟ୍ରକ୍‌ରେ ଲୁହାପଥର ବୋଝେଇ ହେଉଥିଲା। ଖବର ପାଇ ଥାନା ଅଧିକାରୀ ଯଶକେତନ ଭୋଇ ସଦଳବଳେ ଚଢ଼ାଉ କରିଥିଲେ। ଚୋରା ଖଣିଜ ବ୍ୟବସାୟୀ ଖସି ପଳାଇଥିବା ବେଳେ ୨ ଜଣ ଡ୍ରାଇଭରଙ୍କୁ ପୋଲିସ କାବୁ କରିଥିଲା। ୨ ଟ୍ରକ୍‌ରେ ଉନ୍ନତ ମାନର ଲୁହାପଥର ବୋଝେଇ ହୋଇଥିବା ବେଳେ ତଦନ୍ତରେ ବାଧା ଉପୁଜିବା ଆଶଙ୍କା ଥିବାରୁ ପରବର୍ତ୍ତୀ ସମୟରେ ସୂଚନା ପ୍ରଦାନ କରାଯିବ ବୋଲି ଆଇଆଇସି କହିଛନ୍ତି।

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ / Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୮.୧୧.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କରୁ ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|
| **ବାଲିଗୁଡ଼ା ଶାଖା, ବାଳକ ଉଚ୍ଚ ବିଦ୍ୟାଳୟ ସାମ୍ନା, ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ, ଓଡ଼ିଶା-୭୬୨୧୦୩, ମୋ.: ୮୮୯୫୧୪୮୮୮୨** | | | |
| ୧. | ଅମରେଶ ଆଚାର୍ଯ୍ୟ, ଏଟଓ: ଦୁଆର ମଳିକ, ସା: ବାଲାକିଆ, ପୋ: ରେବିଙ୍ଗିଆ, ଜିଲ୍ଲା: କନ୍ଧମାଳ / ୨୮୨୮୧୬୬୩୦୦୦୦୨୬୯ | ୩୬.୦୦ | ୩୮.୯୭ |
| **ମୁଣ୍ଡମରାଇ ଶାଖା, ସା/ପୋ: ମୁଣ୍ଡମରାଇ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୪, ମୋ.: ୯୯୩୭୪୬୧୫୬୬** | | | |
| ୧. | **ମିଥୁନ ସେଠୀ,** ପିତା: ରାଜେନ୍ଦ୍ର ସେଠୀ, ୩୪, ଉଲମା, ରୁଗୁମୁ, ଗଞ୍ଜାମ, ଓଡ଼ିଶା-୭୬୧୧୦୭ / ୦୮୫୨୧୬୫୪୦୦୦୦୮୭୦ | ୧୦.୫୦ | ୧୩.୫୦ |
| **ପୋଲସରା ଶାଖା, ମେନ୍ ରୋଡ୍, ପୋଲସରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୫, ମୋ.: ୭୯୭୮୭୧୦୪୫୨** | | | |
| ୧. | **ଗୌରହରି ସେଠୀ,** ପିତା: ବିଶ୍ୱନାଥ ସେଠୀ, ବି. ମଧୁସୂଦନପୁର, ଓଡିଆ ସାହି, ଗଞ୍ଜାମ, ଓଡ଼ିଶା / ୦୪୫୩୧୬୫୪୦୦୦୫୩୧୦ | ୧୦.୦୦ | ୧୮.୭୦ |
| ୨. | **ପଞ୍ଚୁ ପାତ୍ର,** ୧, ମଧୁପଲ୍ଲି, ଗଞ୍ଜାମ, ଓଡ଼ିଶା / **୦୪୫୩୧୬୫୪୦୦୦୯୦୭୦** | ୧୭.୦୦ | ୧୮.୫୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

**ସ୍ଥାନ : ବ୍ରହ୍ମପୁର, ତାରିଖ : ୧୦.୧୧.୨୦୨୫** — **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏମ୍‌ଇସିଏଚ୍‌ସିକେପି-୨୫-୨୬-୧୯, ତାରିଖ: ୦୭।୧୧।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ଟାଟାନଗରଠାରେ ପ୍ରାଇମେରୀ ଟ୍ରେନ୍‌ଗୁଡ଼ିକର ଯାନ୍ତ୍ରିକ କୋଚ୍ ସଫେଇ, ଜଳଯୋଗାଣ, ପ୍ୟାଡ଼ଲକିଂ/ଅନ୍‌ଲକିଂ, ପ୍ଲାଟଫର୍ମ ଫେରନ୍ତା/ଷ୍ଟେବଲ୍ଡ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ ତଥା ପ୍ରାଇମେରୀ ଟ୍ରେନ୍‌ଗୁଡ଼ିକର ବାୟୋଲୋଜିକାଲ ଟଏଲେଟ୍‌ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକା (ଏଏମ୍‌ଓସି) । **ଟେଣ୍ଡର ମୂଲ୍ୟ:** ₹୧୫,୩୭,୪୦,୩୧୪.୦୫ । **ବିଡ୍ ଅମାନତ:** ₹୯,୧୮,୭୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹୧୦,୦୦୦/- । **ଟେଣ୍ଡର ଖୋଲାଯିବା ସ୍ଥାନ:** ବରିଷ୍ଠ ମଣ୍ଡଳ ମେକାନିକାଲ୍ ଯନ୍ତ୍ରୀ/ଚକ୍ରଧରପୁରଙ୍କ କାର୍ଯ୍ୟାଳୟ, ଦ.ପୂ. ରେଳପଥ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୧।୧୨।୨୦୨୫ରିଖ ୧୫.୦୦ ଘଟିକାରେ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-820)

ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏଚ୍‌ଜି-୨୫-୨୬-ପ୍ୟାନେଲ୍ସ-୩୩, ତାରିଖ: ୦୮।୧୧।୨୦୨୫, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (କି)/ସାନ୍ତ୍ରାଗାଛି, ଦ.ପୂ. ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ **www.ireps.gov.in** ୱେବ୍‌ସାଇଟ୍‌ରେ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡରଆହ୍ୱାନ କରୁଛନ୍ତି। ସମ୍ପୃକ୍ତ ଠିକାଦାରମାନଙ୍କୁ **www.ireps.gov.in** ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜଗୁଡ଼ିକୁ ଯତ୍ନପୂର୍ବକ ପଢ଼ନ୍ତୁ । **କାର୍ଯ୍ୟର ନାମ:** [illegible] କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ଷ୍ଟେଶନରେ ପୁରୁଣା ପ୍ୟାନେଲ୍ସ ତଥା ଜରୁରୀ ଆସେସୋରିଗୁଡ଼ିକୁ ବଦଳାଇବା । **ଟେଣ୍ଡର ମୂଲ୍ୟ:** ₹୨,୬୬,୪୧,୬୬୦.୮୭ । **ଇଏମ୍‌ଡି/ବିଡ୍ ଅମାନତ:** ₹୨,୮୩,୨୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୧।୧୨।୨୦୨୫ରିଖ ୧୦.୩୦ ଘଟିକା । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ **www.ireps.gov.in** ରେ ଦିଆଯାଇଛି । (PR-821)

# କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଚାମ୍ପିୟନ

ବାଲିଆପାଳ, ୧୦।୧୧(ଗୋପାଳ ଚନ୍ଦ୍ର ସାହୁ)/
କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୦।୧୧



ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବାଲିଆପାଳ ପଞ୍ଚାୟତର କୁଦମାନସିଂ ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଆସୁଥିବା ବୋଇତ ବନ୍ଦାଣ ଓ ରାହାସ ଉତ୍ସବ ମେଳା ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହିଳା କବାଡ଼ି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଟୁର୍ନାମେଣ୍ଟରେ କୋଲକାତା ମହିଳା ଟିମ୍, କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ମହିଳା ଟିମ୍ ଓ ଡେଲାଙ୍ଗ ପୁରୀ ମହିଳା ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ କିଟ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଓ ଡେଲାଙ୍ଗ ପୁରୀ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ଶେଷ ସୁଦ୍ଧା ଡେଲାଙ୍ଗ ପୁରୀ ମହିଳା ଟିମ୍ ୨୨ ପଏଣ୍ଟ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ମହିଳା ଟିମ୍ ୩୨ ପଏଣ୍ଟ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବାଲିଆପାଳ ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସାମାଜିକ କର୍ମୀ ତଥା ଯୁବ ବ୍ୟବସାୟୀ ଜଗନ୍ନାଥ ବାରିକ ଯୋଗଦେଇ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରେଫରୀ ଭାବରେ ରାଜୀବ ସାହୁ ଏବଂ ହେମନ୍ତ ଦେ ଖେଳ ପରିଚାଳନା ରହିଥିଲେ।

# ବସ୍ତାରେ ମିଳିତ ଚଢ଼ାଉ

ବସ୍ତା,୧୦।୧୧(ହରିଶଙ୍କର ପାଢ଼ି)

ବାଲେଶ୍ୱର ଜିଲା ବସ୍ତା ଥାନା ଗାନ୍ଧିଛକ ଓ ବସ୍ତା ବଜାରରେ ଥିବା ବିଭିନ୍ନ ଔଷଧ ଦୋକାନ, ଚା' ଓ ପାନ ଦୋକାନ ଉପରେ ବାଲେଶ୍ୱର ଡ୍ରଗସ୍ ବିଭାଗ, ବସ୍ତା ଥାନା ଓ ବସ୍ତା ଅବକାରୀ ବିଭାଗର ମିଳିତ ଚଢ଼ାଉ କରାଯାଇଥିଲା। ଗୁଟ୍‌ଖା, ସିଗାରେଟ, ପାନ ମସଲା ରଖିଥିବା ଦୋକାନୀଙ୍କୁ ୨ଶହ ଟଙ୍କା ଲେଖାଏଁ ଜରିମାନା କରାଯାଇଥିଲା। ଔଷଧ ଦୋକାନଗୁଡ଼ିକରୁ ବହୁ କଫ୍‌ସିରପ୍ ଜବତ କରାଯାଇ ଲାବୋରେଟୋରୀକୁ ପଠାଯାଇଛି।

ସୋମବାର ପୂର୍ବାହ୍ନ ୧୦ଟାରେ ବାଲେଶ୍ୱର ଡ୍ରଗ୍ସ ଇନ୍ସପେକ୍ଟର ମୁକ୍ତିନନ୍ଦା ଶତପଥି, ଅବକାରୀ ଏସ୍‌ଆଇ ପ୍ରଜ୍ଞାପ୍ରିୟା ନାୟକ, ପୋଲିସ ଏଏସ୍‌ଆଇ ଉତ୍ତମ ସିଂଙ୍କ ନେତୃତ୍ୱରେ ଗାନ୍ଧିଛକ ଓ ବସ୍ତା ବଜାରରେ ମିଳିତ ଚଢ଼ାଉ କରାଯାଇଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 48/ET/SBP/ENGG/2025-26, ତା.04.11.2025ରିଖ

(1) ଇ-ଟେଣ୍ଡର ସଂ.50-eT-SDENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର 105 ସଂଖ୍ୟକ ଷ୍ଟେସନ / ଗୁମଟିରେ ରିଙ୍ଗ ଆର୍ଥ (Ring Earth)ର ବାଡ଼ ଲଗାଇବା କାର୍ଯ୍ୟ ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 4,28,35,186.94, ବିଡ୍ ସିକ୍ୟୁରିଟୀ : ₹ 3,64,200/-

(2) ଇ-ଟେଣ୍ଡର ସଂ.09-eT-SDENW-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ପଶ୍ଚିମ ପରିସୀମା ଅଧିନସ୍ଥ (1) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TFR-63.630 TKM, (2) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TFR(TO)-150 ସେଟ୍, (3) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TTR(FS+TWS+WCMSC)-07 ସେଟ୍, (4) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TBR-1.513 TKM ଏବଂ (5) ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ TWSEJ-208 ସେଟ୍‌ର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,81,68,547.67, ବିଡ୍ ସିକ୍ୟୁରିଟୀ : ₹ 2,40,900/-

(3) ଇ-ଟେଣ୍ଡର ସଂ.04-eT-BRIDGE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର / ବ୍ରିଜ୍ / ଟିଟିଲାଗଡ଼ ପରିସୀମା ଅଧିନରେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ଥେରୁବାଲି-ସିଙ୍ଗାପୁର ରୋଡ୍ ମଧ୍ୟରେ ବ୍ରିଜ୍ ନଂ. 588UP (2X76.2M TOWG + 1X18.3M PG) ଏବଂ ବେଲସୋଣ୍ଡା-ଆରଙ୍ଗ ମହାନଦୀ ମଧ୍ୟରେ ବ୍ରିଜ୍ ନଂ. 77DN (1X12.2M PSC + 1X24.4M PSC + 11X30.5M TOWG + 14X24.4M PSC + 1X12.2M PSC)ରେ ମାନବବିହୀନ ବାୟବୀୟ ପ୍ରଣାଳୀ ଡ୍ରୋନ ସର୍ଭେ (ଯଥାରୀତି)ର ପରିଚାଳନା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,03,750.00, ବିଡ୍ ସିକ୍ୟୁରିଟୀ : ₹ 18,100/-

**କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ. 1 ଓ 2 ନିମନ୍ତେ) ଏବଂ 04 (ଚାରି) ମାସ (କ୍ରମ ସଂ. 3 ନିମନ୍ତେ)।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 28.11.2025, 1500 ଘଟିକା (ସମସ୍ତ ଟେଣ୍ଡର ନିମନ୍ତେ)।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-781/Q/25-26

**TENDER NOTICE**

Sealed Tenders are invited from reputed suppliers for supply & installation of the following items at Taj Puri Resort & Spa, Odisha by 20th November, 2025 (08:30 A.M.) to 22nd November, 2025 (09:30 P.M.).

| Sl. No. | Description/Details of Item | Quantity |
|---|---|---|
| 1. | 10'x10' Bamboo/Steel/Wooden Stall | 01 pc |
| 2. | Rectangular Table with White Cloth Cover | 03 pcs. |
| 3. | Chair with White Cloth Cover | 15 pcs. |
| 4. | 6' x 4' Flex Board including installation* | 05 pcs. |
| 5. | 6' x 4' Electronic Display Board including installation * | 03 pcs. |
| 6. | Colour Booklets with Spiral Binding * | 25 pcs. |
| 7. | 300ml. Distilled Water Bottle | 300 pcs. |
| 8. | Flower Bouquets | 25 pcs. |
| 9. | Pen | 30 pcs. (Red-15 pcs, Blue-15 pcs.) |
| 10. | Pencil | 30 pcs. |
| 11. | A4 Paper (75 GSM) | 02 packets |
| 12. | Paper Weight | 15 pcs. |
| 13. | File Folder | 25 pcs. |
| 14. | Highlighter | 05 pcs. |
| 15. | Paper Flag | 05 packets |
| 16. | Stapler (Small size) with Pin | 05 pcs. |
| 17. | Stapler (Big size) with Pin | 03 pcs. |
| 18. | Quotes (to be colour printed 18" x 12") * | 10 pcs. |
| 19. | File Clip - Big | 05 packets |
| 20. | File Clip - Small | 05 packets |
| 21. | Jems Clip | 05 packets |
| 22. | Notepad | 30 pcs. |
| 23. | Towels (Small) | 25 pcs. |
| 24 | Napkin | 15 packets |
| 25. | Snacks (Kachuri 02 pcs, Dry Fruit 50 gms., Sweets 02 pcs , 01 Juice Tetra pack | 25 packets per day for 03 days (20.11.25 to 22.11.25) |
| 26. | Tea/ Coffee with 4 pc cookie each time (20 x 02 times per day) | 40 nos. for 03 days (20.11.25 to 22.11.25) |
| 27. | Standard Lunch | 25 packets per day for 03 days (20.11.25 to 22.11.25) |
| 28. | Name Plates (10"x 6")* | 10 pcs |
| 29. | Name Plates (10" x 12")* | 04 pcs |
| 30. | Sambalpuri Shawl/Stole | 25 pcs. |
| 31. | Handcrafted Memento | 25 pcs. |
| 32. | Jute Bags (1.5' x 2') | 25 pcs. |

* Content will be supplied by office and all items should be of the best quality. Additional items be supplied as & when required. Rates be given as per MRP/Market price.
Interested suppliers may submit their rates including all kind of taxes and charges for the afore-mentioned items on or before 16.11.2025 in the following address '.

**The Defence Estates Officer**
**Govt. of India, Ministry of Defence**
**163, Prachi Enclave, Chandrasekharpur,**
**Bhubaneswar, Odisha-751016, Tele : 0674-2747631,345,**
**E-mail: deobhub-stats@nic.in**

**HDFC BANK** We understand your world

# AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 18-Nov-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75257338 | ALIZA DEHURY | 1305100 | **HDFC BANK LTD,** GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 2 | 76072684 | SAKTI PATNAIK | 1188500 | **HDFC BANK LTD,** 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 3 | 76073953 | SAKTI PATNAIK | 518000 | |
| 4 | 4000696314 | BULU GOCHAYAT | 308400 | |
| 5 | 75505950 | PRITAM BAIDHANK | 60700 | |
| 6 | 50200078558960 | BIDU LATA JENA | 750300 | |
| 7 | 75668606 | PRAKASH SAHU | 728900 | **HDFC BANK LTD,** AT-KANDASARA, PO-NALCO NAGAR, ANGUL-759145 |
| 8 | 75863703 | SUNIL KUMAR LENKA | 225000 | |
| 9 | 75730784 | PRINCE KUMAR SINGH | 166800 | |
| 10 | 75572813 | SUNIL KUMAR LENKA | 155900 | |
| 11 | 75818834 | ABHAYA NAIK | 28400 | |
| 12 | 75888452 | TAPAS KUMAR SASMAL | 108500 | **HDFC BANK LTD,** AT-PANDUA, PO-KOTAGARA, AANLABARENI, DHENKANAL-759026 |
| 13 | 4000015534 | N K TAPAN | 220700 | **HDFC BANK LTD,** BAJRAKABATI ROAD, CUTTACK-753001 |
| 14 | 75281173 | RISHAB OJHA | 65700 | **HDFC BANK LTD,** BARBIL JODA HIGHWAY, KEONJHAR, BARBIL-758035 |
| 15 | 75617736 | SASMITA MOHAPATRA | 1038900 | **HDFC BANK LTD,** BIBISARAM MARKET CHAK, JAJPUR TOWN, JAJPUR-755001 |
| 16 | 76030084 | SEKH ARASAD | 174000 | |
| 17 | 75754853 | KISHORE KUMAR NAYAK | 496000 | **HDFC BANK LTD,** BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 18 | 75869280 | P RAJESH SUBUDHI | 160200 | |
| 19 | 75498875 | RITIK KUMAR DAS | 322800 | **HDFC BANK LTD,** DHIPASAHI, STATION ROAD, BARIPADA-757001 |
| 20 | 75798940 | RAHUL NAIK | 241800 | |
| 21 | 75414355 | SIBA SAHOO | 308200 | **HDFC BANK LTD,** DURGA BAZAR, JAGATSINGHAPUR, ORISSA-754103 |
| 22 | 75670443 | CHANDAN KUMAR SAHOO | 170100 | |
| 23 | 75723936 | CHANDAN KUMAR SAHOO | 153400 | |
| 24 | 75347916 | SUJIT MOHNTY | 75800 | |
| 25 | 75602437 | SABAHAT AFRIN | 14700 | |
| 26 | 75731668 | SANJEEB KUMAR PATRO | 65000 | **HDFC BANK LTD,** GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 27 | 75509309 | DEBARAJ SAHU | 13000 | |
| 28 | 75394945 | BHUPENDRA RANA | 38000 | **HDFC BANK LTD,** GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |
| 29 | 75482240 | BHUPENDRA RANA | 26000 | |
| 30 | 75184883 | SANJUKTA PRADHANI | 87,100 | |
| 31 | 75329977 | SIBA RAM SABAT | 300000 | **HDFC BANK LTD,** GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 32 | 75720187 | MANAS RANJAN PRADHAN | 220500 | **HDFC BANK LTD,** GROUND FLOOR, SHANKAR CINEMA ROAD, ANGUL, ODISHA-759122 |
| 33 | 75365724 | MOHAMMED ULFAT HUSSAIN | 24100 | **HDFC BANK LTD,** GROUND FLOOR, OPP. BHARAT PETROL PUMP, DHANUPALI, SAMBALPUR-768005 |
| 34 | 4000652022 | UTKALRAM JENA | 130900 | **HDFC BANK LTD,** HATATOTA, TALCHER, ANGUL-759100 |
| 35 | 4000567560 | SANGRAM JENA | 294000 | **HDFC BANK LTD,** JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 36 | 75947915 | KAILAS CHANDRA PANDA | 190000 | |
| 37 | 74155434 | KRUSHNA CHANDRA NAYAK | 184000 | |
| 38 | 4000556702 | PRIYANKA TAKRI | 86000 | |
| 39 | 4000613086 | SANGRAM JENA | 60000 | |
| 40 | 75986513 | BASANTI CHAUDHURY | 602000 | **HDFC BANK LTD,** KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 41 | 75476223 | PRAKASHCHANDRA PATNAYAK | 200000 | |
| 42 | 75232366 | RAJALAXMI DAKUA | 179000 | |
| 43 | 75710807 | MAHESWAR POLAI | 72000 | |
| 44 | 75735824 | BABITA BISHOYI | 670800 | |
| 45 | 74219128 | JITENDRA KUMAR ROUT | 71400 | **HDFC BANK LTD,** MAHIPAL, KENDRAPARA-754211 |
| 46 | 75318348 | PATITA RAUTA | 200000 | **HDFC BANK LTD,** MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 47 | 75231907 | MAHESWAR PRADHAN | 83400 | |
| 48 | 75289025 | BIPIN NAYAK | 281500 | **HDFC BANK LTD,** MAIN ROAD, BHANJANAGAR, GANJAM-761126 |
| 49 | 75273800 | PUSHPALATA SAHU | 86300 | |
| 50 | 75272266 | SANDHYA SWAIN | 80400 | |
| 51 | 75959972 | SUDHANSU PANIGRAHY | 641000 | **HDFC BANK LTD,** MAIN ROAD, GOSANINUAGAON, BERHAMPUR-760003 |
| 52 | 75879454 | PRASANTA PRADHAN | 257500 | |
| 53 | 75830683 | JITENDRA RAULA | 125000 | |
| 54 | 75539824 | BALAJI SAHU | 52000 | |
| 55 | 75596784 | SUSANT KUMAR BEHERA | 153000 | **HDFC BANK LTD,** MAIN ROAD, NEAR RELIANCE TRENDS, BALUGAON-752030 |
| 56 | 4000085963 | SATYABRAT MANGARAJ | 40800 | |
| 57 | 75206808 | SANJUKTA PRADHANI | 168000 | **HDFC BANK LTD,** MANIKESWARI CHOWK, BHAWANIPATNA, KALAHANDI-766001 |
| 58 | 75939471 | ANITA SIKHAPUCHA | 215000 | **HDFC BANK LTD,** MARKET SQUARE, PARLAKHEMUNDI, GAJAPATI-761200 |
| 59 | 75823990 | MEELA SANKAR | 55000 | |
| 60 | 75212924 | MEELA SANKAR | 39000 | |
| 61 | 74527808 | S HARISH | 35000 | |
| 62 | 74879513 | AJESH PALA | 31000 | |
| 63 | 75460242 | MADHU SUDAN MALI | 275900 | **HDFC BANK LTD,** NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 64 | 75460571 | MADHU SUDAN MALI | 223100 | |
| 65 | 74842839 | DEBANANDA SAHU | 59300 | |
| 66 | 75283347 | BARUN BISWAKARMA | 57400 | **HDFC BANK LTD,** NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 67 | 75238682 | GUPTA ADAKATIA | 47100 | |
| 68 | 75666014 | ABINASH MAHAPATRA | 451500 | **HDFC BANK LTD,** NEAR R.T.O OFFICE, NH-26, KORAPUT-764020 |
| 69 | 73978125 | ASWINI KUMAR LENKA | 201000 | **HDFC BANK LTD,** OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 70 | 75853054 | SABITA MOHAPATRA | 129000 | |
| 71 | 75439867 | PRATAP CHANDRA GHADEI | 49000 | |
| 72 | 4000134689 | SHANKAR NAYAK | 138800 | **HDFC BANK LTD,** PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 73 | 75934126 | BABLU YADAV | 430000 | **HDFC BANK LTD,** PATRAPADA, BHUBANESWAR, KHURDA-751019 |
| 74 | 75822562 | BISWABANDITA SAHOO | 277000 | |
| 75 | 75525700 | SUBRAT KUMAR JENA | 255000 | **HDFC BANK LTD,** PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 76 | 75358637 | E ANAND | 170800 | |
| 77 | 75333902 | SANJAY MOHANTY | 791100 | **HDFC BANK LTD,** PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 78 | 75937347 | RAJAT KUMAR SAHOO | 186800 | |
| 79 | 75856930 | SAMIR BEHERA | 87000 | |
| 80 | 75964169 | KROMTON SAHOO | 72200 | |
| 81 | 75863378 | SABYASACHI LENKA | 52000 | |
| 82 | 76035771 | SUKUMAR NAYAK | 636500 | **HDFC BANK LTD,** PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 83 | 74652740 | RANJIT KUMAR JENA | 379000 | |
| 84 | 75767879 | NIRANJAN ROUT | 98000 | |
| 85 | 4000535410 | NIRANJAN ROUT | 75000 | |
| 86 | 4000714722 | NIRANJAN ROUT | 54000 | |
| 87 | 75311060 | AKSHAYA KUMAR SAHU | 109829.5 | **HDFC BANK LTD,** PLOT NO-1078/1110, SHAMPUR, NUAGAON, BHUBANESWAR-751003 |
| 88 | 75602558 | SANTOSH KUMAR PALAI | 1837000 | **HDFC BANK LTD,** PLOT NO-676/1249, JAYASREE CINEMA HALL ROAD, CHATRAPUR, GANJAM, ODISHA-761020 |
| 89 | 75210142 | SANJAY KUMAR SAMAL | 41100 | **HDFC BANK LTD,** PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 90 | 74213276 | HARISHCHANDRA KHATUA | 34500 | |
| 91 | 75839033 | KAMALAKANTA SAHU | 83800 | **HDFC BANK LTD,** R K TOWERS, DAILY MARKET, BOLANGIR-767001 |
| 92 | 75862210 | KHIROD SUNA | 38000 | |
| 93 | 75843714 | SMRUTIMAYEE SAHU | 968000 | **HDFC BANK LTD,** SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 94 | 75897728 | RANJIT KUMAR SAHOO | 73100 | |
| 95 | 4000435668 | ANUP KUMAR BEHRA | 55800 | |
| 96 | 75416921 | JITENDRA KUMAR JENA | 40000 | |
| 97 | 75433851 | TILOTTAMA GOUDA | 1130000 | **HDFC BANK LTD,** SARGUNA STREET, ASKA ROAD, BRAHMAPUR-760006 |
| 98 | 75583530 | AMITA KHADIRATNA | 79000 | **HDFC BANK LTD,** VIP PLAZA, VIP ROAD, PURI-752001 |
| 99 | 75531294 | JAGADISH BARIK | 382900 | **HDFC BANK LTD,** 1ST FLOOR, DALA CHHAK,JAJPUR ROAD,755019 |
| 100 | 75282637 | IMRAN ALI KHAN | 181900 | |
| 101 | 4000635608 | FIROJ EKKA | 157000 | |
| 102 | 76002840 | AKSHYA KUMAR PANDA | 1920000 | **HDFC BANK LTD,** BHABA NAGAR SQUARE,BRAHMAPUR,760004 |
| 103 | 75651101 | MONIKA JENA | 542000 | |
| 104 | 75039872 | MONIKA JENA | 415000 | |
| 105 | 75927001 | MONIKA JENA | 242000 | |
| 106 | 4000481285 | MOHAMMED ULFAT HUSSAIN | 39200 | **HDFC BANK LTD,** C/O PRITI AUTO COMBINE, GOL BAZAR,SAMBHALPUR,768001 |
| 107 | 75645275 | JITU KUMAR NAIK | 175600 | **HDFC BANK LTD,** DWIBEDI BHAWAN,BISRA ROAD,ROURKELA,769001 |
| 108 | 75572237 | RAJESH KUMAR DAS | 167000 | |
| 109 | 4000670512 | DIBYAPRAKASH PANIGRAHI | 209800 | **HDFC BANK LTD,** F M CIRCLE,BALASORE,756001 |
| 110 | 75137490 | JYOTIPRAKASH DASH | 104000 | |
| 111 | 75854444 | TRUPTILATA JENA | 63000 | |
| 112 | 75712530 | SAROJ PRADHAN | 164200 | **HDFC BANK LTD,** GROUND FLOOR, SHANTILATA MANDAP,CHANDIKHOL,JAJPUR,754296 |
| 113 | 75967580 | BIJULI SITAKANTA BAL | 359900 | **HDFC BANK LTD,** GROUND FLOOR, POKHARIAPADA,PATTAMUNDAI,754215 |
| 114 | 4000601403 | SUDESHNA BEHERA | 181900 | |
| 115 | 75881156 | EMDI PHIROJ | 32000 | **HDFC BANK LTD,** NEAR NEW BUS STAND,BIRAMITRAPUR,770033 |
| 116 | 75759710 | SUNITA BEHERA | 83000 | **HDFC BANK LTD,** PANCHGACHIA,BARAIPALI,SAMBALPUR,768006 |
| 117 | 76060542 | SASMITA PRADHAN | 268500 | **HDFC BANK LTD,** PLOT NO - 239/2048/2323, GROUND FLOOR,BALIABADI,KHORDHA,752056 |
| 118 | 75337048 | NASIM AKTAR | 204000 | |
| 119 | 75409431 | RAJ KISHOR JAGDEV | 63000 | |
| 120 | 4000492000 | KANHU RANA | 49300 | **HDFC BANK LTD,** PLOT NO 2528,RATHA SAHI,RAIRAKHOL,768106. |
| 121 | 50200029556381 | PRADEEP KUMAR SUTAR | 683407.14 | **HDFC BANK LTD,** PLOT NO -484/1908, MADHUSUDAN NAGAR,BHUBANESWAR,751012 |
| 122 | 75868101 | SNEHAMAYEE BHATTACHARYA | 25900 | **HDFC BANK LTD,** PLOT NO 6, SANTOSHI BHAWAN,MAHANADI VIHAR,753004 |
| 123 | 75305583 | MEERA KAR | 218700 | **HDFC BANK LTD,** PLOT NO E/11, KOEL NAGAR,ROURKELA,769014 |
| 124 | 75512790 | KUMUDINI BISWAL | 177400 | |
| 125 | 75306976 | MEERA KAR | 172600 | |

| S No | Loan No | Nominee Name | Loan Amount | Place of Auction (Branch Address) |
|---|---|---|---|---|
| 1 | 75206808 | **SANJUKTA PRADHANI WIFE OFRABIN PRADHANI** | 168000 | **HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001** |
| 2 | 75184883 | **SANJUKTA PRADHANI WIFE OFRABIN PRADHANI** | 87100 | **HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015** |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 11/11/2025, Place : ODISHA** — **Sd/- Authorized Officer, HDFC BANK LTD.**

## ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣିରେ ୨୦୪ ଅଭିଯୋଗ

# 'ନିମ୍ନମାନର ପଥରପ୍ୟାକିଂ, ଧସୁଛି ନଦୀବନ୍ଧ'

### ତଦାରଖ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ

ଚାନ୍ଦବାଲି,୧୦।୧୧(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମନୋଜ ରାଉତ ଶିବିରରେ ଯୋଗଦେଇ ମୋଟ ୨୦୪ ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୧୬୮ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୩୬ଟି ସାମୂହିକ ଥିଲା। ଚାନ୍ଦବାଲି ଜଳସମ୍ପଦ ବିଭାଗ ଅଧୀନରେ ଏନ୍‌ଏସି ଅନ୍ତର୍ଗତ କୁଲ୍ଲୀ ଗ୍ରାମରେ ବୈତରଣୀ ନଦୀବନ୍ଧରେ ପଥରପ୍ୟାକିଂ କାମରେ ଅନିୟମିତତା, ବିନା ଫଳକରେ ଲକ୍ଷାଧିକ ଟଙ୍କାର କାମ ଚାଲିଥିବା ଓ ନିମ୍ନମାନର କାମ ଯୋଗୁ ବାରମ୍ବାର ବନ୍ଧ ଧସିଯିବା ନେଇ ନାଲୁଗୁଣ୍ଡା ପଞ୍ଚାୟତ ସମିତିସଭ୍ୟ ଅଭୟ ବଳ ଅଭିଯୋଗ କରିଥିଲେ। ଜିଲାପାଳ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶରତ କୁମାର ଘଡ଼େଇଙ୍କୁ ଡାକି ତଦାରଖ କରିବା ଓ ତୁରନ୍ତ କାମ ସ୍ଥଳରେ ଫଳକ ଲଗାଇବାକୁ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ଏସ୍‌ଡିଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଶିକ୍ଷକ ନେତା ପ୍ରଫୁଲ୍ଲ ଦାସ ଚାନ୍ଦବାଲି ଅଞ୍ଚଳରେ ବଢୁଥିବା ଚୋରାମଦ ବ୍ୟବସାୟ, ଫାଙ୍କା ପଡ଼ିଥିବା ଏସ୍‌ଡିପିଓ ପଦବୀ ଓ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଚାନ୍ଦବାଲିରେ ରହୁ ନ ଥିବା ନେଇ ଅଭିଯୋଗ କରିଥିଲେ। ଅଧିକାରୀମାନେ ନିୟମ ଅନୁସାରେ ୮ କି.ମି. ଭିତରେ ରହିବା ଆବଶ୍ୟକ ବୋଲି ଚିଠି କରି ଏହାର ପାଳନ କରିବାକୁ ଜିଲାପାଳ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଡିପିଓ ପଦବୀ ପୂରଣ ପାଇଁ ସରକାରଙ୍କୁ ବାରମ୍ବାର ପତ୍ର ପଠାଯାଇଛି ଓ ଖୁବ୍‌ଶୀଘ୍ର ଏହା ପୂରଣ ହେବ ବୋଲି ଏସ୍‌ପି କହିଥିଲେ। ପାଣିକୋଇଲିରୁ ତାରିଣୀ ଛକ ଭାୟା ଓଡ଼ିଆ ନୂତନ ବାଇପାସ୍ ରୋଡ୍ ନିର୍ମାଣ ପାଇଁ ପାରିଷଦ ଚନ୍ଦନ ରାଉତ, ଯୁବନେତା ଗଣେଶ ଦାସ, ସାର୍ଥକ ନାୟକ, ସୁଶାନ୍ତ ମହାନ୍ତି, ବିଜୟ କୁମାର ବେହେରା ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଏହାବ୍ୟତୀତ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନ୍‌ସନ, ଆବାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା, ଜବରଦଖଲ ଉଚ୍ଛେଦ ସମ୍ପର୍କିତ ଅଭିଯୋଗ ଆସିଥିଲା। ୩୮ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଜଣଙ୍କୁ ଓ ରେଡ୍‌କ୍ରସରୁ ୩ଜଣଙ୍କୁ ୩୭ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡିଏଫ୍‌ଓ ସୌଭାଗ୍ୟ ସାହୁ, ତହସିଲଦାର ଭବତୋଷ ମଲ୍ଲିକ, ବିଡିଓ ସଞ୍ଜୀବ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଜନଶୁଣାଣି ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ରାଷ୍ଟ୍ରପତିଙ୍କୁ ଭେଟିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନୂଆଦିଲ୍ଲୀଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଆଲୋଚନା କରୁଛନ୍ତି।

ଧାମନଗର,୧୦।୧୧
(ଦେବେନ୍ଦ୍ର ଆଦିଆ)

ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ରାଷ୍ଟ୍ରପତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ରାଷ୍ଟ୍ରପତି ଆଲୋଚନା ସମୟରେ ଦେଇଥିବା କେତେକ ପରାମର୍ଶ ପ୍ରେରଣାଦାୟୀ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ମନ୍ତ୍ରୀ ସୂର୍ଯ୍ୟବଂଶୀ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଭେଟି ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଉପରେ ଆଲୋଚନା କରିବା ସହ ଏହାର ପ୍ରଚାର ପ୍ରସାର ଦିଗରେ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

## ସ୍କୁଲକୁ ନିମ୍ନମାନର ଖାଦ୍ୟ ଯୋଗାଣ

ବାସୁଦେବପୁର,୧୦।୧୧ (କାଳିପଦ ରାୟ)

ବାସୁଦେବପୁର ପୌରାଞ୍ଚଳ ଓ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଏକ ବେସରକାରୀ ସଂସ୍ଥା ଦୀର୍ଘଦିନ ହେବ ମଧ୍ୟାହ୍ନଭୋଜନ ଯୋଗାଇ ଆସୁଛି। ହେଲେ ଏହି ସଂସ୍ଥା ନିମ୍ନମାନର ଖାଦ୍ୟ ଯୋଗାଉଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ଅଭିଯୋଗ କରିଆସୁଛନ୍ତି। ଗତ ଶୁକ୍ରବାର ଶୁକଦେବପୁର ପ୍ରାଥମିକ ବିଦ୍ୟାଳୟକୁ ଉକ୍ତ ସଂସ୍ଥା ପକ୍ଷରୁ ଯୋଗାଇ ଦିଆଯାଇଥିବା ଖାଦ୍ୟରେ ପଚା ଅଣ୍ଡା ବାହାରିଥିଲା। ଏନେଇ ଛାତ୍ରୀଛାତ୍ର ଶିକ୍ଷକଙ୍କୁ ଜଣାଇଥିଲେ। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଭାବକମାନେ ଖାଦ୍ୟ ନେଇ ଆସିଥିବା ଗାଡ଼ିକୁ ମଧ ଅଟକାଇଥିଲେ। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର କାଠ ଅଭିଭାବକମାନଙ୍କୁ ବୁଝାଶୁଝା କରି ଖାଦ୍ୟ ଖାଇ ନ ଥିବା ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ଖାଇବା ପାଇଁ ଦେଇଥିଲେ। ବିଦ୍ୟାଳୟରେ ରୋଷେଇ କରି ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ଯୋଗାଇଦେବାକୁ ଅଭିଭାବକମାନେ ଦାବି କରିଥିଲେ। ଏନେଇ ଜିଲାପାଳ ଦିଲୀପ ରାଉତରାଏ ଶନିବାର ଜିଲା ଶିକ୍ଷାଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ବୈତରଣୀଶ୍ୱରୀ ପାଲା କମିଟିର ୫୦ ବର୍ଷ ପୂର୍ତ୍ତି ଅବସରରେ ବାଦୀପାଲା ଉଦ୍‌ଯାପିତ



ବାଦୀପାଲା ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଉଛି।

ଧାମନଗର,୧୦।୧୧
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଷେଣ୍ଡପୁର ଅଞ୍ଚଳର ଓଁ ଶ୍ରୀ ଶ୍ରୀ ବୈତରଣୀଶ୍ୱରୀ ପାଲା କମିଟିର ୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଚାଲିଥିବା ବାଦୀପାଲା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଦିଗରେ ପାଲା ଅନୁଷ୍ଠାନଗୁଡ଼ିକର ଅବଦାନ ଅତୁଳନୀୟ ବୋଲି ଉଦ୍‌ଯାପନୀ ସଭାରେ ବକ୍ତାମାନେ କହିଥିଲେ। ଗତ ଗୁରୁବାରରୁ ଆରମ୍ଭ ହୋଇଥିବା ବାଦୀପାଲାକୁ ବହୁ ପାଲା ପ୍ରେମୀ ଉପଭୋଗ କରିଥିଲେ। କମିଟିର ସଭାପତି ଦଶରଥ ଗାହାଣ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ, ବରେଣ୍ୟ ଅତିଥି ଗାୟକ ପୀୟୂଷ ସତ୍ୟନାରାୟଣ ଜେନା, ମୁଖ୍ୟବକ୍ତା ଗାୟକ ପ୍ରବୀର ସନାତନ ଦାଶ ଏବଂ ଅନ୍ୟତମ ଅତିଥି ଭାବେ ବିଷ୍ଣୁ ମୋହନ ମିଶ୍ର, ଭରତ ଚନ୍ଦ୍ର ତରେଇ, ଶିଶିର ମିଶ୍ର, ଦାମୋଦର ସୁତାର, ରମେଶ ରଥ, ଆନନ୍ଦ ଦାଶ, ଅଚ୍ୟୁତାନନ୍ଦ ବାଭି ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ମା' ବୁଢ଼ୀ ଜାଗୁଳାଇ ସାଂସ୍କୃତିକ ପରିଷଦ, ଭଗବାନପୁର ସତ୍ୟନାରାୟଣ ପାଲା ଅନୁଷ୍ଠାନ, ପଳିକିରି, ମୁହାଣପଡ଼ାର ୨ଟି ଅନୁଷ୍ଠାନ, ସୋଧ, ବିରୁହାଁ, ରାମେଶ୍ୱରପୁର, ପିତେଇପୁର, ବୋଉଳାଙ୍ଗ, ପାହାଡ଼ପୁର ଆଦି ୧୦ ପାଲା ଅନୁଷ୍ଠାନ ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମରେନ୍ଦ୍ର ପରିଡ଼ା ମଞ୍ଚ ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ଗାହାଣ, ଅମର ପାଗଳ, ବରାହ ମିର ପାଗଳ, ଆଶୁତୋଷ ସୁତାର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସୁତାର ଧନ୍ୟବାଦ ଦେଇଥିଲେ।

# ମେଲାଣି ନେଲେ ମା' କାଳୀ

ବାସୁଦେବପୁର,୧୦।୧୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରର ଐତିହାସିକ କାଳୀପୂଜାର ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରୁ ଭସାଣି ଆରମ୍ଭ ହୋଇ ମଧ୍ୟରାତ୍ରରେ ଶେଷ ହୋଇଥିଲା। ୧୯ ଦିନ ୪ ମଣ୍ଡପରେ ମା' କାଳୀ ପୂଜା ପାଇବା ପରେ ମିଳିତ ଭାବେ ୪ ପୂଜା କମିଟି ପକ୍ଷରୁ ଭସାଣି ଶୋଭାଯାତ୍ରା କରାଯାଇଥିଲା। ପ୍ରଥମେ ସର୍ବପୁରାତନ କାଳୀ କମିଟି ମେଢ଼, ୨ୟରେ ବ୍ଲକରୋଡ୍, ୩ୟରେ ହାଇସ୍କୁଲ ଛକ ଓ ଶେଷରେ ବସ୍‌ଷ୍ଟାଣ୍ଡ କାଳୀ କମିଟିର ମେଢ଼ ସହର ପରିକ୍ରମା କରିଥିଲା। ଆକର୍ଷଣୀୟ ଆଲୋକସଜ୍ଜା, କୀର୍ତ୍ତନ ଦଳ, ଆଦିବାସୀ ନୃତ୍ୟ, ବିଭିନ୍ନ ପାରମ୍ପରିକ ବାଦ୍ୟ, ଶିବ ତାଣ୍ଡବ ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ ଦଳ ସେମାନଙ୍କ କଳା କୌଶଳ ପ୍ରଦର୍ଶନ କରିଥିଲେ। ଭସାଣି ଉତ୍ସବରେ ବହୁ ଲୋକଙ୍କ ସମାଗମ ହୋଇଥିଲା। ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପୋଖରୀରେ ୪ ମେଢ଼ ବିସର୍ଜନ କରାଯାଇଥିଲା। ପୂଜା ମଣ୍ଡପ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



ହାଇସ୍କୁଲ ଛକ ମଣ୍ଡପରେ ପୂଜା ପାଉଥିବା ମା' କାଳୀଙ୍କୁ ଭସାଣି ପାଇଁ ନିଆଯାଉଛି।

# ହୋମିଓପାଥି ଡାକ୍ତରଙ୍କ ଘରୁ ଚୋରି

ବାସୁଦେବପୁର,୧୦।୧୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ଭୈରବପୁର ଗ୍ରାମ ସଂଲଗ୍ନ ବାସୁଦେବପୁର-ସୁଦର୍ଶନପୁର ରାସ୍ତାପାର୍ଶ୍ୱରେ ଥିବା ହୋମିଓପାଥି ଡାକ୍ତର ପରମାନନ୍ଦ ସାହୁଙ୍କ ଘରୁ ରବିବାର ରାତିରେ ଚୋରି ହୋଇଛି। ଡାକ୍ତର ତାଙ୍କ ପରିବାର ସହ ଘରେ ନ ଥିବାବେଳେ ୨ଜଣ ଚୋର ଘରେ ପଶି ନଗଦ ୪୦ ହଜାର ଟଙ୍କା ସହ ୫୦ ହଜାର ଟଙ୍କା ଅଳଙ୍କାର ଚୋରି କରିନେଇଛନ୍ତି। ସିସିଟିଭି ଫୁଟେଜରୁ ଏହା ଜଣାପଡ଼ିଥିବା ବେଳେ ଡାକ୍ତର ସାହୁଙ୍କ ଶାଶୁ ଶାନ୍ତିଲତା ପାଣି ସୋମବାର ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଡାକ୍ତର ସାହୁ ତାଙ୍କ ପରିବାର ସହ ଏକ କଳାତ୍ମକ ଅଡିଶନରେ ଯୋଗଦେବା ପାଇଁ ଯାଇଥିବା ବେଳେ ଏହାର ସୁଯୋଗରେ ତାଙ୍କ ଘରୁ ଚୋରି ହୋଇଛି।

ପ୍ରକାଶଥାଉ କି, ଡାକ୍ତର ସାହୁଙ୍କ ଘରୁ ୨୦୨୩ ଜୁଲାଇ ୩ରେ ଅନୁରୂପ ଭାବେ ଚୋରି ହୋଇଥିଲା। ଚୋରମାନେ ତାଙ୍କ ମା' ବୃନ୍ଦାବତୀଙ୍କୁ ମରଣାନ୍ତକ ଆକ୍ରମଣ କରି ଅଚେତ ଅବସ୍ଥାରେ ଘରେ ପକାଇ ପଳାଇ ଯାଇଥିଲେ। ସେହିପରି ୨୦୨୪ ଅକ୍ଟୋବର ଶେଷ ସପ୍ତାହରେ ମଧ ଆଉ ଥରେ ତାଙ୍କ ଘରୁ ଚୋରି ହୋଇଥିଲା। ୩ ବର୍ଷରେ ୩ ଥର ତାଙ୍କ ଘରୁ ଚୋରି ହୋଇଥିବାରୁ ତାଙ୍କ ଆର୍ଥିକ ଅବସ୍ଥା ଦୋହଲାଇ ଦେଇଥିବା ବେଳେ ଜୀବନ ପ୍ରତିବିପଦ ରହିଥିବା ଡାକ୍ତର ସାହୁ କହିଛନ୍ତି।

# ପୁରୁଣାବଜାରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଭଦ୍ରକ,୧୦।୧୧(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଅଞ୍ଚଳରେ ବିଜେଡି ପକ୍ଷରୁ ରବିବାର ଅପରାହ୍ନରେ ଜନସମ୍ପର୍କ ପଦଯାତ୍ରା କରାଯାଇଥିଲା। ପୁରୁଣାବଜାରଠାରୁ ପଦଯାତ୍ରା ବାହାରି ହନିଫ କ୍ଲବ ନିକଟରେ ଶେଷ ହେବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ବର୍ତ୍ତମାନର ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିବା ସହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ଦଳକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ସହ ଯୁବବର୍ଗଙ୍କୁ ସାମିଲ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୌରାଧକ୍ଷା ଗୁଲମକ୍କୀ ହବିବ, ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ଟାଉନ ସଭାପତି ମହମ୍ମଦ ଜକାଉଲ୍ଲା, ବରିଷ୍ଠ ଆଇନଜୀବୀ ପୱନ ଶର୍ମା, ପାରିଷଦ ଦିଲୀପ ନାୟକ, ସାହିଦ୍ ଖାନ୍, ଶେଖ ଗରିବଉଲ୍ଲା, ଯୁବନେତା ପଙ୍କଜ ବଳ, ପ୍ରଭାତ ମାଝୀ, ତନୱିର ଖାନ୍, ଶେଖ ଜାହିଦ ହବିବ, ବିକାଶ ଶ୍ରେଷ୍ଠା, ମାୟାଧର ନାଥ, ଇମିତିୟାଜ କମାଲ ଖାନ୍‌ଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ପଦଯାତ୍ରାରେ ସାମିଲ ଥିଲେ।




ପଦଯାତ୍ରାରେ ବିଜେଡି ନେତା ଓ କର୍ମୀ।

# ଜାତୀୟ ଆଇନସେବା ଦିବସ

ଭଦ୍ରକ,୧୦।୧୧(ସନାତନ ରାଉତ)

ଭଦ୍ରକ ଆରଡ଼ିଛକ ମଣିନଗରସ୍ଥିତ ସାଇ ଜୁପିଟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରବିବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତ ସଦସ୍ୟ ନେପାଳ ଚନ୍ଦ୍ର ଦାସ, ଆଇନଜୀବୀ ଡ. ତାପସ କୁମାର ମହାନ୍ତି, ନ୍ୟାୟ ରକ୍ଷକ ପାର୍ଥସାରଥୀ ଜେନା, ନିର୍ଦ୍ଦେଶକ ବଟକୃଷ୍ଣ ନାୟକ, ଜୟଦେବ ଭୋଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୫୧୦୦ ଦେୟମୁକ୍ତ ନମ୍ବର ମାଧ୍ୟମରେ ଯୋଗାଯୋଗ କରି ଅସହାୟ ବ୍ୟକ୍ତି ନ୍ୟାୟାଳୟର ନିଜ କେସ୍ ସମ୍ବନ୍ଧରେ ମଧ ଜାଣିପାରିବେ ବୋଲି ପ୍ରାଧିକରଣ ସଚିବ ସୂଚନା ଦେଇଥିଲେ। ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିକ୍‌ଅପ୍ ଧକ୍କାରେ ଯୁବକ ମୃତ

ଧାମନଗର,୧୦।୧୧
(ସନ୍ତୋଷ କୁମାର ମହାପାତ୍ର)



ଧନଞ୍ଜୟ ସାମଲ।

ଧାମନଗର ଥାନା ଅଧୀନ ମହୁରା ଛକ ନିକଟରେ ରବିବାର ରାତିରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିର୍ଗୁଣ୍ଡି ପଞ୍ଚାୟତ ଶିବବିନ୍ଧା ଗ୍ରାମର ମୁକ୍ତିକାନ୍ତ ସାମଲଙ୍କ ପୁଅ ଧନଞ୍ଜୟ(୩୦)। ସୂଚନା ଅନୁଯାୟୀ, ଧାମନଗରରୁ ଆସୁଥିବା ଏକ ଟାଟା ପିକଅପ୍ ଗାଡ଼ି ମହୁରା ଛକ ନିକଟରେ ଧନଞ୍ଜୟଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ସେ ଛିଟିକି ଯାଇ ରାସ୍ତାପାର୍ଶ୍ୱରେ କଟା ହୋଇଥିବା ଗଛର ବଡ଼ ବଡ଼ କାଠ ଗଣ୍ଡିରେ ବାଡ଼େଇ ହୋଇଯିବାରୁ ମୁଣ୍ଡ ମାଡ଼ ହେବା ସହ ଗୁରୁତର ହୋଇଥିଲେ। ଦମକଳ ଗାଡ଼ି ଯୋଗେ ତାଙ୍କୁ ଧାମନଗର ମେଡିକାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଧାମନଗର ଥାନା ପୋଲିସ ଏକ ମାମଲା (ନଂ.୪୨୭/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ ଟାଟା ପିକ୍‌ଅପ୍ ଗାଡ଼ି ଫେରାର ହୋଇଯାଇଥିଲା। ଧାମନଗରରୁ ଧାମନଗର ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ସମ୍ପ୍ରସାରଣ ଓ ନବୀକରଣ ନିମନ୍ତେ ମାସକ ପୂର୍ବେ ଶତାଧିକ ବଡ଼ ଗଛ କଟା ଯାଇଥିଲା। ହେଲେ କଟା ଯାଇଥିବା ଗଛର ଗଣ୍ଡି ସବୁ ଅଧିକାଂଶ ଉଠାଇ ନିଆଯାଇଥିଲେ ମଧ ଅନେକ କାଠ ଗଣ୍ଡି ରାସ୍ତାକଡ଼ରେ ଅଦ୍ୟାବଧି ପଡ଼ିରହିଛି। ଏହି ବଡ଼ ବଡ଼ କାଠ ଗଣ୍ଡି ପଡ଼ି ରହିବା ଦ୍ୱାରା ଯାତାୟାତରେ ସମସ୍ୟା ହେବା ସହ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ଗୀତି କବିତା ପୁସ୍ତକ ଉନ୍ମୋଚିତ

ଚାନ୍ଦବାଲି,୧୦।୧୧(କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସି ଅଧୀନ ବିକେଜିପି ବିଦ୍ୟାଳୟ ପରିସରରେ ରବିବାର ଅପରାହ୍ନରେ ଗୀତିକବି ନୃସିଂହ ବେହେରାଙ୍କ ରଚିତ 'ବୟସ ବସନ୍ତ ଓ ପ୍ରଜାପତି' ଶୀର୍ଷକ ଗୀତି କବିତା ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଚାନ୍ଦବାଲି ଓକିଲ ସଂଘ ସଭାପତି ତଥା ସାହିତ୍ୟିକ ଉପେନ୍ଦ୍ର କୁମାର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ତଥା ବରିଷ୍ଠ ସାହିତ୍ୟିକ ଗଗନ ବିହାରୀ ସାହୁ, ମୁଖ୍ୟବକ୍ତା ଡ. ଶ୍ରୀଧର ସାମଲ ଏବଂ ଅନ୍ୟତମ ଅତିଥି ଭାବେ ସୁରେଶ ଚନ୍ଦ୍ର ମିଶ୍ର, ହାଇକୋର୍ଟ ଅଧିବକ୍ତା କ୍ଷୀରୋଦ କୁମାର ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଖରସ୍ରୋତା ସାହିତ୍ୟ ପତ୍ରିକାର ସମ୍ପାଦକ ନିରଞ୍ଜନ ବେହେରା ପୁସ୍ତକ ସମୀକ୍ଷା କରିଥିଲେ। ସାମାଜିକ କର୍ମୀ ସୁକାନ୍ତ ନାୟକ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ନିରୁପମା ପାଣି, ଶିକ୍ଷକ ଦେବାଶିଷ ରାୟ, ବସନ୍ତ ଦ୍ୱିବେଦୀ ଓ ଡମ୍ବରୁଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀମନ୍ତ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ଭ୍ୟାନିଟ୍ ଲୁଟିନେଲେ ଦୁର୍ବୃତ୍ତ

ଭଦ୍ରକ,୧୦।୧୧(ସନାତନ ରାଉତ)

କଟକରୁ ଏକ ପରିବାର ବାଇକ୍‌ରେ ବାଲେଶ୍ୱର ଯାଉଥିବା ବେଳେ ଭଦ୍ରକ ଚରମ୍ପା ବଜାରରେ ଲୁଟ୍‌ର ଶିକାର ହୋଇଛନ୍ତି। ସୋମବାର ପୂର୍ବାହ୍ନ ୧୦ଟା ବେଳେ ଚରମ୍ପା ବଜାରରେ ଗାଡ଼ି ରଖି ଏକ ଜଳଖିଆ ଦୋକାନରେ ଜଳଖିଆ ଖାଉଥିବା ବେଳେ ମହିଳାଙ୍କ ଭ୍ୟାନିଟ୍ ବ୍ୟାଗ୍‌କୁ କେହି ଦୁର୍ବୃତ୍ତ ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଜଗତସିଂହପୁର ଅଞ୍ଚଳର ପଦ୍ମଲୋଚନ ସ୍ୱାଇଁ ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ବାଇକ୍‌ରେ ନେଇ କଟକରୁ ବାଲେଶ୍ୱର ଯାଉଥିଲେ। ଚରମ୍ପାଠାରେ ବାଇକ୍ ରଖି ଏକ ଦୋକାନରେ ଜଳଖିଆ ଖାଉଥିବା ବେଳେ ଭ୍ୟାନିଟ୍ କେହି ଦୁର୍ବୃତ୍ତ ଲୁଟି ନେଇଥିବା ତାଙ୍କ ସ୍ତ୍ରୀ ଚିନ୍ମୟୀ ସାହୁ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଭ୍ୟାନିଟ୍‌ରେ ପ୍ରାୟ ୧୦ ଭରି ସୁନା ଅଳଙ୍କାର ସହ ନଗଦ ଟଙ୍କା ଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ଟାଉନ ପୋଲିସ ବିଭିନ୍ନ ଦୋକାନର ସିସିଟିଭି ଫୁଟେଜକୁ ଯାଞ୍ଚ କରି ତଦନ୍ତ ଚଳାଇଛି।

# 'ସାଇବର ଅପରାଧର ମୁକାବିଲା ପାଇଁ ଜନସଚେତନତା ଜରୁରୀ'




ସଚେତନତା କର୍ମଶାଳାରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ,୧୦।୧୧
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭଣ୍ଡାରିପୋଖରୀ ଥାନା ପରିସରରୁ ସଚେତନତା ରଥ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଭରତ ଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାକୁ ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ମୁଖ୍ୟଅତିଥି, ଅତିରିକ୍ତ ବିଡିଓ ନିଶିକାନ୍ତ ଖୁଣ୍ଟିଆ, ବ୍ଲକ ଅଧକ୍ଷା ସୁମତୀ ସେଠୀ, ଥାନାଧିକାରୀ କମଳାକାନ୍ତ ଦାସ ଓ ଇନ୍ସପେକ୍ଟର ବନ୍ଦନା ଦେବୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସାଇବର ଅପରାଧର ମୁକାବିଲା ପାଇଁ ପୋଲିସ ତତ୍ପର ରହିଛି। ମାତ୍ର ଏହାର ସଫଳ ମୁକାବିଲା ପାଇଁ ଜନସଚେତନତା ଜରୁରୀ ବୋଲି ଅତିଥିମାନେ କହିଥିଲେ। ସରଳ ବିଶ୍ୱାସରେ ଅଜଣା ଲୋକଙ୍କୁ ଓଟିପି ପ୍ରଦାନ କରାଯିବା, ଡିଜିଟାଲ ଆରେଷ୍ଟର ଶିକାର ହେବା, ଅନ୍‌ଲାଇନ ଠକେଇ, ଚାକିରି ପ୍ରଲୋଭନରେ ଅର୍ଥ ପ୍ରଦାନ କରି ଫସିଯିବା ଭଳି ସାଇବର ଅପରାଧର ବିଭିନ୍ନ ଦିଗ ସମ୍ପର୍କରେ ଏସ୍‌ଡିପିଓ ସେଠୀ ଆଲୋକପାତ କରିଥିଲେ। କର୍ମଶାଳାରେ ଲୋକପ୍ରତିନିଧି, ଆଶାକର୍ମୀ ଓ ମିଶନ ଶକ୍ତି ମହିଳାମାନେ ଯୋଗ ଦେଇଥିଲେ। ଥାନାଧିକାରୀ କମଳାକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ ଓ ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

ଧାମନଗର,୧୦।୧୧
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ଷୋଳଗାଁର ବାସିନ୍ଦା ଆଦର୍ଶ କଳା ଶିକ୍ଷକ ଚୈତନ୍ୟ ଚରଣ ଲେଙ୍କା(୮୪)ଙ୍କ ସୋମବାର ସକାଳେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ କାରଣରୁ ଶଯ୍ୟାଶାୟୀ ଥିଲେ। ୧୯୬୨ରେ ଧାମନଗର ଉର୍ଦ୍ଧ୍ୱ ପ୍ରାଇମେରୀ ବିଦ୍ୟାଳୟରେ ଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରି ତାଳପଦା ନୋଡାଲ ବିଦ୍ୟାଳୟରୁ ୧୯୯୪ରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ସହ କବି ଓ ଲେଖକ ଭାବେ ଧାମନଗର ଅଞ୍ଚଳରେ ପରିଚିତ ଥିଲେ। ସେ 'ଜଳନ୍ଧର ବଧ' 'ସତୀ ଚଉଁରା' ଭଳି ପାଲା ଏବଂ ଶତାଧିକ କବିତା ଲେଖି ସାହିତ୍ୟ ଜଗତରେ ପରିଚୟ ସୃଷ୍ଟି କରିଥିଲେ। ସରପଞ୍ଚ ପ୍ରୀତମ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନନ୍ଦକିଶୋର ବିଶ୍ୱାଳ, ସାମାଜିକ କର୍ମୀ ସୁଦର୍ଶନ ଦାସ, ଦେବବ୍ରତ ଲେଙ୍କା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଯାଜପୁର ଦଶାଶ୍ୱମେଧ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଶିକ୍ଷକ ସୁବ୍ରତ ଲେଙ୍କା ମୁଖାଗ୍ନି ଦେଇଥିଲେ।

# କେନାଲରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଛେନାପଦି,୧୦।୧୧
(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ସୋସୋ ଥାନା ଅଧୀନସ୍ଥ ପଦାଡ଼ୋ ଗ୍ରାମର ଦୁର୍ଯୋଧନ ଜେନାଙ୍କ ପୁଅ ସନ୍ତୋଷ(୨୯)ଙ୍କ କେନାଲରେ ବୁଡ଼ି ମୃତ୍ୟୁ ଘଟିଛି। ସେ ରବିବାର ରାତିରେ ଶୌଚ ହେବାକୁ ଯାଇ ଅସାବଧାନତା ବସତଃ କେନାଲରେ ବୁଡ଼ି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରି ପାଇ ନ ଥିଲେ। ସୋମବାର ପୂର୍ବାହ୍ନ ୧୦ଟାରେ କଣ୍ଟିଗଡ଼ିଆ ନିକଟରେ କେନାଲରେ ଏକ ମୃତଦେହ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ସୋସୋ ପୋଲିସ, ହାଟଡ଼ିହୀ ଅଗ୍ନିଶମ ବାହିନୀ ଓ ହାଟଡ଼ିହୀ ତହସିଲଦାରଙ୍କ ସମେତ ପଦାଡ଼ୋ ସରପଞ୍ଚଙ୍କ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ କେନାଲରୁ ବାହାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୫) ରୁଜୁ କରି ତଦନ୍ତ ଚଳାଇଛି।

# ଟୋଲ ବୁମ୍ ଅଚଳ, ୫ ଘଣ୍ଟା ଟ୍ରାଫିକ ଜାମ୍



ଟୋଲଗେଟ୍ ନିକଟରେ ଲମ୍ବା ଧାଡ଼ିରେ ଟ୍ରକ୍ ଛିଡ଼ାହୋଇଛି।

ଯୋଡ଼ା,୧୦।୧୧(ମାନସ ମହାନ୍ତି)

## କେନ୍ଦୁଝର-ବଡ଼ବିଲ ଯାତାୟାତ ଠପ୍

କେନ୍ଦୁଝର ଜିଲା ରିମୁଳି-ରାଜାମୁଣ୍ଡା ବ୍ୟସ୍ତବହୁଳ ଜାତୀୟ ରାଜପଥର କଣ୍ଡରା ଟୋଲଗେଟ୍‌ରେ ଅବ୍ୟବସ୍ଥା ଫଳରେ ସୋମବାର ୫ ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଦେଖାଦେଇଛି। ଫଳରେ ରିମୁଳିରୁ ଯୋଡ଼ା, ବଡ଼ବିଲକୁ ଯାତାୟାତ ଠପ୍ ହୋଇଯାଇଥିଲା। କଣ୍ଡରାଠାରେ ଥିବା ଟୋଲ୍‌ଗେଟ ଏକାଧିକ ଟୋଲ୍‌ବୁମ୍ ଅକାମୀ ହୋଇଯିବା ଫଳରେ ଏଭଳି ସମସ୍ୟା ଉପୁଜିଥିବା କୁହାଯାଉଛି।

ପ୍ରକାଶ ଯେ, ବିଗତ ୬ରୁ ୭ ଦିନ ହେବ ଟୋଲ୍‌ଗେଟ୍‌ରେ ଅଚଳାବସ୍ଥା ଦେଖାଯାଇଛି। ଟୋଲ ବୁମ୍ କାମ କରୁ ନ ଥିବାରୁ ଗାଡ଼ି ଅଟକି ରହି ଟ୍ରାଫିକ ଜାମ ହେଉଛି। ସୋମବାର ମଧ୍ୟ ଟୋଲପ୍ଲାଜାରେ ଗୋଟିଏ ମାତ୍ର ଗେଟ୍ ଦେଇ ଗାଡ଼ି ଚଳାଚଳ କରୁଥିଲା। ଆସିବା ପଟର ଟୋଲ୍‌ଗେଟ୍ ମଧ୍ୟ ଅକାମୀ ହୋଇଥିବାରୁ ମାତ୍ର ଗୋଟିଏ ଗେଟ୍‌ରେ ଗାଡ଼ି ଚଳାଚଳ ହୋଇଥିଲା। ସୋମବାର ଭିଡ଼ ଯୋଗୁ କେନ୍ଦୁଝରରୁ ବଡ଼ବିଲ ଗମନାଗମନ ଏକ ପ୍ରକାର ଠପ୍ ହୋଇଯାଇଥିଲ। ଟୋଲଗେଟ୍‌ର ଅବ୍ୟବସ୍ଥା, ଟ୍ରାଫିକ ଜାମ ଫଳରେ ଯାତ୍ରୀବାହୀ ବସ, ଆମ୍ବୁଲାନ୍ସ, ଛୋଟ ବଡ ଯାନ, ପଥ ପରିବର୍ତ୍ତନ କରି ରଙ୍ଗରୁଟ୍‌ରେ ଯାତାୟାତ କରୁଥିବାରୁ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ରାସ୍ତାରେ ଅଟକି ଥିବା ଟ୍ରକ ଡ୍ରାଇଭର ଯୋଦୁ ମଣି ଖିଲାର, ମନୋଜ ଯାଦବ, ବିପ୍ଳବ ସିନା, ଶେଖ ସାଇଫୁଦିନ ପ୍ରମୁଖ କହିଛନ୍ତି, ଗେଟ୍‌ର ଏହିପରି ଅଚଳାବସ୍ଥା ହେତୁ ଭଦ୍ରାସାହିଠାରୁ କଣ୍ଡରା ପର୍ଯ୍ୟନ୍ତ ଗାଡ଼ି ଲମ୍ବିଛି। ଲହଣ୍ଡାଠାରେ ଥିବା ରେଳ ପୋଲ ଓ ସୁନା ନଦୀ ଅବବାହିକାରେ ଥିବା ସଙ୍କୀର୍ଣ୍ଣ ରାଜପଥ ଟ୍ରାଫିକ ଜାମକୁ ଦିଗୁଣିତ କରୁଛି। ଅନ୍ୟପକ୍ଷେ, କଳାପାହାଡ଼ରୁ ଲହଣ୍ଡା ଜାତୀୟ ରାଜପଥ ପ୍ରାଧିକରଣ ଏ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ୪ ଲେନ୍ କାମ କରିନାହିଁ। ରାଜପଥରେ କୋଇଡ଼ା ଓ ଯୋଡ଼ା ଖଣି ମଣ୍ଡଳର ପ୍ରାୟ ୫୦ ହଜାର ଟ୍ରକ୍ ଯାତାୟାତ କରୁଥିଲେ ହେଁ ଜାତୀୟ ରାଜପଥ ପ୍ରାଧିକରଣ ରାସ୍ତା କାମ ସମ୍ପୂର୍ଣ୍ଣ ନ କରି କେବଳ ଟୋଲ ଫି ଆଦାୟ କରିବାର ବ୍ୟସ୍ତ ରହିଥିବା ଅଭିଯୋଗ ହୋଇଛି। ଜାତୀୟ ରାଜପଥ ପ୍ରାଧିକରଣର କେନ୍ଦୁଝର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଗାମୀ ପ୍ରଥମେ ଏ ବାବଦରେ ସେ ଅବଗତ ନ ଥିବା କହିଥିବା ବେଳେ ପରବର୍ତ୍ତୀ ସମୟରେ ଯୋଡ଼ା ପୋଲିସ ରାସ୍ତା ବନ୍ଦ କରିଛି। ଏବଂ ଟୋଲ୍‌ଗେଟ୍‌ର ମରାମତି କାର୍ଯ୍ୟ ଚାଲୁଥିବାରୁ ଯାତାୟାତରେ ସାମୟିକ ବ୍ୟାଘାତ ହେଉଛି ବୋଲି ସେ କହିଥିଲେ।ଏ ନେଇ ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି, ପୋଲିସ ଏନ୍‌ଏଚ୍ ବନ୍ଦ କରିନାହିଁ। ଏନ୍‌ଏଚ୍‌ର କଣ୍ଡରା ଟୋଲଗେଟ୍‌ରେ କୌଣସି ସମସ୍ୟା ଥିବାରୁ ଏବଂ ଜାତୀୟ ରାଜପଥର ମରାମତି ଚାଲିଥିବାରୁ ଟ୍ରାଫିକ ସମସ୍ୟା ଉପୁଜିଛି। ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରୁଛି।

# ୩୮ ଲକ୍ଷ, ୪୯ ଗ୍ରାମ୍ ୨୨୦ମିଲିଗ୍ରାମ୍ ସୁନା ମିଳିଲା



ମନ୍ଦିର କର୍ମଚାରୀ ଗଣତି କରୁଛନ୍ତି।

ଘଟଗାଁ,୧୦।୧୧
(ରାଜେନ୍ଦ୍ର କୁମାର ପଟ୍ଟନାୟକ)

## ମା' ତାରିଣୀଙ୍କ ହୁଣ୍ଡି ଗଣତି

କେନ୍ଦୁଝର ଜିଲା ଘଟଗାଁ ବାସିନୀ ମା' ତାରିଣୀଙ୍କ ହୁଣ୍ଡି ସୋମବାର ଖୋଲାଯାଇ ଗଣତି କରାଯାଇଛି। ୧୩ ଗୋଟି ହୁଣ୍ଡିରୁ ୩୮ ଲକ୍ଷ ୧୯ ହଜାର ୪୫୧ ଟଙ୍କା, ୪୯ ଗ୍ରାମ ୨୨୦ମିଲିଗ୍ରାମ ସୁନା ଓ ୧ କେଜିରୁ ଉର୍ଦ୍ଧ୍ୱ ରୁପା ମିଳିଥିବା ଜଣାଯାଇଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ କର୍ମଚାରୀ ପ୍ରହ୍ଲାଦ ସେଠୀ ଉପସ୍ଥିତ ରହି ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲିଥିଲେ। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ପରମେଶ୍ୱର ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଗଗନ ବେହେରା, ପିତାମ୍ବର ଗିରି, ଚକ୍ରଧର ନାଏକ, ସନିଆ ମୁଖି ପ୍ରମୁଖ ଗଣତିରେ ଭାଗ ନେଇଥିଲେ। ଷ୍ଟେଟ ବ୍ୟାଙ୍କ ଶାଖାର ତ୍ରିଶାଳା ହାଁସଦା, ବେଣୁଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ପିଙ୍କୁ ଭେଟିଲା କୁଡୁମୀ ସେନା

ପାଟଣା,୧୦।୧୧(ବୀର କିଶୋର ଦାଶ)

## ବନରକ୍ଷୀଙ୍କୁ ଆକ୍ରମଣ କରି ଟ୍ରାକ୍ଟର ନେଇଯିବା ଘଟଣା

କେନ୍ଦୁଝର ଜିଲା ଡୁମୁରିଆ ପଞ୍ଚାୟତ ତଣ୍ଡବିଟ୍‌ରେ କାର୍ଯ୍ୟରତ ବନରକ୍ଷୀ ଦେବଯାନୀ ମହାନ୍ତଙ୍କୁ ଅକ୍ଟୋବର ୩୧ ଅପରାହ୍ନରେ ଆକ୍ରମଣ କରି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ମାଲିକ ନେଇଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଘଟଣାରେ ନ୍ୟାୟ ଦାବିରେ କୁଡୁମୀ ସେନା ସଦସ୍ୟମାନେ ସୋମବାର ଏସ୍‌ପି ନୀତିନ କୁଶଲକରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ଦାବି ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଓଡ଼ିଶା କୁଡୁମୀ ସେନା ଜିଲା ସଭାପତି ତ୍ରିଲୋଚନ ମହାନ୍ତଙ୍କ ନେତୃତ୍ୱରେ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତ, ଉପଦେଷ୍ଟା ଗୋପାଳ ଚନ୍ଦ୍ର ମହାନ୍ତ, ଅଭିମନ୍ୟୁ ମହାନ୍ତ, ହରିଚନ୍ଦନପୁର ବ୍ଲକ୍ ସଭାପତି ପଦ୍ମଲୋଚନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ ନ କରାଗଲେ ଓଡ଼ିଶା କୁଡୁମୀ ସେନା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଗତ ସୋମବାର ମଧ୍ୟ ସେନାର ଏକ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଜନ ଶୁଣାଣି ଶିବିରରେ ଜିଲାପାଳ ଓ ଡିଏଫଓଙ୍କୁ ଭେଟି ସମାନ ଦାବି କରିଥିଲେ।

# ଶିବନାରାୟଣପୁରକୁ ନୂତନ ପଞ୍ଚାୟତ ମାନ୍ୟତା ଦାବି



ଗ୍ରାମବାସୀ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବଞ୍ଚୋ,୧୦।୧୧(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶିବରାୟଣପୁର ଗ୍ରାମକୁ ନୂତନ ପଞ୍ଚାୟତ ମାନ୍ୟତା ଦାବିରେ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମଟି ବଞ୍ଚୋ ପଞ୍ଚାୟତ ଅଧୀନରେ ଅଛି। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଶିବନାରାୟଣପୁର ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସହ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ଶିବନାରାୟଣପୁର ପଞ୍ଚାୟତ ହେବା ପାଇଁ ସମସ୍ତ ଆବଶ୍ୟକତା ପୂରଣ କରୁଛି। ଏଠାରେ ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରୁଥିବାବେଳେ ୨ ହଜାରରୁ ଉର୍ଦ୍ଧ୍ୱ ଭୋଟର ଅଛନ୍ତି। ସେହିପରି ପଞ୍ଚୁଗୋଛିଆ ପଞ୍ଚାୟତରୁ କିଛି ଲୋକ ଉଠି ଆସି ଶିବନାରାୟଣପୁର ଗ୍ରାମ ନିକଟରେ ବସତି ସ୍ଥାପନ କରିଛନ୍ତି। ତେଣୁ ଭୌଗଳିକ ଦୃଷ୍ଟିରୁ ସେମାନଙ୍କୁ ଶିବନାରାୟଣପୁର ଗ୍ରାମ ସହିତ ସାମିଲ କରାଗଲେ ଏହା ଗୋଟିଏ ପଞ୍ଚାୟତ ହୋଇପାରିବ। ପୂର୍ବରୁ ଗ୍ରାମବାସୀ ଜିଲାପାଳ, ବିଡିଓ, ପଞ୍ଚାୟତିରାଜ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିବା ବେଳେ ସୋମବାର ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିବା ନିତ୍ୟାନନ୍ଦ ଜେନା, ନିତ୍ୟାନନ୍ଦ ବେହେରା, ବାବାଜୀ ଚରଣ ଜେନା, ରତ୍ନାକର ସାହୁ, ହୃଷୀକେଶ ପରିଡ଼ା, ପ୍ରଭାକର ଖଣ୍ଡା, ମୋହନ ଜେନା, ଆନନ୍ଦ ଖଣ୍ଡା, ମିନହରୀ ମହାନ୍ତି, ଅଲେଖ ବେହେରା, ମଦନ ମୋହନ ଗିରି, ନରେନ୍ଦ୍ର ସାହୁ, କୋଦଣ୍ଡ ମହାନ୍ତି, ନରହରି ପରିଡ଼ା, ସୁରେନ୍ଦ୍ର ସାହୁ, ସନ୍ତୋଷ ବେହେରା, ଶରତ ଖଣ୍ଡା କହିଛନ୍ତି। ଉପ ଜିଲାପାଳ ନୀଳମାଧବ ସୁନା ଘଟଣା ଉପରେ ଅନୁଧ୍ୟାନ କରିବେ ବୋଲି ଅଶ୍ୱାଷନା ଦେଇଥିବା ଗ୍ରାମବାସୀ କହିଛନ୍ତି।

# ତୀର୍ଥଯାତ୍ରା ଯାଇଥିବା ଯାତ୍ରୀ ନିଖୋଜ

କେନ୍ଦୁଝର,୧୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)



ପତ୍ନୀଙ୍କ ସହିତ ଜଗନ୍ନାଥ।

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ବିମଳା ପଞ୍ଚାୟତ ଟାଙ୍ଗିରି ଗ୍ରାମରୁ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ତୀର୍ଥ କରିବାକୁ ଯାଇଥିବା ଜଣେ ଯାତ୍ରୀ ସାରନାଥଠାରେ ନିଖୋଜ ହେବ ଚର୍ଚ୍ଚାର ବିଷୟ ହୋଇଛି। ନିଖୋଜଙ୍କ ନାମ ଜଗନ୍ନାଥ ନାୟକ। ସେ ତାଙ୍କ ପତ୍ନୀଙ୍କ ସହିତ କେନ୍ଦୁଝରରୁ ଗତ ୬ ତାରିଖ ଦିନ ଏକ ସ୍ୱତନ୍ତ୍ର ବସ୍ ଯୋଗେ ବାଲେଶ୍ୱର ଓ ସେଠାରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା ଯାଇଥିଲେ। ସେଠାରେ ରବିବାର ରାତିରେ ନିଖୋଜ ହୋଇଥିବା ସୂଚନା ମିଳିଛି। ସେ ତାଙ୍କ ସ୍ତ୍ରୀଙ୍କୁ ୨ ଶହ ଟଙ୍କା ମାଗି ରହୁଥିବା ସ୍ଥାନରୁ ବାହାରକୁ ଯାଇ ଫେରି ନ ଥିଲେ। ତେବେ ନିଖୋଜଙ୍କୁ ଛାଡି ଅନ୍ୟ ଯାତ୍ରୀଙ୍କୁ ଧରି ସ୍ପେଶାଲ ଟ୍ରେନ୍ ସୋମବାର ଅଯୋଧ୍ୟାକୁ ଯାଇଥିଲା। ଏ ନେଇ ଜିଲା ସଂସ୍କୃତି ଅଧିକାରୀ ରମେଶ କୁମାର ନାୟକ କହିଛନ୍ତି, ତାଙ୍କୁ ଖୋଜିବା ପାଇଁ ସେଠାରେ ୨ ଜଣ କର୍ମଚାରୀ ରହିଛନ୍ତି। ଜିଲାରୁ ସମୁଦାୟ ୧୪୦ ଜଣ ବରିଷ୍ଠ ନାଗରିକ ଯାଇଥିବା ବେଳେ ୫ଟି ଜିଲାରୁ ସମୁଦାୟ ୭୭୫ ଜଣ ସ୍ୱତନ୍ତ୍ର ଟ୍ରେନ୍‌ରେ ଭ୍ରମଣରେ ଯାଇଛନ୍ତି।

# ୧୪ ବର୍ଷରୁ କମ୍ ବାଳକରେ ପୁରୀ, ବାଳିକାରେ କେନ୍ଦୁଝର ଚାମ୍ପିୟନ

କେନ୍ଦୁଝର,୧୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

## ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତା

କେନ୍ଦୁଝର ଷ୍ଟାଡିୟମ ପଡ଼ିଆରେ ନଭେମ୍ବର ୬ରୁ ଆରମ୍ଭ ହୋଇଥିବା ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ ଖୋ ଖୋ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ୧୪ ବର୍ଷରୁ କମ ବାଳକ ବିଭାଗରେ ପୁରୀ ଦଳ ଚାମ୍ପିୟନ ଓ କଟକ ରନର୍ସଅପ ହୋଇଛି। ବାଳିକା ବିଭାଗରେ କେନ୍ଦୁଝର ଚାମ୍ପିୟନ ଏବଂ ଢେଙ୍କାନାଳ ରନର୍ସଅପ ହୋଇଛି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ମୁଖ୍ୟ ବକ୍ତାଭାବେ ସହକାରୀ ନିର୍ଦ୍ଦେଶକ ଓଡ଼ିଶା ଜ୍ୟୋତି ପ୍ରକାଶ ପରିଡ଼ା, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ, ଶ୍ରୀକାନ୍ତ ବେହେରା, ଜିଲା ଆଥଲେଟିକ ଆସୋସିଏଶନ ଯୁଗ୍ମ ସମ୍ପାଦକ ରବିନ୍ଦ୍ର ପାଢ଼ୀ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ହଳଧର ମହାନ୍ତ, ସଦର ବିଇଓ ଓଁକାର ଅଦ୍ୱେଶ, ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଡିଏନ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି, ଓଷ୍ଟା ସଭାପତି ମନ୍ମଥ ନାଥ ମହାନ୍ତ, ଓଷ୍ଟା ଉପସଭାପତି ପୁଷ୍ପାଞ୍ଜଳୀ ମିଶ୍ର, ଓଷ୍ଟା ଯୁଗ୍ମ ସମ୍ପାଦକ ଲାବଣ୍ୟବତୀ ମହାନ୍ତ ପ୍ରମୁଖ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ।

# ଡିସେମ୍ବର ୧୪ରୁ ବାଣିଜ୍ୟ ମେଳା

ଆନନ୍ଦପୁର/ବଞ୍ଚୋ,୧୦।୧୧ (ପ୍ରଦୋଷ କୁମାର ବିଶ୍ୱାଳ/ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଶନିବାର ପ୍ରେସ ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୧୪ ତାରିଖରୁ ୨୨ ପର୍ଯ୍ୟନ୍ତ ବାର୍ଷିକ ଉତ୍ସବ ଓ ବାଣିଜ୍ୟ ମେଳା ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସମ୍ପାଦକ ସନ୍ତୋଷ ରାଉତଙ୍କ ସଂଯୋଜନାରେ ସଭାପତି ନାରାୟଣ ସାହୁ ବୈଠକରେ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବାଣିଜ୍ୟ ମେଳା ପାଇଁ ଏକ ସ୍ୱତନ୍ତ୍ର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ବାର୍ଷିକ ଉତ୍ସବ ଅବସରରେ କ୍ଲବ୍‌ର ବାର୍ଷିକ ପତ୍ରିକା 'ଆଖି' ପାଇଁ ଲେଖା ଆହ୍ୱାନ କରାଯାଇଛି। ୮ ଦିନ ଧରି ପାଳିତ ହେବାକୁ ଥିବା ବାଣିଜ୍ୟ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ନେଇ ଆଲୋଚନା ହୋଇଥିଲା। ଆନନ୍ଦପୁର ଷ୍ଟାଡିୟମ ପରିସରରେ ହେବାକୁ ଥିବା ଏହି ବାଣିଜ୍ୟ ମେଳା ଚଳିତ ବର୍ଷ ଅଧିକ ଆକର୍ଷଣୀୟ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ କ୍ଲବ୍‌ର ବରିଷ୍ଠ ଖବରଦାତା ନାରାୟଣ ପଣ୍ଡା, ମାନସ ରଞ୍ଜନ ହୋତା, କିଶୋର ଆଶ୍ଚର୍ଯ୍ୟ, ଶତ୍ରୁଘ୍ନ ସାହୁ, ଦିଲ୍ଲୀପ କୁମାର ମିଶ୍ର, ଶ୍ରୀକୁମାର ମିଶ୍ର, ସ୍ୱପ୍ନେଶର ପଣ୍ଡା, ରାଜୀବ ଲୋଚନ ଜେନା, ଅନୀଲ ସାହୁ, ପ୍ରଦ୍ୟୁମ୍ନ ହଜାରୀ, ଉମାକାନ୍ତ ସାହୁ, ରାଜେନ୍ଦ୍ର ଦାଶ, ଅବିନାଶ ଶତପଥ, ରାଜକିଶୋର ସାହୁ, ପ୍ରକାଶ ହଜାରୀ, ସ୍ମୃତିରଞ୍ଜନ ବିହାରୀ, ଗୋପିନାଥ ପାତ୍ର, କୈଳାସ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

କେନ୍ଦୁଝର,୧୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍‌ରେ ସାଂସଦ ଖେଳ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସାଂସଦ ଖେଳ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ସାହାରପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ ମହାନ୍ତ, ସାଂସଦଙ୍କ ସାହାରପଡ଼ା ବ୍ଲକ୍ ପ୍ରତିନିଧି ସୁଦର୍ଶନ ମହାନ୍ତ, ସାହାରପଡ଼ା ମଣ୍ଡଳ ସଭାପତି ବୁଲୁ ବାରିକ, ଉଦୟପୁର ମଣ୍ଡଳ ସଭାପତି ନରହରି ମହାନ୍ତ, ସାଂସଦ ଖେଳ ମହୋତ୍ସବ ଜିଲା କୋର୍ଡିନେଟର ଦିଲ୍ଲୀପ କୁମାର ପଣ୍ଡା, ସାଂସଦ ଖେଳ ମହୋତ୍ସବ ଆଇଟି କୋର୍ଡିନେଟର ଜେମ୍ସ ମେହାନ ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନିତା ମହାନ୍ତ, ଉମେଶ ମହାନ୍ତ, ଗଗନ ସେଠୀ, ସାଂସଦ ଖେଳ ମହୋତ୍ସବ ମାର୍ଗଦର୍ଶକ ବୀରେନ୍ଦ୍ର ମହାନ୍ତ, କ୍ରୀଡ଼ା ଶିକ୍ଷକ ସୁଶାନ୍ତ ମହାନ୍ତ, କମଳିନୀ ମହାନ୍ତ ଏବଂ ଅନ୍ୟମାନେ ଖେଳ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ମୌଦାକୁ ନୂତନ ପଞ୍ଚାୟତ କରିବାକୁ ଦାବି

ବଉଳା,୧୦।୧୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସଢ଼ା ପଞ୍ଚାୟତର ମୌଦା ଗ୍ରାମକୁ ନୂତନ ପଞ୍ଚାୟତଭାବେ ପୁର୍ନଗଠନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୋମବାର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତବାକ, ମୌଦା ଗ୍ରାମଠାରୁ ସଢ଼ା ପଞ୍ଚାୟତ କାର୍ଯ୍ୟାଳୟ ୮ କି.ମି। ଯାହାକୁ ନେଇ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହ ସରକାରଙ୍କ ଯୋଜନାର ସୁଫଳ ପାଇ ପାରୁନାହାନ୍ତି। ଏବେ ସରକାରଙ୍କର ରାଜସ୍ୱ ଗ୍ରାମ ଓ ନୂତନ ପଞ୍ଚାୟତ ଗଠନ କରିବାକୁ ନିୟମ ଆସିଥିବାରୁ ଏହାକୁ ନେଇ ମୌଦା ରାଜସ୍ୱ ଗ୍ରାମଟିକୁ ଏକ ପଞ୍ଚାୟତ କରିବାକୁ ଦାବି କରିଛନ୍ତି। ମୌଦା ପାର୍ଶ୍ୱରେ ଥିବା ଜନ୍ତାଳପଦି, ରଘୁନାଥପୁର, ପଦାରୁଖା ଓ ମିଠିଗାଁକୁ ମୌଦା ପଞ୍ଚାୟତରେ ମିଶାଇବା ସହିତ ସୋସୋ ପଞ୍ଚାୟତର ବେରୁଣପଦି, ଅଁଳା ଗଡ଼ିଆ, ଭରଡ଼ାଗଡିଆ, ବାଲିଆ, କଖାରୁଗଡ଼ିଆ ଆଦି ଗ୍ରାମଗୁଡିକୁ ସାମିଲ କରି ନୂତନ ମୌଦା ପଞ୍ଚାୟତ ଗଠନ କରିବାକୁ ଦାବି କରିଛନ୍ତି। ଦୁର୍ଯୋଧନ ଜେନା, ମନୋରଞ୍ଜନ ନାୟକ, ବାଇଧର ପଢ଼ିଆରୀ, ନାରାୟଣ ଜେନା, ଦେବେନ୍ଦ୍ର ଦାସ, ସୁବୋଧ ସାହୁ, ସୁଧାଂଶୁ ସେଖର ପଢ଼ିଆରୀ, ଅଜୟ ପଢ଼ିଆରୀ, ବିପିନ୍ ପଢିଆରୀ, ଚନ୍ଦ୍ରମଣି ସେଠୀ, କଳାକର ପଲତା, ସୁରେନ୍ଦ୍ର ମଲ୍ଲିକ୍, ନିରଞ୍ଜନ ନାୟକ, କାହ୍ନୁଚରଣ ଜେନା ପ୍ରମୁଖ ଦାବି କରିଛନ୍ତି। ଦାବିପତ୍ରର ନକଲ ପଞ୍ଚାୟତ ରାଜ ମନ୍ତ୍ରୀ, କେନ୍ଦୁଝର ଏମ୍‌ପି, ଆନନ୍ଦପୁର ବିଧାୟକ, ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।



ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ସରକାରୀ ଜମିରୁ ଭଙ୍ଗାଗଲା ଅପରାଧୀଙ୍କ ଘର

ବଡ଼ବିଲ,୧୦।୧୧(ଜୟନ୍ତୀ ରଣା)

## ରାଜ୍ୟ ସରକାରଙ୍କ ଅପରାଧ ଶୂନ୍ୟ ସହନଶୀଳତା ନୀତି



ଭଞ୍ଜ କଲୋନୀରେ ପ୍ରଶାସନର ଉଚ୍ଛେଦ।

କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳରେ ସରକାରୀ ଜମି ଜବରଦଖଲ କରିଥିବା ଅପରାଧୀଙ୍କ ଘରେ ସୋମବାର ପୂର୍ବାହ୍ନରେ ବୁଲ୍‌ଡୋଜର ବୁଲିଛି। ଉତ୍ତରପ୍ରଦେଶ ସରକାରଙ୍କ ଭଳି ଓଡ଼ିଶା ସରକାର ଏବେ ଅପରାଧ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ଏହି କ୍ରମରେ ବଡ଼ବିଲ ପୌରାଞ୍ଚଳର ୱାର୍ଡ ନଂ. ୮ ଅଞ୍ଚଳରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ପ୍ରକାଶ ଯେ, ବଡ଼ବିଲ ପୌରାଞ୍ଚଳରେ ସରକାରୀ ଜମି ଜବରଦଖଲ ବଢ଼ି ଚାଲିଛି। ସ୍ଥାନୀୟ ନେତୃବର୍ଗ ଓ ସ୍ଥାନୀୟ ସରକାରୀ କର୍ମଚାରୀଙ୍କ ସହାୟତା ସହିତ ପ୍ରଶାସନିକ ଅବହେଳା ଯୋଗୁ ଜବରଦଖଲକାରୀଙ୍କୁ ଉଚ୍ଛେଦ ପରିବର୍ତ୍ତେ ସେମାନଙ୍କ ପାନୀୟ ଜଳ, ରାସ୍ତା, ଆଲୋକୀକରଣ, ରାଶନକାର୍ଡ, ବୀମା ଭଳି ନାନା ସରକାରୀ ସୁବିଧା ଯୋଗାଇ ଦିଆଯାଇଛି। ବିଶେଷ କରି ବାହାର ରାଜ୍ୟର ଅପରାଧୀ ଶ୍ରେଣୀର ଲୋକ ଜବରଦଖଲ କରି ଘର କରୁଛନ୍ତି। ଅପରାଧ ଘଟାଇ ବଡ଼ବିଲ ଛାଡ଼ିବା ସହ ଉକ୍ତ ସରକାରୀ ଜମି ବିକ୍ରି କରି ପଳାୟନ କରୁଛନ୍ତି। ଅନେକ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହେଉଛି। ପୂର୍ବ ନୋଟିସ୍ ଅନୁଯାୟୀ, ସୋମବାର ଜିରୋ ଟଲେରାନ୍ସର ସ୍ୱତନ୍ତ୍ର ଡ୍ରାଇଭ୍ ଜରିଆରେ ସ୍ଥାନୀୟ ପ୍ରଶାସନ ପ୍ରଥମ ପର୍ଯ୍ୟାୟରେ ବଡ଼ବିଲ ପୌରାଞ୍ଚଳର ୱାର୍ଡ ନଂ. ୮ ସ୍ଥିତ ବରକତ ନଗର, ଆଜାଦ ବସ୍ତି ଓ ଭଞ୍ଜ କଲୋନୀରେ ଜବରଦଖଲ କରି ଘର କରିଥିବା ୮ ଅପରାଧୀଙ୍କ ଘର ଭାଙ୍ଗିଛି। ସୋମବାର ସକାଳ ୮ଟାରେ ମାଜିଷ୍ଟ୍ରେଟ ତଥା ତହସିଲଦାର ରାକେଶ ପଣ୍ଡା, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ପୌର କର୍ମଚାରୀଙ୍କ ସହ ବୁଲଡୋଜର ନେଇ ଘର ଭାଙ୍ଗି ମାଟିରେ ମିଶାଇ ଦେଇଥିଲେ। ବଡ଼ବିଲ, ବଲାଣୀ, ଯୋଡ଼ା ଓ ରୁଗୁଡି ଥାନାରୁ ଇନ୍ସପେକ୍ଟରଙ୍କ ସହ ମୋଟ ୩ ପ୍ଲାଟୁନ ପୋଲିସ ନିୟୋଜିତ ହୋଇଥିବା ବଡ଼ବିଲ ଏସ୍‌ଡିପିଓ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ବଡ଼ବିଲ ତହସିଲ ଖାତା ନଂ. ୪୦, ବଡ଼ବିଲ ମୌଜା ୟୁନିଟ-୮, ପ୍ଲଟ୍ ନଂ. ୧୨୫/୬୭, ୱାର୍ଡ ନଂ-୮, ବରକତ ନଗର ଅଞ୍ଚଳରେ ରହୁଥିବା ସାହାଦତ ଖାନ ଓ ବଡ଼ବିଲ ତହସିଲ ଖାତା ନଂ-୪୦, ମୌଜା ବଡ଼ବିଲ ୟୁନିଟ-୮, ପ୍ଲଟ୍ ନଂ. ୧୨୭ ତଥା ପୌରାଞ୍ଚଳ ୱାର୍ଡ ନଂ-୮, ବରକତ ନଗର ଅଞ୍ଚଳ ଏମଡି ରାଜା ଓରଫ୍ ନେହାଲ ଖାନ ଜବରଦଖଲରେ ରହୁଥିବା ଗୃହକୁ ଉଚ୍ଛେଦ କରାଯାଇଛି। ସେହିପରି ବଡ଼ବିଲ ତହସିଲ ଖାତା ନଂ. ୪୦, ବଡବିଲ ୟୁନିଟ-୮, ପ୍ଲଟ୍ ନଂ. ୧୨୫/୬୨୫ ତଥା ପୌରାଞ୍ଚଳ ୱାର୍ଡ ନଂ-୮, ଭଞ୍ଜ କଲୋନୀ ଅଞ୍ଚଳର ଆଲୋକ ରାମ ରହୁଥିବା ଜବରଦଖଲ ଗୃହ ଆଦିକୁ ପ୍ରଶାସନ ଉଚ୍ଛେଦ କରିଛି। ଉଚ୍ଛେଦ ସମୟରେ ଅଗ୍ନିଶମ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ସୁବର୍ଣ୍ଣ ଜୟନ୍ତୀ ତ୍ରୟୋଦଶ ସ୍ମାରକୀ ସମାରୋହ

ଜଳେଶ୍ୱର, ୧୦।୧୧(ନବୀନ ସାହୁ): ଜଳେଶ୍ୱର ବ୍ଲକ ଖୁଆଡ଼ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ତ୍ରୟୋଦଶ ସ୍ମାରକୀ ସମାରୋହ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ଚନ୍ଦ୍ରମୋହନ କାପୁଡ଼ି ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ସଙ୍ଗଠନର ସଭାପତି ବିଧାୟକ ଅଶ୍ୱିନୀ ପାତ୍ର ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଘୋଷ, ମୁଖ୍ୟବକ୍ତା ସିନେମା ପ୍ରଯୋଜକ ଚିନ୍ମୟ ଦାସ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଶୁକଦେବ ପରମାଣିକ, ଅବସରପ୍ରାପ୍ତ ଅଧକ୍ଷ ଅଳକା ମଞ୍ଜରୀ ଭୂୟାଁ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ରାଜୀବ ପାତ୍ର, ରାଜେନ୍ଦ୍ର ନାଥ ମୁର୍ମୁ, ଅମିତ ସେଠୀ, ମଧୁସୂଦନ ଗାନ୍ଧୀ ଓ ସୀତାରାମ ସୋରେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭୋଗରାଇ ପାଲଟିଛି ନିଶା କାରବାରର ଚରାଭୂଇଁ

ଭୋଗରାଇ, ୧୦।୧୧ (ପ୍ରଦୀପ ଦାସ)

ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ଏକ ସଂସ୍କୃତିସମ୍ପନ୍ନ ବ୍ଲକ ଭାବେ ପରିଚିତ ଥିବା ବେଳେ ଦିନକୁ ଦିନ ଏଠାରେ ନିଶା କରବାର ବୃଦ୍ଧି ପାଉଛି ଆଇନଶୃଙ୍ଖଳା ସ୍ଥିତି ବିଗିଡିବାରେ ଲାଗିଛି। ଏହି ବ୍ଲକ ସୀମାନ୍ତ ପଶ୍ଚିମବଙ୍ଗ ୨ ମେଦିନୀପୁର ଜିଲ୍ଲାକୁ ସଂଯୋଗ ହୋଇଥିବାବେଳେ ଚୋରା ଦେଶୀ ଓ ବିଦେଶୀ ମଦର ସୁଅ ଛୁଟୁଛି। ଏଥିସହିତ ବ୍ରାଉନସୁଗାର, ଗଞ୍ଜେଇର ଚୋରା ଚାଲାଣ ହେଉଥିବାରୁ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବିଶେଷ କରି ମହିଳା ଓ ଯୁବତୀମାନେ ସନ୍ଧ୍ୟା ବେଳେ ଘରୁ ବାହାରିବାକୁ ଭୟ କରୁଛନ୍ତି।

ଭୋଗରାଇ ବ୍ଲକରେ କମର୍ଦ୍ଦା, ବାଗ୍ରାମ, ଦେଉଳାହାଟ ଓ ତାଳସାରୀରେ ସରକାରୀ ବିଦେଶୀ ମଦ ଦୋକାନ ଥିବା ବେଳେ ସମଗ୍ର ଭୋଗରାଇ ଅଞ୍ଚଳରେ ୨ ଶହରୁ ଊର୍ଦ୍ଧ୍ୱ ଦୋକାନରେ ଚୋରା ବିଦେଶୀ ମଦ ଖୁଲମଖୁଲା ଭାବେ ଦିନ ଦ୍ୱିପ୍ରହରରେ ବିକ୍ରି କରାଯାଉଛି। ଏହି ସମସ୍ତ ମଦ ଦୋକାନ ନୀତିନିୟମକୁ ଉଲଂଘନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରଖୁଛନ୍ତି। ଭୋଗରାଇ ବ୍ଲକର ଭୋଗରାଇ ଚକ, କୁଷ୍ଠାରଗଡ଼ି, ଭୋଗରାଇ ହାଟ, ଉଦପଦା, ଜୟରାମପୁର, ଆଉସା, କାନ୍ଥିଭଉଁରୀ, କାଇଁଚିଆ, ବିଚିତ୍ରପୁର, ଶ୍ରୀରାମପୁର, ଶଙ୍ଖାରୀ, କୁଲ୍ଲୁଡ଼ିଆ, ବାରବାଟିଆ, ମଟେଇବାଡ଼, ଦେଉଳା, କାଳାହି, ମହାରସାହି, ବାଗ୍ରାମ, ମହାଗବ, କମର୍ଦ୍ଦା, ଉଲୁଡ଼ା, ଦହମୁଣ୍ଡା ଆଦି ସ୍ଥାନରେ କାବିନ ପକାଇ ଚୋରା ମଦ ବିକ୍ରି କରାଯାଉଛି। ଏଥିସହିତ ସରସ୍ୱତୀପୁର, ବହ୍ନାବପୁର, କୁଲୁଡ଼ିଆ, ବାରବାଟିଆ ଆଦି ଅଞ୍ଚଳରେ ଆଦିବାସୀ ସାହିରେ ଦେଶୀ ମଦଭାଟିର କାରଖାନା କରାଯାଉଥିବା ଅଭିଯୋଗ ହେଉଛି। ଉଦପଦା ଗ୍ରାମରେ ଅସ୍ଥାୟୀ ଅବକାରୀ କାର୍ଯ୍ୟାଳୟ ଥିବାବେଳେ ଏହାର ୧ ଶହ ମିଟରରେ ଦୂରରେ ଚୋରା ବିଦେଶୀମଦ କରବାର ହେଉଛି। ଜଳେଶ୍ୱର ଚନ୍ଦନେଶ୍ୱର ୫୭ ନଂ. ଜାତୀୟ ରାଜପଥ ରାସ୍ତାକରରେ ମଟେଇବାଡ଼ ଛକ କ୍ୟାବିନ ଓ ଅନ୍ୟ ସ୍ଥାନରେ ବ୍ୟାପକ ଭାବେ ବିଦେଶୀ ଚୋରାମଦ ବିକ୍ରି କରାଯାଉଛି। ନିକଟରେ ଜିଲ୍ଲା ଅବକାରୀ ବିଭାଗର ଇନ୍ସପେକ୍ଟର ଭୋଗରାଇ ବ୍ଲକ ଜନଶୁଣାଣିରେ ଯୋଗଦେଉଥିବାବେଳେ କେତେକ ସାମାଜିକ କର୍ମୀ ବିଭିନ୍ନ ସ୍ଥାନରେ ଚୋରା ମଦ ମାଦକ ଦ୍ରବ୍ୟ ବିକ୍ରି ହେଉଥିବା ଅଭିଯୋଗ କରିଥିଲେ। ଅବକାରୀ ବିଭଗ ପକ୍ଷରୁ ଚଢାଉ କରାଯାଇ ଛୋଟମୋଟ ଚୋରା ମଦ ବେପାରୀଙ୍କୁ କାଁ ଭାଁ ଧରି କୋହଳ ଦଫା ଲଗାଇ କୋର୍ଟଚାଲାଣ କରାଯାଉଛି। ହେଲେ ବଡ଼ ମଦ ବେପାରୀଙ୍କୁ ଧରିବାରେ ଅବକାରୀ କିମ୍ବା ପୋଲିସ ସକ୍ଷମ ହେଉନାହିଁ। ଭୋଗରାଇରେ ନୂତନଭାବେ ଯୋଗ ଦେଇଥିବା ଅବକାରୀ ଅଧିକାରୀ ସୁନୀଲ କୁମାର ମାଝୀଙ୍କୁ ଏସମ୍ପର୍କରେ ଦୃଷ୍ଟିଆକର୍ଷଣ କରିଥିବାରୁ ଚୋରା ମଦ ବେପାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି।

# ୧୦ ଶିକ୍ଷକଙ୍କୁ ମିଳିଲା 'ନେଶନ ବିଲ୍ଡର ଆୱାର୍ଡ'



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ, ଶିକ୍ଷକ।

ବାଲେଶ୍ୱର, ୧୦।୧୧(ବାଞ୍ଛାନିଧି ଦେ)

## ପ୍ରତିଭା ସମ୍ମାନ ସମାରୋହ

ବାଲେଶ୍ୱର ରୋଟାରୀ କ୍ଲବ ଆନୁକୂଲ୍ୟରେ ରବିବାର ପ୍ରତିଭା ସମ୍ମାନ ସମାରୋହ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସମାରୋହରେ କ୍ଲବ ସଭାପତି ରୋ. ଦେବାଶିଷ ଦାସ ଅଧକ୍ଷତା କରିଥିଲେ। ସଂଯୋଜକ ରୋ. ଦେବେନ୍ଦ୍ର କୁମାର ଧଳ ମଞ୍ଚ ସଂଯୋଜନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ କେକେଏସ୍ ମହାବିଦ୍ୟାଳୟ ଅଧକ୍ଷା ଝାନ୍ସୀ ଜେନା ଯୋଗଦେଇ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଶିକ୍ଷକଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଜିଲ୍ଲା ଅନ୍ତର୍ଗତ ୧୦ଜଣ ପ୍ରତିଭାବାନ୍ ଶିକ୍ଷୟିତ୍ରୀ ରାନୁବାଳା ଦେଓବାବୁ, ଜ୍ୟୋତ୍ସ୍ନାରାଣୀ ବେହେରା, ଅମିଶା ସେଠୀ, ରଚୟିତା ବେହେରା, ମୋନାଲିସା ପାତ୍ର, ଶୁଭଲକ୍ଷ୍ମୀ ଦାସ, ଶିକ୍ଷକ ସତ୍ୟନାରାୟଣ ସେଠୀ, ରଶ୍ମିରଞ୍ଜନ ପଣ୍ଡା, ମନୋରଞ୍ଜନ ପାଠୀ, ସରୋଜ କୁମାର ସିଂଙ୍କୁ କ୍ଲବ ପକ୍ଷରୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ 'ନେସନ ବିଲ୍ଡର ଆୱାର୍ଡ'ରେ ସମ୍ମାନିତ କରାଯାଇଥିଲା। ସେହିପରି ୨୦୨୪-୨୫ ବର୍ଷ ପାଇଁ ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ ଦ୍ୱାରା କ୍ଲବ ଏବଂ ଉନ୍ନତ ସେବା ପ୍ରଦାନ କରିଥିବା ସଦସ୍ୟଙ୍କୁ ପୂର୍ବତନ ସଭାପତି କର୍ନେଲ କ୍ଷେତ୍ରମୋହନ ମହାପାତ୍ର ସମ୍ମାନିତ କରିଥିଲେ। ଶେଷରେ କ୍ଲବର ସମ୍ପାଦକ କମଳାକାନ୍ତ ମୁଦୁଲି ଧନ୍ୟବାଦ ଦେଇଥିଲେ।

# ବାରିପଦା ଚାମ୍ପିୟନ

ଖଇରା, ୧୦।୧୧(ଉତ୍କଳବନ୍ଧୁ ପଣ୍ଡା)

## ନେତାଜୀ ଆନ୍ତଃ ଜିଲ୍ଲା ଫୁଟ୍‌ବଲ ଟୁର୍ନାମେଣ୍ଟ

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଚାନ୍ଦଗୋଛି ମିନି ଷ୍ଟାଡିୟମରେ ଚାଲିଥିବା ନେତାଜୀ ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାରିପଦା ଟିମ ପାରାଦୀପ ଟିମ୍‌କୁ ୩-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ରିଆଜ କାଦ୍ରୀ ମୁଖ୍ୟ ଓ ଜିତେନ୍ଦ୍ର ପ୍ରସାଦ ବାରିକ, ବି.ଏନ୍. ଜେନା ଓ ଉତ୍ତମ ବାରିକ ସହଯୋଗୀ ରେଫେରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ନେତାଜୀ କ୍ଲବ ସଭାପତି ଅରୁଣ କୁମାର ପାଢୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅଟଳ ଯୁବଶକ୍ତିର ଜିଲ୍ଲା ସଭାପତି ବିକାଶ କୁମାର ପାଢୀ ମୁଖ୍ୟଅତିଥି, ଏସ୍‌ଆର ଗ୍ରୁପ ଅଧକ୍ଷ ରାଜେଶ କୁମାର ମହାକୁଡ ମୁଖ୍ୟବକ୍ତା, ଟାଟା ପାୱାରର କନିଷ୍ଠଯନ୍ତ୍ରୀ ଅଭିନବ କୁମାର, ସମିତିସଭ୍ୟା ପ୍ରତିନିଧି ରବୀନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଦାମୋଦର ବେହେରା ବିବରଣୀ ପାଠ, ସୁବାଷ ଚନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ ଓ ଉପସଭାପତି ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ। ଚାମ୍ପିୟନ ଟିମକୁ ୨୦ହଜାର ଓ ରନର୍ସ ଅପ ଟିମକୁ ୧୫ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସଂଯୋଜକ ବିଭୂତି ପତିଙ୍କ ସମେତ ନେତାଜୀ କ୍ଲବର ସମସ୍ତ ସଭ୍ୟ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

# ବାଲିଆପାଳକୁ ଏନ୍‌ଏସି ଦାବିରେ ପଦଯାତ୍ରା



କଂଗ୍ରେସର ପଦଯାତ୍ରା।

ବାଲିଆପାଳ, ୧୦।୧୧(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୦।୧୧

ବାଲେଶ୍ୱର ଜିଲ୍ଲା ବାଲିଆପାଳକୁ ଏନ୍‌ଏସିର ମାନ୍ୟତା ସହ ୩ଦଫା ଦାବି ନେଇ ସୋମବାର ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ବାଲିଆପାଳରୁ ବାଲେଶ୍ୱର ପଦଯାତ୍ରା ଶୁଭାରମ୍ଭ ହୋଇଛି। ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି ସୁବାସ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ଶତାଧିକ ଯୁବ କଂଗ୍ରେସ କର୍ମୀଙ୍କ ସହିତ କଂଗ୍ରେସ ନେତୃମଣ୍ଡଳୀ ସାମିଲ ହୋଇ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରାରେ ବାହାରିଥିଲେ। ଏହି ପଦଯାତ୍ରା ବାଲିଆପାଳରୁ ଦେଭୋଗ, ଖପରାପଦା, ଜାମଶୁଳି, ମୁକୁଲସି, ଦରଡ଼ା, ବସ୍ତା, ରୂପସା ଦେଇ ହଳଦୀପଦାରେ ପହଞ୍ଚି ସେଠାରେ ରାତ୍ରିଯାପନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରୁ ପୁଣି ପଦଯାତ୍ରା ଆରମ୍ଭ କରି ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବେ ବୋଲି ଜଣାଯାଇଛି।

ବାଲିଆପାଳକୁ ଏନ୍‌ଏସି ସହିତ ସୁବର୍ଣ୍ଣରେଖା ସଂସ୍କାର ଯୋଜନା, ବାଲିଆପାଳ ପ୍ରତାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତିର ଦାବିପତ୍ର ଜିଲାପାଳଙ୍କୁ ଦିଆଯିବାର କାର୍ଯ୍ୟକ୍ରମ ରହିଥିବା କଥା ବସ୍ତା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସର ସଭାପତି ତୀର୍ଥ କୁମାର ନାଗ କହିଛନ୍ତି। ଏହି ପଦଯାତ୍ରାକୁ ବାଲିଆପାଳ ପଞ୍ଚାୟତ ସମିତିର ଅଧକ୍ଷା ରଞ୍ଜିତା ନାୟକ, ବସ୍ତା ନିର୍ବାଚନ ମଣ୍ଡଳୀୟ ନେତା ବିଜନ ନାୟକ, ବରିଷ୍ଠ କଂଗ୍ରେସ ନେତା ତଥା ଭିଟାମାଟି ସୁରକ୍ଷା ମଞ୍ଚର ଆବାହକ ଅରୁଣ ଜେନା, ପୂର୍ବତନ ସରପଞ୍ଚ ମୂରଲୀମୋହନ ସାହୁ, ମଧୁସୂଦନ ବାରିକ, ନରହରି ଜେନା, ସରପଞ୍ଚ ଜଗନ୍ନାଥ ବିଶ୍ୱାଳଙ୍କ ସହିତ ବହୁ ବିଶିଷ୍ଟ କଂଗ୍ରେସ ନେତା ଯୋଗଦେଇ ପଦଯାତ୍ରା ଶୁଭ ଉଦଘାଟନ କରିଥିଲେ। କଂଗ୍ରେସ ନେତା ରବିନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ଯ ବାବାଜୀ ଦେହୁରୀ, ପ୍ରଶାନ୍ତ ଦାସ, ଏସ୍‌କେ ଅବଦୁଲ ରେହେମନ, ପ୍ରମଥ ବାରିକଙ୍କ ସହିତ ବହୁ କଂଗ୍ରେସ ନେତାଙ୍କ ପରିଚାଳନାରେ ପଦଯାତ୍ରା ଜାରି ରହିଛି।

# ଆଞ୍ଚଳିକ ବ୍ରାହ୍ମଣ ସମିତି ପକ୍ଷରୁ ସ୍ମୃତିସଭା

ଖଇରା, ୧୦।୧୧(ଉତ୍କଳ ବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ମଳିହା ଗ୍ରାମର ଧର୍ମପରାୟଣା ମହିଳା ହେମଲତା ପଣ୍ଡାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବ୍ରାହ୍ମଣ ସମିତି ଖଇରା ଶାଖା ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ। ପ୍ରଥମେ ସମିତି ପକ୍ଷରୁ ଜ୍ୟୋତି ଆବାହନ, ଗୀତାପାଠ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ହେମଲତା ଏକାଧାରରେ ଜଣେ ସୁଗୃହିଣୀ, ସ୍ନେହୀ, ଦରଦି ସ୍ୱଭାବର ମଣିଷ ଥିଲେ ବୋଲି ଉପସ୍ଥିତ ବକ୍ତାମାନେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧିରାମ ପାଣିଗ୍ରାହୀ, ବାସୁଦେବ ପଣ୍ଡା, ଗୌରଚନ୍ଦ୍ର ପାଠୀ, ରାମଚନ୍ଦ୍ର ପଣ୍ଡା, ରମାକାନ୍ତ ଶତପଥି, ପଦ୍ମନାଭ ପଣ୍ଡା, ସଂକୀର୍ତ୍ତନ ପଣ୍ଡା, ପ୍ରଫୁଲ୍ଲ ପାଳକ, ପିତାମ୍ବର ପତି, ଶରତ ଚନ୍ଦ୍ର ପଣ୍ଡା, ନାରାୟଣ ଚୌଧୁରୀ ପ୍ରମୁଖ ଦିବଂଗତ ଆତ୍ମା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁତ୍ର ବଳରାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ପିଙ୍କ ଜନ୍ମଦିନରେ ରକ୍ତଦାନ ଶିବିର


ଜନ୍ମଦିନରେ ଏମ୍‌ପିଙ୍କୁ ଫୁଲମାଳ ପିନ୍ଧାଉଛନ୍ତି ଏମ୍‌ପି ଓ କର୍ମକର୍ତ୍ତା।

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)/ ଔପଦା(ଧରିତ୍ରୀ ପଣ୍ଡା), ୧୦।୧୧

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜନ୍ମଦିନ ଉପଲକ୍ଷେ ସୋମବାର ନୀଳଗିରି ଡାକବଙ୍ଗଳାଠାରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରୁ ୨୧୮୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବ ସ୍ୱାଭିମାନ ମଞ୍ଚ ତରଫରୁ ନୀଳଗିରି ଡାକବଙ୍ଗଳା ଆୟୋଜିତ ଶିବିରରେ ମୋଟ ୧୬୮୮ ଜଣ ରକ୍ତ ଦେଇଥିବାବେଳେ, ଔପଦା ଡିଗ୍ରୀ କଲେଜ ଶିବିରରେ ୨୩୬, ଖନ୍ତାପଡ଼ା ମନିଷା ଜିଏନଏମ୍ କଲେଜରେ ୨୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲ୍ଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଭାଜପା ନେତା ରବୀନ୍ଦ୍ର ଅଣ୍ଡିଆ, ଜଳେଶ୍ୱରର ବ୍ରଜମୋହନ ପ୍ରଧାନ, ଭୋଗରାଇର ଆଶିଷ ପାତ୍ର, ପର୍ଶୁ ପରିଡ଼ା, ବିଭୁପଦ ଦାଶ, ତାପସ ମହାନ୍ତି, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦେବାଶିଷ ଆଚାର୍ଯ୍ୟ, ସରସ୍ୱତୀ ନନ୍ଦ, ମନୋରଞ୍ଜନ ବେହେରା, ସବ୍ୟସାଚୀ ମହାପାତ୍ର, ଗୋପୀବଲ୍ଲଭ ରାଉତ, ପ୍ରକାଶ ମହାପାତ୍ର, ଚନ୍ଦ୍ରଶେଖର ନନ୍ଦ, ସମରଶଙ୍କର କାନୁନଗୋ, ମନୀନ୍ଦ୍ର ରାଉତ, ପ୍ରଫୁଲ୍ଲ ଦଳେଇ ସମସ୍ତ ମଣ୍ଡଳ ସଭାପତି ପ୍ରମୁଖ ଉପସ୍ଥିତ ରହି ଏମ୍‌ପି ଷଡ଼ଙ୍ଗୀଙ୍କ ଆଶିଷ କାମନା କରିଥିଲେ।

# ଯୁବ ସମାଜ ଶୃଙ୍ଖଳିତ ହେଲେ ରାଷ୍ଟ୍ର ଶକ୍ତିଶାଳୀ ହେବ

ବାଲେଶ୍ୱର, ୧୦।୧୧(ବାଞ୍ଛାନିଧି ଦେ)

## ଆର୍‌ଏସ୍‌ଏସ୍ ପକ୍ଷରୁ ଯୁବ ସମ୍ମିଳନୀ

ଭାରତବର୍ଷର ୬୦ପ୍ରତିଶତରୁ ଊର୍ଦ୍ଧ୍ୱ ହେଉଛନ୍ତି ଯୁବକ। ଆଜିର ଯୁବସମାଜ ଯେତେ ଅଧିକ ଶୃଙ୍ଖଳିତ ହେବେ ରାଷ୍ଟ୍ର ସେତିକି ସଙ୍ଗଠିତ ଓ ଶକ୍ତିଶାଳୀ ହେବ। ଶୃଙ୍ଖଳିତ ସମାଜ ଗଠନ କ୍ଷେତ୍ରରେ ଯୁବ ସମାଜର ଅଗ୍ରଣୀ ଭୂମିକା ରହିଛି ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଶତାବ୍ଦୀ ବର୍ଷର ଉପଲକ୍ଷେ ରବିବାର ଆୟୋଜିତ ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଆର୍‌ଏସ୍‌ଏସ୍‌ର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମର ପ୍ରଥମ ସତ୍ରରେ ବାଲେଶ୍ୱର ସହ ବିଭାଗ କାର୍ଯ୍ୟବାହ ବରୁଣ ବନଛୋର ଯୋଗଦେଇ ୧୯୨୫ ବିଜୟା ଦଶମୀରେ ଡା. କେଶବ ବଳିରାମ ହେଡ଼ଗେୱାରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି ସଙ୍ଗଠନ ଏବେ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି। ଶତାବ୍ଦୀ ବର୍ଷରେ ସଂଘ ସମାଜର ଉତ୍ଥାନ ପାଇଁ ୫ ସୂତ୍ରୀ କାର୍ଯ୍ୟକ୍ରମ କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ ସଂରକ୍ଷଣ, ସ୍ୱଦେଶୀ ଦ୍ରବ୍ୟ ଓ ବିଚାର, ସାମାଜିକ ସମରସତା ଓ ନାଗରିକ କର୍ତ୍ତବ୍ୟବୋଧ ସମ୍ପର୍କରେ ସଂଘର ସ୍ୱୟଂସେବକମାନେ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ବାଲେଶ୍ୱର ଜିଲା କାର୍ଯ୍ୟବାହ ବିଜୟ କୁମାର ଦାସ ମଞ୍ଚାସୀନ ଥିଲେ। ଜିଲା ମହାବିଦ୍ୟାଳୟ ପ୍ରମୁଖ ହରିଚନ୍ଦନ ଦାସ, ବିଷ୍ଣୁପଦ ଦାସ ଓ ମନୋଜ ଖୁଣ୍ଟିଆ ପରିଚାଳନା କରିଥିଲେ। ଏଥିରେ ବାଲେଶ୍ୱର ନଗର ଓ ସଦର, ରେମୁଣା, ନୀଳଗିରିରୁ ୫ଶହରୁ ଊର୍ଦ୍ଧ୍ୱ ଯୁବକ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ମିଳିତ ଜନଶୁଣାଣିରେ ୮୯ ଅଭିଯୋଗ


ଜିଲାପାଳ ଓ ଏସ୍‌ପି ଅଭିଯୋଗର ଶୁଣାଣି କରୁଛନ୍ତି।

ରେମୁଣା, ୧୦।୧୧(ରବୀନ୍ଦ୍ର ମହାକୁଡ଼)

ରେମୁଣା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ୮୯ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ୮୦ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୭ଟି ସାମୂହିକ ଏବଂ ୨ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂହ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ସିଡିଏମ୍‌ଓ ଡା. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ବାଉଁଶଗଡ଼ିଆ ଫୁଟ୍‌ବଲ ଫେଷ୍ଟିଭାଲ: ଏକ୍ସ ୱାରିଅର ଚାମ୍ପିୟନ

ଖଇରା, ୧୦।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବାଉଁଶଗଡିଆ ବିରିପଡିଆଠାରେ ଚାଲିଥିବା ଫୁଟବଲ ଫେଷ୍ଟିଭାଲ ରବିବାର ଉଦଯାପିତ ହୋଇଯାଇଛି। ଏଥିରେ ଆଗରପଡାର ଏକ୍ସ ୱାରିଅର ଟିମ୍ ରଜତନଗରର ଜେପିଏସ ଟିମ୍‌କୁ ପେନାଲ୍‌ଟି ସୁଟ ଆଉଟ(୫-୪)ରେ ପରାସ୍ତ କରି ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି। ମୁଖ୍ୟ ରେଫେରୀ ଭାବେ କେଦାରନାଥ କାଲୁଣ୍ଡିଆ ଓ ସହଯୋଗୀ ରେଫେରୀ ଭାବେ ଲାଧୁ ମହାକୁଡ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ନୀଳମାଧବ ପଣ୍ଡା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ସମ୍ମାନନୀୟ ଅତିଥି ଭାବେ ଭାଜପା ମଣ୍ଡଳ ସଭାପତି ସୁମନ୍ତ ଜେନା, ପ୍ରାକ୍ତନ ମଣ୍ଡଳ ସଭାପତି ପତିତପାବନ କର, ଭାଜପା ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅଜୁ ଖିଲାର, ଶ୍ରୀକାନ୍ତ ବେହେରା, ଯୁବ ବ୍ୟବସାୟୀ ଗଜେନ୍ଦ୍ର ବାରିକ, ପ୍ରୀତିଶ ମହାପାତ୍ର, ମଙ୍ଗୁଲୁ ସିଂ, ତ୍ରିବନ ସିଂ, ଦେବେନ ସିଂ, ଶଶିକାନ୍ତ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଅଜିତ ଦାସ, ବିଶ୍ୱନାଥ ଜେନା ଓ ନିରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅତିଥିମାନେ ବିଜୟୀ ଟିମ୍‌କୁ ଟ୍ରଫି ସହ ୨୦ହଜାର ଏବଂ ରନର୍ସ ଅପ ଟିମ୍‌କୁ କପ ସହ ୧୫ହଜାର ଟଙ୍କା ପୁରସ୍କୃତ କରିଥିଲେ।

# ଜାତୀୟ ଆଇନ ସେବା ଦିବସ

ବାଲେଶ୍ୱର,୧୦।୧୧(ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ଆଇନ ସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ରବିବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷ ମୋହନରାଓ ଦୋରା ଅଧକ୍ଷତା କରି ଆଇନସେବା କର୍ତ୍ତୃପକ୍ଷ ଅଧିନିୟମ-୧୯୮୭, ଲୋକ ଅଦାଲତ, ମଧ୍ୟସ୍ଥତା, ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗୀ ସେବା), ନ୍ୟାୟ ସଂଯୋଗ ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣର ନିଃଶୁଳ୍କ ନମ୍ବର-୧୫୧୦୦ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲା ଏବଂ ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ) ଇନ୍ଦିରା ପ୍ରିୟଦର୍ଶିନୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ବିନୟ କୁମାର ପାତ୍ର, ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ୍ ନଟଗୋପାଳ ପଣ୍ଡା, ଜିଲ୍ଲା କୋର୍ଟର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ସୀତିକଣ୍ଠ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ମୁଁ ବି ହେବି ସାମ୍ବାଦିକ' ବକ୍ତୃତା ପ୍ରତିଯୋଗିତା


ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ ଓ ବିଚାରକ।

ଭୋଗରାଇ, ୧୦।୧୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇ ବ୍ଲକ ଆରଆଇଏଚଏସ୍ ମହାବିଦ୍ୟାଳୟ ପରିସରରେ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ସୋମବାର ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଅଧିକାରୀ ଓ ପ୍ରଫେସର ବ୍ରଜବିହାରୀ ପତି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। 'ମୁଁ ବି ହେବି ସାମ୍ବାଦିକ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଯୁକ୍ତ୨ର ଦ୍ୱିତୀୟ ବର୍ଷ କଳା ଛାତ୍ରୀ ଅଞ୍ଜଳିକା ପତି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ କହିଥିଲେ ଯେ, ନିରପେକ୍ଷ ଓ ନିର୍ଭୀକ ହୋଇ ସତ୍ୟର ସନ୍ଧାନ କରି ଖବର ପ୍ରକାଶ କଲେ ଲୋକେ ସଚେତନ ହେବା ସହିତ ଗଣତନ୍ତ୍ର ସୁଦୃଢ ହେବ। ଯୁକ୍ତ ୨ର ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ରୀ ସ୍ୱସ୍ତିକା ଗିରି ୨ୟ ସ୍ଥାନ, ଯୁକ୍ତ ୨ର ପ୍ରଥମ ବର୍ଷ କଳା ଛାତ୍ରୀ ସାଇସ୍ମିତା ପଣ୍ଡା ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଯୁକ୍ତ ୩ରେ ପ୍ରଥମ ବର୍ଷ କଳା ଛାତ୍ରୀ ସ୍ନେହାଶ୍ରୀ ପାଣିଗ୍ରାହୀ ପ୍ରଥମ, ଯୁକ୍ତ ୩ ର ପ୍ରଥମ ବର୍ଷ କଳା ଛାତ୍ରୀ ଜ୍ୟୋତିପ୍ରଭା ଦତ୍ତ ୨ୟ ଓ ଯୁକ୍ତ ୩ ର ପ୍ରଥମ ବର୍ଷ କଳା ଛାତ୍ରୀ ପ୍ରିୟଙ୍କା ବେହେରା ୩ୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦକ୍ଷ ବିଚାରକ ଭାବେ ଅଧ୍ୟାପକ ଡଃ. ବିଜୟକେତନ ପଟ୍ଟନାୟକ, ଡଃ. ନୀଳକଣ୍ଠ ଖଣ୍ଡା, ଅଧ୍ୟାପିକା ତ୍ରିବେଣୀ ଧାରା ପ୍ରମୁଖ ପ୍ରତିଯୋଗିତାର ଫଳାଫଳ ଘୋଷଣା କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଆସନ୍ତା ଜାତୀୟ ସାମ୍ବାଦିକ ଦିବସରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ ବୋଲି ଭୋଗରାଇ ମିଳିତ ସାମ୍ବାଦିକ ସଂଘ ସୂଚନା ଦେଇଛି।

**ଗାଡ଼ି ଧକ୍କାରେ ଯୁବକ ମୃତ**

ଗୋପବନ୍ଧୁ ନଗର, (ଶାନ୍ତନୁ କୁମାର ମଡୁଆଲ): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ପଶ୍ଚଡ଼ା ପଞ୍ଚାୟତ ବଡଚେଲକୁଟା ଗ୍ରାମର ଶଶାଧର ନାୟକ ନାମକ ଜଣେ ଯୁବକଙ୍କର ରବିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ସେ କୌଣସି କାମରେ ସ୍ଥାନୀୟ ବଜାରକୁ ଯାଇ ରାତିରେ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନାକୁ ପଠାଇଥିଲା।



# ରାଷ୍ଟ୍ରୀୟ ଗୋକୁଳ ମିଶନରେ ଚାଷୀଙ୍କୁ ଉପେକ୍ଷା

■ ବାଟରେ ଅଟକିଛି ଯୋଜନା
■ ଆଶଙ୍କାରେ ମଧ୍ୟାହ୍ନ ଭୋଜନରେ ଦୁଗ୍ଧ ପ୍ରଦାନ

ବାରିପଦା,୧୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଗୋ-ଧନକୁ ସଂରକ୍ଷଣ ଲକ୍ଷ୍ୟରେ ଚାଷୀଙ୍କୁ ସ୍ୱାବଲମ୍ବୀ ନିମନ୍ତେ ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକାରୀ ହୋଇଛି। ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ ପକ୍ଷରୁ ଦେଶୀ ପ୍ରଜାତିର ଗାଈ ଗୁଡ଼ିକର ହ୍ରାସକୁ ବଢ଼ାଇବା ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଚାଷୀଙ୍କ ରୋଜଗାରରେ ସହାୟକ ହୋଇଥାଏ। ଏହା ସହିତ ଗ୍ରାମୀଣ ଆୟ ବୃଦ୍ଧି କରିବା ସହିତ ବର୍ଦ୍ଧିତ କ୍ଷୀର ଚାହିଦା ପୂରଣ କରିବା ପାଇଁ ସ୍ଥାୟୀ ଦୁଗ୍ଧ ଉତ୍ପାଦନକୁ ପ୍ରୋତ୍ସାହନ ଯୋଗାଇଥାଏ। ମାତ୍ର ଜିଲାରେ ପ୍ରକୃତ ଚାଷୀ ଏଥିରୁ ବଞ୍ଚିତ ରହୁଥିବାରୁ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବାରେ ବିଡ଼ମ୍ବନା ଦେଖାଦେଇଛି। ଏପରିକି ଉନ୍ନତମାନର ଗାଈ ପାଳନରେ ତ୍ରୁଟି ରହୁଥିବାରୁ ଅନେକ ମୃତ୍ୟୁ ମୁଖରେ ପଡୁଛନ୍ତି। ଯାହା ଦ୍ୱାରା ପ୍ରାଥମିକ ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନରେ କ୍ଷୀର ଯୋଗାଇବା ଭଳି ପାଇଲଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଆଶା ଆଶଙ୍କାରେ ରହିଯାଇଛି।

ସୂଚନାଯୋଗ୍ୟ, ଗୋ ପାଳକ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଯୋଜନା ୧୦ ଡିସେମ୍ବର ୨୦୧୪ରେ ଆରମ୍ଭ ହୋଇଥିଲା। ଏହାକୁ ଲୋକାଭିମୁଖୀ କରିବା ପାଇଁ ୨୦୨୪ରେ ଜିଲାକୁ ଗୁରୁତ୍ୱ ଦିଆଯାଇ ଚାଷୀଙ୍କୁ ଉନ୍ନତ କିଷମର ଗାଈ ପ୍ରଦାନ କରାଯାଇଥିଲା। ୨୦୨୪-୨୫ ବର୍ଷରେ ଉତ୍ପାଦକତା ବୃଦ୍ଧି (ପ୍ରୋଡ଼ାକ୍ଟିଭ ଏନହାନ୍ସମେଣ୍ଟ ସ୍କିମ) ଯୋଜନାରେ ୨୬ ବ୍ଲକ୍‌ରେ ୩ ହଜାର ଗାଈ ଯୋଗାଇବାର ଲକ୍ଷ୍ୟ ରଖାଯାଇଥିଲା। ସେଥି ମଧ୍ୟରୁ ୨୭୪୧ଟି ସାହିୱାଲ, ଗୀଡ ଓ ଯର୍ଶି ଗାଈ ନିଶୁଳ୍କ ଭାବେ ଚାଷୀଙ୍କୁ ଯୋଗାଇ ଦିଆଯାଇଥିଲା। ସେଥି ମଧ୍ୟରୁ ଏକ ହଜାରରୁ ଉର୍ଦ୍ଧ୍ୱ ଗାଈ ରାଇରଙ୍ଗପୁର ଓ କରିଆ ଉପଖଣ୍ଡବାସୀଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ କିଛି ଗାଈ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ସେହିପରି କାମଧେନୁ ଯୋଜନାରେ ୨୦୨୪-୨୫ ବର୍ଷରେ ଜିଲାକୁ ୧୧୩ଟି ଗାଈ ପ୍ରଦାନର ଲକ୍ଷ୍ୟ ରହିଥିବା ବେଳେ ୨୦୨ଟି ପ୍ରଦାନ କରାଯାଇଛି । ୨୦୨୫-୨୬ବର୍ଷରେ ୩୧୧ଟି ଲକ୍ଷ୍ୟ ରହିଥିବା ବେଳେ ୧୫୪ଟି ପ୍ରଦାନ କରାଯାଇଛି। ଠିକ୍ ଚାଷୀଙ୍କୁ ଚିହ୍ନଟ କରିବା ପାଇଁ ବ୍ଲକସ୍ତରରେ କମିଟି ଗଠନ କରାଯାଇଛି। ଏହାରି ମାଧ୍ୟମରେ ଚାଷୀଙ୍କୁ ଗାଈ ପ୍ରଦାନ କରାଯାଉଥିବା ବେଳେ ପ୍ରକୃତ ଚାଷୀ ଏହି ଯୋଜନାରୁ ଦୂରେଇ ରହିଛନ୍ତି। ବଡ଼ସାହି ବ୍ଲକ୍ ସିଂହଟିଆ ଗ୍ରାମର ସୁଧିର ମହାପାତ୍ର କହିଛନ୍ତି, ଗୋ ପାଳନ କରି ବର୍ଷକୁ ଭଲ ରୋଜଗାର କରିପାରୁଛନ୍ତି। ଦେଶୀ ଗାଈ ଦ୍ୱାରା ଅଧିକ ଦୁଗ୍ଧ ଉତ୍ପାଦନ ହୋଇପାରୁ ନ ଥିବାରୁ ଯର୍ଶି ଭଳି ଗାଈ କିଣିବା ପାଇଁ ଅର୍ଥର ଅଭାବ ରହିଛି। ସରକାରଙ୍କ ଯୋଜନାରୁ ବଞ୍ଚିତ ଥିବାରୁ ନିଜସ୍ୱ ପାଣ୍ଠିରୁ ଗୋ ପାଳନ କରି ପରିବାର ଭରଣପୋଷଣ କରୁଛନ୍ତି। ସେହିପରି ମାଣତ୍ରୀ ଗ୍ରାମର ଚାଷୀ ପ୍ରଶାନ୍ତ ପଣ୍ଡା କହିଛନ୍ତି, ଗୋକୁଳ ମିଶନ ଯୋଜନା ତାଙ୍କ ପାଇଁ ସାତସପନ ପାଲଟିଛି। ସ୍ଥାନୀୟ ନେତୃବୃନ୍ଦ ଓ କର୍ମୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ତେବେ ଗାଈର ଉପଯୁକ୍ତ ଯତ୍ନ ଅଭାବରୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି ସମ୍ଭବ ହୋଇପାରୁନାହିଁ। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବବ୍ରତ ଦାଶ କୁହନ୍ତି, ଏଭଳି ଅଭିଯୋଗ ଆସି ନାହିଁ। ବ୍ଲକସ୍ତରରେ ଗଠିତ କମିଟିର ନିଷ୍ପତ୍ତି କ୍ରମେ ଚାଷୀଙ୍କୁ ଗାଈ ଯୋଗାଇ ଦିଆଯାଉଛି। ଯେଉଁମାନେ ଯୋଜନାରେ ସାମିଲ ହୋଇପାରି ନାହାନ୍ତି, ସେମାନଙ୍କୁ ଖୁବ୍‌ଶୀଘ୍ର ସାମିଲ କରାଯାଇ ଗାଈ ପ୍ରଦାନ କରାଯିବ। ତେବେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତନ ଆସିବାକୁ ନେଇ ଜିଲାରେ ଯୋଜନାକୁ ଗୁରୁତ୍ୱ ଦିଆଯାଇଥିଲା। ଯାହାଫଳରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ଦୁଗ୍ଧ ପିଇବାକୁ ଦିଆଯିବ ବୋଲି ପାଇଲଟ ପ୍ରକଳ୍ପ ଭାବେ ନିଆଯାଇଥିଲା। ମାତ୍ର ଏହି ପ୍ରକଳ୍ପ ସଫଳ ହେବା ନେଇ ଅଭିଭାବକ ଓ ଗୋ ଚାଷୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି।

# ମାସା ଆର୍ମୀ ପକ୍ଷରୁ ମୟୂରଭଞ୍ଜ ବନ୍ଦ



ବନ୍ଦ ପାଳନ ଅବସରରେ ମାସା ଆର୍ମୀ ସଦସ୍ୟମାନେ।

■ ୨ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା

ମୋରଡ଼ା/ରାସଗୋବିନ୍ଦପୁର, ୧୦।୧୧ (ସ୍ମାରକ ମାଜୀ / ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ଯାତ୍ରା ଦେଖି ଫେରୁଥିବା ସମୟରେ ଅକ୍ଟୋବର ୨୨ ବୁଧବାର ବିଳମ୍ବିତ ରାତିରେ ୨ ଆଦିବାସୀ ନାବାଳିକା ଗଣ ବଳାତ୍କାରର ଶିକାର ହୋଇଥିଲେ। ଏହାକୁ ନେଇ ନ୍ୟାୟ ଦାବିରେ ମାସା ଆର୍ମୀ ପକ୍ଷରୁ ସୋମବାର ମୟୂରଭଞ୍ଜ ବନ୍ଦ ଡାକରା ଦିଆଯାଇଥିଲା। ରାସଗୋବିନ୍ଦପୁର ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଉକ୍ତ ଥାନା ଅଧୀନ ନଳଗଜା, ଶୁଖିଲାଖାଳି, କୁଲିପାଳ ଆଦି ଅଞ୍ଚଳରେ ଶିକ୍ଷା ଅନୁଷ୍ଠାନ ବନ୍ଦ ରହିବା ସହିତ ରାସଗୋବିନ୍ଦପୁର ଅଞ୍ଚଳରେ ମଧ୍ୟ ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅଫିସ ମଧ୍ୟ ବନ୍ଦ ରହିଥିଲା। ଉକ୍ତ ବନ୍ଦ ଡାକରାରେ ମାସା ଆର୍ମୀର ବ୍ଲକ ସଭାପତି ଲକ୍ଷଣ ମୁର୍ମୁ ମଙ୍ଗଳା ହେମ୍ବ୍ରମ, କୌଶଲ୍ୟା ମାଣ୍ଡି, ବସନ୍ତୀ ମୁର୍ମୁ, ସରସ୍ୱତୀ ବେସ୍ରା, ସାଇବା ମୁର୍ମୁ, ସମ୍ବଲ ମୁର୍ମୁ ପ୍ରମୁଖ ସାମିଲ ଥିଲେ।

# 'ମୋ ଗାଁ କାହାଣୀ' ପୁସ୍ତିକା ଉନ୍ମୋଚିତ

ବେତନଟୀ,୧୦।୧୧(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ମୟୂର ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ତଥା ମାସିକ ଶିକ୍ଷକ ଦର୍ପଣ ପତ୍ରିକାର ପୂର୍ବତନ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଲିଖିତ ପୁସ୍ତିକା 'ମୋ ଗାଁ କାହାଣୀ' ସୋମବାର ଉନ୍ମୋଚିତ ହୋଇଯାଇଛି। ବେତନଟୀସ୍ଥିତ ମହାରାଜା ପ୍ରତାପଚନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ପ୍ରତିଭା ସମ୍ବର୍ଦ୍ଧନା ସମାରୋହରେ ବହୁ ସାହିତ୍ୟିକଙ୍କ ଉପସ୍ଥିତିରେ ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଏବଂ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ, ସାହିତ୍ୟିକା ପ୍ରମିଳା ପଣ୍ଡାଙ୍କ ଦ୍ୱାରା ପୁସ୍ତିକା ଉନ୍ମୋଚନ କରାଯାଇଛି। ଏଥିରେ ୧୩ ସମାଜ ସୁଧାରକଙ୍କ ଚରିତ୍ର ଗଳ୍ପ ଆକାରରେ ଓ ୧୩ଟି ବିଭିନ୍ନ ସ୍ୱାଦର କବିତା ସ୍ଥାନ ପାଇଛି। ଯୁବ କବି ତଥା ବନମୟୂରୀ ପତ୍ରିକାର ସମ୍ପାଦକ ନୀରଦ ସୁନ୍ଦର ଜେନା ପୁସ୍ତିକାର ସମୀକ୍ଷା କରିଥିଲେ। ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଅରୁଣ କୁମାର ଓତା, ରବୀନ୍ଦ୍ରନାଥ ମିଶ୍ର, ଅର୍ଜୁନ ସିଂହ, ସନ୍ତୋଷ ମହାନ୍ତି, ସର୍ବେଶ୍ୱର ଜେନା, ଡା. କୁମାର ବାବୁଲି ପ୍ରମୁଖ ଯୋଗ ଦେଇଥିଲେ।

# ଶାଳପତ୍ର ସିଲେଇ ତାଲିମ



ତାଲିମ ଶିବିରରେ ଯୋଗଦେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ।

ବୈଶିଙ୍ଗା,୧୦।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ବର୍ତ୍ତନା ଗ୍ରାମରେ ବନବିଭାଗ ପକ୍ଷରୁ ସ୍ଥାପିତ ଶାଳପତ୍ର କ୍ଲଷ୍ଟର ପରିସରରେ ସୋମବାରଠାରୁ ଦଶ ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି। ବେତନଟୀ ବନବିଭାଗ ଡେପୁଟି ରେଞ୍ଜର ଧୃବେନ୍ଦ୍ର ନାୟକଙ୍କ ସଞ୍ଚାଳନରେ ମୁଖ୍ୟ ଅତିଥିଭାବେ ବାରିପଦା ଏସିଏଫ୍ ମେହେରବାନ ଅଲ୍ଲୀ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କୋଅର୍ଡିନେଟର ନିହାର ରଞ୍ଜନ ସାମଲ ଓ ରତିକାନ୍ତ ବେହୁରା, ଫରେଷ୍ଟର ଦୀପକ କୁମାର ପାତ୍ର, ଫରେଷ୍ଟ ଗାର୍ଡ ଉତ୍ତମ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ଜଙ୍ଗଲରେ ନଷ୍ଟ ହୋଇଯାଉଥିବା ଶାଳପତ୍ରଗୁଡ଼ିକୁ ମେସିନ ସାହାଯ୍ୟରେ ସିଲେଇ କରି ସେଥିରୁ ଖଲିପତ୍ର ଥାଳି ଓ ଦନା ପ୍ରସ୍ତୁତ କରି ଆତ୍ମନିର୍ଭରଶୀଳ ହେବା ଉଦ୍ଦେଶ୍ୟରେ ଏକ ୧୦ ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି। ତେବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଛି। ମହିଳା ସଶକ୍ତିକରଣ କ୍ଷେତ୍ରରେ ଏଭଳି ପଦକ୍ଷେପ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବ ବୋଲି ଅଞ୍ଚଳବାସୀ ମତପୋଷଣ କରିଛନ୍ତି।

# ଏବିଇଓଙ୍କ କାର୍ ଧକ୍କାରେ ୩ ଆହତ

## ପୃଥକ ସ୍ଥାନରେ ୩ ଦୁର୍ଘଟଣା

ମୋରଡା, ୧୦।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ଥାନା ଅଞ୍ଚଳରେ ପୃଥକ ସ୍ଥାନରେ ୩ଟି ଦୁର୍ଘଟଣା ଘଟିଛି। ସୋମବାର ପୂର୍ବାହ୍ନ ୧୦ଟାରେ ମୋରଡା କେନାଲ ନିକଟରେ ଏକ କାର୍ ଗୋଟିଏ ସ୍କୁଟି ଓ ବାଇକକୁ ଧକ୍କା ଦେବା ଫଳରେ ୩ ଜଣ ଆହତ ହୋଇଛନ୍ତି । ସ୍କୁଟି ଚାଳକ ସାମାନ୍ୟ ଆହତ ହୋଇଥିବା ବେଳେ ବାଇକ୍‌ରେ ଥିବା ୨ ଭଉଣୀ ଭାଇ ଗୁରୁତର ଆହତ ହୋଇଛନ୍ତି। ତେବେ କାର୍ ଚାଳକ ଜଣକ ହେଉଛନ୍ତି ମୋରଡା ଏବିଇଓ ପାଲୁ ହାଁସଦା। ଦୁର୍ଘଟଣା ଘଟାଇ ଏବିଇଓ ହାଁସଦା ଗୁରୁତରଙ୍କୁ ୫୦୦ଟଙ୍କା ଦେଇ ଘଟଣାସ୍ଥଳରୁ ପଳାଇଯାଇଥିବା ଆହତଙ୍କ ପରିବାର ପକ୍ଷରୁ ଜଣାପଡ଼ିଛି। ଏ ସମ୍ପର୍କରେ ଏବିଇଓ ହାଁସଦାଙ୍କୁ ପଚରାଯିବାରୁ ବିଡିଓଙ୍କ ପାଖରେ ମିଟିଂ ଥିବାରୁ ସେ ତରବରିଆ ଭାବେ ପଳାଇଯାଇଥିଲେ, ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଆହତମାନଙ୍କ ଅବସ୍ଥା ଗୁରୁତର ନ ଥିବା ସେ କହିଛନ୍ତି।

ସେହିପରି ଶନିବାର ସନ୍ଧ୍ୟାରେ ଉକ୍ତ ଥାନା ଅଧୀନ କୁସୁମକୁଟିଠାରେ ପାଞ୍ଚଗୁଛିଆ ଗ୍ରାମର ରଣଜିତ ମହାପାତ୍ର ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଉକ୍ତ ସ୍ଥାନରେ ପୋଲ କାମ ଚାଲୁଥିବାରୁ ଦିଆଯାଇଥିବା ବାଉଁଶ ବ୍ୟାରିକେଡରେ ବାଡେଇ ହେବାରୁ ଗୁରୁତର ଆହତ ହୋଇଛନ୍ତି । ରଣଜିତ୍‌ଙ୍କୁ ପ୍ରଥମେ ବାରିପଦା କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ପଠାଯାଇଛି। ରବିବାର ସନ୍ଧ୍ୟାରେ ମୋରଡା ଛକରେ ଏକ ବାଇକ ଭାରସ୍ୟାମ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ ଚାଳକ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

# 'ବିଶ୍ୱାସ ମଣିଷର ଭବିଷ୍ୟତକୁ ଉଜ୍ଜ୍ୱଳ କରାଏ'



ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଗୋପବନ୍ଧୁ ନଗର,୧୦।୧୧ (ଶାନ୍ତନୁ କୁମାର ମଡୁଆଲ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ପୁରୁଣା ବାରିପଦା ସ୍ୱର୍ଣ୍ଣଲତା କଲେଜ ମେଡିକାଲ ସାଇନ୍ସ ତଥା ଶ୍ରୀଧର କଲେଜ ଅଫ୍ ଫାର୍ମାସୀ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଭବାନୀ ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଡ଼ା. ଚନ୍ଦନ କୁମାର ଷଡଙ୍ଗୀ, ଅନୁଷ୍ଠାନର ସମ୍ପାଦକ ପୁରୁଷୋତ୍ତମ ନାୟକ, ବିଦ୍ୟାଳୟର ଅଧ୍ୟକ୍ଷା ବାସନ୍ତୀ ମଣୀ ବେହେରା ପ୍ରମୁଖ ଯୋଗଦେଇ ଭରସା ଓ ବିଶ୍ୱାସ ମନୁଷ୍ୟର ଭବିଷ୍ୟତ ଉଜ୍ଜ୍ୱଳ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ନୀଳଗିରି କଲେଜର ଓଡ଼ିଆ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବେତନଟୀ କଲେଜ ଓ ନର୍ସିଂର ନିର୍ଦ୍ଦେଶକ ବସନ୍ତ ମହାନ୍ତ, ବରିଷ୍ଠ ଖବରଦାତା ଅରୁଣ କୁମାର ଓତା, ନିମାଇଁ ପ୍ରସାଦ ଦାଶ, ଚିତ୍ତରଞ୍ଜନ ଦଳେଇ, ବରିଷ୍ଠ ନାଗରିକ କୃଷ୍ଣ ମୋହନ ବେହେରା, ଗୌର ମୋହନ ବେହେରା ପ୍ରମୁଖ ମୋଟ ୧୬ ଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ବିଭାଗରୁ ମୋଟ ୨୬ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ହିମାଂଶୁ ବେହେରା, ନିହାରିକା ମୁଦୁଲି, ମମତା ଦଳେଇ, ଜ୍ୟୋତିରେଖା କବାଟ, ଅର୍ପିତା ଜେନା, ଧରିତ୍ରୀ ରାଉତ, ନମ୍ରତା ପୁଥାଳ, ବର୍ଷା ପ୍ରିୟଦର୍ଶିନୀ ସିଂ, ସୀତାରାମ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ଶିମିଳିପାଳକୁ ଆମ୍ବୁଲାନ୍ସ ଯୋଗାଣ ଦାବି




ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା,୧୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟର କଳାବାଘକୁ ନେଇ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ପର୍ଯ୍ୟଟକଙ୍କ ସୁରକ୍ଷା ଓ ଜରୁରିକାଳୀନ ସେବା ଯୋଗାଇବା ନିମନ୍ତେ ଶିମିଳିପାଳ ଅଭୟାରଣ୍ୟରେ ୪ ଗୋଟି ଆମ୍ବୁଲାନ୍ସ ସେବା ଯୋଗାଇବାକୁ ଦାବି ହୋଇଛି। ଏ ନେଇ ଶିମିଳିପାଳ ପ୍ରୋଟେକ୍ସନ ଗ୍ରୁପର ଅଧ୍ୟକ୍ଷ ଶିବାଜୀ ମୌଳିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭପୁରସ୍ଥିତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପର୍ଯ୍ୟଟନ ଋତୁରେ ଶିମିଳିପାଳ ଅଭୟାରଣ୍ୟକୁ ବୁଲିବା ପାଇଁ ମୟୂରଭଞ୍ଜ ସମେତ ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିଦେଶରୁ ପର୍ଯ୍ୟଟକମାନେ ଆସିଥାନ୍ତି। ଅଭୟାରଣ୍ୟର ମାଟିପଥର ରାସ୍ତାରେ ଯିବାଆସିବା ସମୟରେ ଛୋଟ ଦୁର୍ଘଟଣା ହେବାର ନଜିର ରହିଛି। ସେମାନଙ୍କୁ ତୁରନ୍ତ ସେବା ଯୋଗାଇବା ପାଇଁ ଆମ୍ବୁଲାନ୍ସର ଆବଶ୍ୟକତା ଯଥେଷ୍ଟ ରହିଛି । ବନବିଭାଗ ପକ୍ଷରୁ ଏଭଳି ବ୍ୟବସ୍ଥା ନ ଥିବାରୁ ଗୁରୁତର କିମ୍ବା ଆହତ ରୋଗୀଙ୍କୁ ତ୍ୱରିତ ସେବା ଯୋଗାଇବାରେ ଫଳପ୍ରଦ ହେବ ବୋଲି ସଙ୍ଗଠନର କର୍ମକର୍ତ୍ତା ଆଲୋଚନା କରିଥିଲେ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଓ ଜିଲାପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆକାଶ ସାମଲ, ବିପ୍ଳବ ଜେନା, ଦିଲ୍ଲୀପ ଚୌଧୁରୀ ଓ ମନୋଜ କୁମାର ମହାନ୍ତ ଉପସ୍ଥିତ ଥିଲେ।

# ଜାତୀୟ ସେବା ଯୋଜନାରେ ସ୍ୱଚ୍ଛତା ଅଭିଯାନ




ଜାତୀୟ ସେବା ଯୋଜନାରେ ଛାତ୍ରୀଛାତ୍ରମାନେ ଉପ କୋଷାଗାର ପରିସର ସଫା କରୁଛନ୍ତି।

ଝାରପୋଖରିଆ,୧୦।୧୧(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ଅଧୀନସ୍ଥ ଝାରପୋଖରିଆଠାରେ ଥିବା ସୀମାନ୍ତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ ଆୟୋଜିତ ହୋଇଯାଇଛି। ଯୁକ୍ତ ଦୁଇ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୩୦ରୁ ଉର୍ଦ୍ଧ୍ୱ ବାଳିକା, ବାଳକ ସ୍ୱେଚ୍ଛାସେବୀ ଝାରପୋଖରିଆ ପଞ୍ଚାୟତର ପୋଷ୍ୟଗ୍ରାମ ଘିଆଯୋଡ଼ି ଉପକଣ୍ଠରେ ଝାରପୋଖରିଆ ଉପ-କୋଷାଗାରକୁ ଯାଇ ତାର ପରିବେଶକୁ ପରିଷ୍କାର କରିଥିଲେ। ଏଥି ସହିତ ଉପ- କୋଷାଗାର ପରିସର ଭିତରେ ଥିବା ଗୁଳ୍ମ, ଲତାଗୁଡ଼ିକୁ ପରିଷ୍କାର କରିଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟକୁ ଉପ -କୋଷାଗାର ଅଧିକାରୀ ସରୋଜ କୁମାର ବେହେରା ପ୍ରଶଂସା କରିବା ସହିତ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ।

# ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା 'ପ୍ରଗତି'

ବାରିପଦା,୧୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରରୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ବୃତ୍ତିଗତ ବିକାଶ ନିମନ୍ତେ ୧ମ ପର୍ଯ୍ୟାୟ ତ୍ରିଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ରରୁଆଁ ବ୍ଲକର ପ୍ରାଥମିକ ବିଦ୍ୟାଳୟର ୫୫ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ମୟୂରଭଞ୍ଜର ଶିକ୍ଷକ-ପ୍ରଶିକ୍ଷକ ସଂଜୀବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ଏବିଇଓ ସୁରେନ୍ଦ୍ରନାଥ ରାଉତ, ସରକାରୀ ଉଚ୍ଚ ବିଦ୍ୟାଳୟ ରରୁଆଁର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଞ୍ଜନ କୁମାର ପାତ୍ର, ସିଆରସିସି ପଙ୍କଜ କୁମାର ମହାନ୍ତ, କ୍ଷୀତିଶ ଚନ୍ଦ୍ର ମହାନ୍ତ ଏବଂ ସମସ୍ତ ସାଧନ କର୍ମୀ ଉପସ୍ଥିତ ଥିଲେ। ସାଧନ କର୍ମୀ ସାଗର କୁମାର ଦଳନାଏକ, ଶିକ୍ଷକ-ପ୍ରଶିକ୍ଷକ ସଞ୍ଜୀବ ପାତ୍ର, ସାଧନକର୍ମୀ ଭରତ ଚନ୍ଦ୍ର ମହାନ୍ତ ଏବଂ ସଞ୍ଜୀବ କୁମାର ବେହେରାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ମାଛ ଧରିବାକୁ ଯାଇ ନଦୀରେ ଭାସିଗଲେ

ମୋରଡ଼ା/ରାସଗୋବିନ୍ଦପୁର, ୧୦।୧୧ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ କମାରଗଡ଼ିଆ ପଞ୍ଚାୟତର କାନ୍ଥି ଗାଁ ଦେଇ ଯାଇଥିବା ଜମ୍ବିରା ନଦୀରେ ମାଛ ଧରିବାକୁ ଯାଇ ରବିବାର ରାତିରୁ ଜଣେ ବ୍ୟକ୍ତି ନିଖୋଜ ହୋଇଯାଇଛନ୍ତି। ସେ ହେଲେ ନାକୀଚୁଆ ପଞ୍ଚାୟତ ଡେଙ୍ଗାଆମ୍ବ ଗାଁର ରାଧାଗୋବିନ୍ଦ ବେହେରା(୫୫)। ରାସଗୋବିନ୍ଦପୁର ଅଗ୍ନିଶମ ଅଧିକାରୀ ରବୀନ୍ଦ୍ର ସେଠୀଙ୍କ ସୂଚନା ଅନୁଯାୟୀ, ରାଧାଗୋବିନ୍ଦ ଏବଂ ତାଙ୍କର ଦୁଇଜଣ ସାଙ୍ଗ ରାତିରେ ନଦୀରେ ଖଡା ପକାଇ କିଛି ଦୂରରେ ଶୋଇଥିଲେ। ରାଧାଗୋବିନ୍ଦ ରାତିରେ ଆଗ ଉଠିପଡ଼ି ଗୋଟାଏ ଖଡା ଉପରକୁ ଉଠାଇ ରଖିଥିବା ବେଳେ ଅନ୍ୟ ଏକ ଖଡାକୁ ଉଠାଉଥିବା ସମୟରେ ସେ ନଦୀରେ ଭାସି ଯାଇଥିବା ତାଙ୍କ ଦୁଇ ସାଙ୍ଗ ପ୍ରକାଶ କରିଛନ୍ତି। ଅଗ୍ନିଶମ ବିଭାଗର ଏକ ଟିମ୍ ପହଞ୍ଚି ୩ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ରାଧାଗୋବିନ୍ଦଙ୍କର କୌଣସି ପତ୍ତା ନାହିଁ।

# ରାଜ୍ୟସ୍ତରୀୟ ସୁରଭିରେ ପ୍ରତିଭା ଦେଖାଇବେ ଲକ୍ଷ୍ମୀରେଖା

ବୈଶିଙ୍ଗା,୧୦।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗାସ୍ଥିତ ମୁନିଲାଲ ହାଇସ୍କୁଲ ଛାତ୍ରୀ ଲକ୍ଷ୍ମୀରେଖା ପରିଡ଼ା ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀରେଖା ରବିବାର ଅପରାହ୍ନରେ ଅନୁଷ୍ଠିତ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସୃଜନଶୀଳ ଲିଖନ ପ୍ରତିଯୋଗିତାରେ ସମଗ୍ର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜ୍ୟସ୍ତରରେ ତାଙ୍କ ପ୍ରତିଭା ଦେଖାଇବେ। ପୂର୍ବରୁ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଜିଲାର ସମସ୍ତ ୨୬ ବ୍ଲକରେ ୩୧ଟି ବିଭାଗରୁ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି।



ମୁନିଲାଲ ହାଇସ୍କୁଲ ଛାତ୍ରୀ ଲକ୍ଷ୍ମୀରେଖା ପରିଡ଼ା ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଠାକୁରମୁଣ୍ଡା,୧୦।୧୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଦିଗଧର ପଞ୍ଚାୟତର ସୁନିନ୍ଦା ଶିବମନ୍ଦିର ସମ୍ମୁଖ ପଡ଼ିଆରେ ସୋମବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଦ୍ୱାରା ଗ୍ରାମାଞ୍ଚଳର ଚାଷୀମାନଙ୍କୁ ବିଭିନ୍ନ ଯୋଜନାର ସୁବିଧା ଓ ଚାଷ କରିବାର ବୈଜ୍ଞାନିକ ପଦ୍ଧତି ମେଳାରେ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ କାର୍ଯ୍ୟକ୍ରମରେ ଚାଷୀଙ୍କ ପାଖରେ ସରକାରୀ ଯୋଜନା କିପରି ପହଞ୍ଚିବ ଓ ଚାଷୀ ସରକାରୀ ସହାୟତା ନେଇ ନିଜ ନିଜର ରୋଜଗାର ବଢ଼ାଇଲେ ରାଜ୍ୟ ଓ ଦେଶ ମଜଭୁତ ହେବ ବୋଲି ସେ କହିଥିଲେ। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ଯୋଗଦେଇ ପ୍ରାଣୀ ସମ୍ପଦ ବିକାଶରେ ଆଦିବାସୀଙ୍କ ଉନ୍ନତି ଜଡ଼ିତ ବୋଲି କହିଥିଲେ। ଏଣୁ ସରକାରୀ ଅଧିକାରୀମାନେ ଏ ଦିଗରେ ପଦକ୍ଷେପ ନେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ମାନସ ରଞ୍ଜନ ସାହୁ ଯୋଗଦେଇ ନିଜ ବିଭାଗର କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଯୋଗଦେଇ ରାଜ୍ୟ ସରକାର ଚାଷୀଙ୍କ ଦକ୍ଷତା ବୃଦ୍ଧି ଓ ଆୟ ୨ ଗୁଣ ବଢ଼ାଇବା ଦିଗରେ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ହାତକୁ ନେଇଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ଡା. ରମଣୀ ରଞ୍ଜନ ବିଶ୍ୱାଳ ଯୋଗଦେଇ ପ୍ରାଣୀ ସମ୍ପଦ ବିଭାଗ କାର୍ଯ୍ୟକାରୀ କରୁଥିବା ଜାତୀୟ ଓ ରାଜ୍ୟ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଚାଷୀ ବଢ଼ିବା ପାଇଁ ସ୍ୱପ୍ନ ଦେଖନ୍ତୁ ଓ ସେଥିପାଇଁ ଉଦ୍ୟମ ଆରମ୍ଭ କରିବାକୁ ସେ ଆହ୍ୱାନ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ଠାକୁରମୁଣ୍ଡାଠାରେ ଦୁଗ୍ଧ ସଂଗ୍ରହ ନିମନ୍ତେ ପଦକ୍ଷେପ ନେବାକୁ କହିଥିଲେ। ଅତି ନିକଟରେ ସେବା ପହଞ୍ଚାଇବା ପାଇଁ ବ୍ଲକସ୍ତରରେ ମେଳା ଆରମ୍ଭ ହୋଇଛି ବୋଲି କହିଥିଲେ । ଡା. ରୁବିରାଣୀ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ମତ୍ସ୍ୟ ଅଧିକାରୀ ଭଗବାନ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବ୍ଲକର ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ୫ଜଣ ସଫଳ ଚାଷୀ ଓ ମତ୍ସ୍ୟ ବିଭାଗ ପକ୍ଷରୁ ୪ଜଣ ଚାଷୀ, ସ୍ୱୟଂସହାୟକ ଗୋଷ୍ଠୀକୁ ପୁରସ୍କାର ପ୍ରଦାନ କରାଯାଇଥିଲା। କେତେଜଣ ଚାଷୀଙ୍କୁ କାର୍ଯ୍ୟାଦେଶ ଓ ସବ୍‌ସିଡି ରାଶି ଅତିଥିମାନେ ବଣ୍ଟନ କରିଥିଲେ।




ସଭାରେ ଜଣେ ମହିଳା ଚାଷୀଙ୍କୁ ପୁରସ୍କୃତ କରାଯାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ରିଷୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶିକ୍ଷାକ୍ଷେତ୍ରରେ ଏଆଇ ପ୍ରଚଳନ ପୂର୍ବରୁ ଭିତ୍ତିଭୂମି ସୁଦୃଢ଼ କରାଯାଉ

ଭୁବନେଶ୍ୱର,୧୦।୧୧(ସୁଚିସ୍ମିତା ସାହୁ)



## ଆଜି ଜାତୀୟ ଶିକ୍ଷା ଦିବସ

ପ୍ରତ୍ୟେକ ମନୁଷ୍ୟର ମୌଳିକ ଅଧିକାର ହେଉଛି ଶିକ୍ଷା। ଶିକ୍ଷା ମାଧ୍ୟମରେ ଏକ ସଶକ୍ତ ତଥା ସଚେତନ ସମାଜ ଗଢ଼ିହୁଏ। ଏହା ଆମକୁ ଆମର ପରିବେଶ, ଜୀବନଜୀବିକା ଓ ସମାଜ ସମ୍ପର୍କରେ ସଜାଗ କରାଇଥାଏ। ଏଥିସହ ଆମକୁ ସଫଳତାର ମାର୍ଗରେ ଆଗେଇ ନେବାଲାଗି ଜ୍ଞାନ ଅର୍ଜନ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଜଣେ ଶିକ୍ଷିତ ଓ ସଚେତନ ମଣିଷ ହିଁ ଦେଶରେ ଜଣେ ଆଦର୍ଶ ନାଗରିକ ହୋଇଥାଏ। ଜଣେ ଆଦର୍ଶ ନାଗରିକ ହିଁ ଦେଶ ଓ ବିଶ୍ୱର ଉନ୍ନତି ପାଇଁ ଚିନ୍ତା କରିଥାଏ। ଏହାକୁ ହୃଦୟଙ୍ଗମ କରିବା ପାଇଁ ୨୦୦୮ ମସିହାରୁ ପ୍ରତିବର୍ଷ ନଭେମ୍ବର ୧୧କୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି 'ଏଆଇ ଏବଂ ଶିକ୍ଷା : ସ୍ୱୟଂଚାଳିତ ଜଗତରେ ମାନବ ଏଜେନ୍ସି ସଂରକ୍ଷଣ'। ବ୍ୟକ୍ତି ଓ ସମ୍ପ୍ରଦାୟଙ୍କୁ ପ୍ରଯୁକ୍ତି ବିଦ୍ୟା ପ୍ରଗତିକୁ ବୁଝେଇବା ସହିତ ଶିକ୍ଷାର ଶକ୍ତି ଉପରେ ପ୍ରତିଫଳନକୁ ଉତ୍ସାହିତ କରିଥାଏ।

ଜାତୀୟ ଶିକ୍ଷା ଦିବସ ସମ୍ପର୍କରେ ଭୁବନେଶ୍ୱର ଆଇଆର୍‌ସି ଭିଲେଜ ସେକ୍ଟର-୬ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରତ୍ନାମଞ୍ଜରୀ ଦାସ କହିଛନ୍ତି, ଶିକ୍ଷାକ୍ଷେତ୍ରରେ ପୂର୍ବ ଅପେକ୍ଷା ବହୁ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ପିଲାଙ୍କ ପାଇଁ ପାଠପଢ଼ା ସରଳ, ସହଜ କରାଯାଇଛି ସତ ହେଲେ ଘରୋଇ ସ୍କୁଲ ଭଳି ପିଲାଙ୍କୁ ପଢ଼ା ଯାଇପାରୁନାହିଁ। ଶିକ୍ଷକମାନଙ୍କୁ ଶିକ୍ଷା ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଫଳରେ ପିଲାଙ୍କୁ ଭଲ ମଣିଷ କରି ଗଢ଼ିତୋଳିବାକୁ ଶିକ୍ଷକଙ୍କ ମନୋବଳ ଭାଙ୍ଗିଯାଉଛି। ପିଲାଙ୍କ ଅନୁପାତ ଅନୁସାରେ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନାହାନ୍ତି। ଅନ୍ୟ ଦେଶମାନଙ୍କ ଭଳି ଆମ ଦେଶରେ ମଧ୍ୟ ପିଲାଙ୍କୁ ଗୋଟିଏ ଢାଞ୍ଚାରେ ପାଠ ପଢ଼ାଯାଉ। ବିଦ୍ୟାଳୟଗୁଡ଼ିକରେ ଏଆଇର ପ୍ରଚଳନ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ପିଲାଙ୍କ ପାଠପଢ଼ା ଆହୁରି ବ୍ୟାପକ ହେବା ସହ ଉନ୍ନତ ଶିକ୍ଷାଦାନ ପାଇପାରିବେ। ହେଲେ ଏହା ପୂର୍ବରୁ ଶିକ୍ଷାକ୍ଷେତ୍ରର ଭିତ୍ତିଭୂମିକୁ ସୁଦୃଢ଼ କରାଯାଉ। ସମସ୍ତ ବିଦ୍ୟାଳୟରେ ବିଦ୍ୟୁତ୍, କମ୍ପ୍ୟୁଟର ଏବଂ ସ୍ୱତନ୍ତ୍ର ଶିକ୍ଷକ ରହିବା ଜରୁରୀ ବୋଲି ରତ୍ନାମଞ୍ଜରୀ କହିଛନ୍ତି।

ଦେଶର ଶିକ୍ଷାକ୍ଷେତ୍ରକୁ ସୁଦୃଢ଼ କରିବାରେ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଅବଦାନ ସର୍ବଦା ସ୍ମରଣୀୟ। ତାଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁ ଦେଶରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଓ ଭାରତୀୟ ବୈଷୟିକ ପ୍ରତିଷ୍ଠାନ (ଆଇଆଇଟି) ପରି ଆଧୁନିକ ଶିକ୍ଷା ସଂସ୍ଥା ସ୍ଥାପିତ ହୋଇପାରିଥିଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଶିକ୍ଷାକୁ ଉନ୍ନତ ଓ ସୁଲଭ କରାଇବାରେ ତାଙ୍କର ପଦକ୍ଷେପଗୁଡ଼ିକ ଖୁବ୍ ପ୍ରଶଂସନୀୟ ଥିଲା। ୧୮୮୮ ନଭେମ୍ବର ୧୧ରେ ଜନ୍ମିତ ମୌଲାନା ଆଜାଦଙ୍କୁ ମନେପକାଇବା ପାଇଁ ତାଙ୍କ ଜନ୍ମଦିନକୁ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି।

# ନୂଆପଡ଼ାକୁ ବାହାରୁ ଯାଇନାହିଁ ଗୋଟିଏ ବି ଇଭିଏମ୍: ସିଇଓ

ଭୁବନେଶ୍ୱର,୧୦।୧୧(ରବିନାରାୟଣ ଜେନା)

## ବିଜେଡିର ଅଭିଯୋଗକୁ ଖଣ୍ଡନ

ନୂଆପଡ଼ା ଉପନିର୍ବାଚନ ଲାଗି ଆବଶ୍ୟକ ସଂଖ୍ୟକ ଇଭିଏମ୍ ଜିଲା ୱାର୍‌ରୁମ୍ ଭିତରେ ମହଜୁଦ ରହିଛି। କୌଣସି ଜିଲାରୁ ଏବେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଅଣାଯାଇନାହିଁ। ମାତ୍ର ଗଞ୍ଜାମରୁ ଏକ ଟ୍ରକଭର୍ତ୍ତି ଇଭିଏମ୍ ନୂଆପଡ଼ା ଅଣାଯାଇଛି ବୋଲି ଏକ ନିର୍ଦ୍ଦିଷ୍ଟ ବୈଦ୍ୟୁତିକ ଗଣମାଧ୍ୟମରେ ଯେଉଁ ଖବର ପ୍ରସାର ହୋଇଛି ଏବଂ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଯେଉଁ ଅଭିଯୋଗ କରାଯାଇଛି ତାହା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନ କହିଛନ୍ତି।

ସୋମବାର ପୂର୍ବାହ୍ନରେ ସିଇଓ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳନ କହିଛନ୍ତି, ୩୦ଜିଲାରେ ଇଭିଏମ୍ ପାଇଁ ୱାର୍‌ରୁମ୍ ରହିଛି। ତାହା ପୁଣି ପୋଲିସ ସୁରକ୍ଷା ବଳୟରେ ତଥା ୨୪ଘଣ୍ଟା ସିସିଟିଭି ନଜରରେ ରଖାଯାଇଛି। ବିଜେଡିର ଅଭିଯୋଗ ପାଇବା ପରେ ଏନେଇ ନିଜେ ଗଞ୍ଜାମସ୍ଥିତ ୱାର୍‌ରୁମ୍ ଅନୁସନ୍ଧାନ କରିବା ସହିତ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ହେଲେ ମାସକ ମଧ୍ୟରେ କୌଣସି ଇଭିଏମ୍ ସ୍ଥାନାନ୍ତର ହୋଇନାହିଁ ବୋଲି ସିଇଓ କହିଛନ୍ତି।

ଏଥିସହ ସେ କହିଛନ୍ତି, ଏ ସଂକ୍ରାନ୍ତରେ ବିଜେଡିକୁ ତଥ୍ୟ ଦେବାକୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ସେମାନେ ତଥ୍ୟ ପ୍ରମାଣ ପ୍ରଦାନ କରିନାହାନ୍ତି। ତେବେ ସେଠାରେ କେତେକ ସ୍ଥାନରେ ପଇସା ବଣ୍ଟନର ଭିଡିଓ ବୁଲୁଥିବା ଅଭିଯୋଗ ଆସିଛି, ତାହାକୁ ଯାଞ୍ଚ କରାଯାଉଛି। ଏପର୍ଯ୍ୟନ୍ତ କୌଣସି ପ୍ରମାଣର ସତ୍ୟାସତ୍ୟ ଜଣାପଡ଼ିନାହିଁ। ଅକ୍ଟୋବର ୯ରେ ନୂଆପଡ଼ା ଜିଲାପାଳ ଓ ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ କମ୍ପ୍ୟୁଟର ଦ୍ୱାରା ବଛା ଯାଇଥିବା ୧୬୦% ଇଭିଏମ୍ ଓ ୧୭୦% ଭିଭିପିଏଟିରେ ତାଲିକା ରାଜନୈତିକ ଦଳଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଯାଞ୍ଚ କରାଯାଇଛି। ତେଣୁ ବିଜେଡି ଯେଉଁ ଅଭିଯୋଗ କରିଛି ତାହା ସମ୍ପୂର୍ଣ୍ଣ ଭାବେ ଅମୂଳକ। ଏହାକୁ ନୂଆପଡ଼ା ତଥା ରାଜ୍ୟବାସୀ ଟିକିଏ ହେଲେ ବି ବିଶ୍ୱାସ କରନ୍ତୁ ନାହିଁ ବୋଲି ସିଇଓ କହିଛନ୍ତି।

ଏହି ଅବସରରେ ସ୍ୱତନ୍ତ୍ର ହେଲିକପ୍ଟରରେ ଯାଉଥିବା ପୋଲିଂ ଟିମ୍ ମଧ୍ୟରେ କୌଣସି ପ୍ରକାରେ ଯେପରି ଇଭିଏମ୍‌କୁ ନିଜ ଭିତରେ ମିଶ୍ରଣ କରି ନ ଦିଅନ୍ତି ସେନେଇ ଜିଲା ପର୍ଯ୍ୟବେକ୍ଷକଙ୍କ ସହିତ ସିଇଓ କଥା ହୋଇଥିବା କହିଛନ୍ତି।




ଧ-୭୬୮୭୩


# ଅବୈଧ ଭାବେ ଦୁଇ ନେତାଙ୍କୁ ଗିରଫ କରିଛି ପୋଲିସ: ବିଜେଡି

ଭୁବନେଶ୍ୱର, ୧୦।୧୧(ସୁନିତ୍ ମିଶ୍ର)

ନିର୍ବାଚନ ହାରିବା ଭୟରେ ଭାଜପା ଏବେ ପୋଲିସକୁ ବିଜେଡି ନେତାଙ୍କ ପଛରେ ଲଗାଇ ଦେଇଛି। ଯାହାକୁ ପାରିଲେ ଗିରଫ କରିନେଉଛନ୍ତି। ବିଜେଡି ନେତୃବୃନ୍ଦ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଏହାର ତୀବ୍ର ପ୍ରତିବାଦ କରିଛନ୍ତି। ବିଜେଡି ପକ୍ଷରୁ କୁହାଯାଇଛି, ନୂଆପଡ଼ା ପୋଲିସ ଅବୈଧ ଭାବେ ଦଳର ଏନ୍‌ଏସି ଅଧ୍ୟକ୍ଷଙ୍କୁ ଗିରଫ କରିବା ନିନ୍ଦନୀୟ ଘଟଣା। ଗତ ରାତିରେ ଭାଜପା ଏଜେଣ୍ଟମାନେ ବିଶେଷକରି ପଡ଼ୋଶୀ ଛତିଶଗଡ଼ରୁ ଆସିଥିବା ଗୁଣ୍ଡା ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବିପୁଳ ପରିମାଣର ଟଙ୍କା ବାଣ୍ଟିଥିଲେ। ବିଜେଡିର ଦୁଇ ନେତା ଶାନ୍ତିପୂର୍ଣ୍ଣ ଭାବେ ଏହି ବେଆଇନ କାର୍ଯ୍ୟର ବିରୋଧ କରୁଥିବା ବେଳେ ତାଙ୍କୁ ପୋଲିସ ଗିରଫ କରିଛି। ଭାଜପା ନିର୍ଦ୍ଦେଶରେ ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରାଯାଉଛି। ଜିଲା ପ୍ରଶାସନ ଏକତରଫା ଭାବେ କାର୍ଯ୍ୟାନୁଷ୍ଠାନ ନେଉଛି। ଯେଉଁମାନେ ନିର୍ବାଚନ ଆୟୋଗଙ୍କ ନିୟମକୁ ମାନୁନାହାନ୍ତି ସେମାନଙ୍କ ଦେହରେ ପ୍ରଶାସନ ହାତ ମାରିପାରୁ ନାହିଁ ବୋଲି ସିଇଓଙ୍କ ନିକଟରେ ବିଜେଡି ଅଭିଯୋଗ କରିଛି।

# ୩୨ ଅତି ସମ୍ବେଦନଶୀଳ ବୁଥ୍ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ: ବିଜେଡି

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

ନୂଆପଡ଼ାର ୩୨ଟି ଅତି ସମ୍ବେଦନଶୀଳ ବୁଥ୍‌କୁ ନେଇ ବିଜେଡି ଚିନ୍ତାବ୍ୟକ୍ତ କରିଛି। ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନାରେ ହିଂସାକାଣ୍ଡ ହେବା ଆଶଙ୍କାରେ ସୁରକ୍ଷା ଯାଞ୍ଚ ଓ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ବିଜେଡି ପକ୍ଷରୁ ନିବେଦନ କରାଯାଇଛି। ବିଜେଡି ପକ୍ଷରୁ ଦାଖଲ ସ୍ମାରକପତ୍ରରେ କୁହାଯାଇଛି, ନୂଆପଡ଼ାରେ ୧୭ଟି ବୁଥ୍ ଏବଂ କୋମନା ବ୍ଲକ୍‌ରେ ୧୫ଟି ବୁଥ୍ ଅତି ସମ୍ବେଦନଶୀଳ। ନୂଆପଡ଼ା ନିର୍ବାଚନମଣ୍ଡଳୀର ଲୋକମାନେ ସରଳ ଓ ଶାନ୍ତିପ୍ରିୟ ହୋଇଥିବା ବେଳେ ଭାଜପା ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆ ଏବଂ ଅନ୍ୟ ନେତାଙ୍କ ନିର୍ଦ୍ଦେଶରେ ଏବେଠାରୁ ହିଂସାକାଣ୍ଡର ପଦଚିହ୍ନ ଦେଖିବାକୁ ମିଳିଲାଣି। ସାଇଲେଣ୍ଟ ପିରିୟଡରେ ମଧ୍ୟ ଶାସକ ଦଳ ଅନୈତିକ ଏବଂ ବେଆଇନ ଭାବେ ପ୍ରଚାର କାମ ଜାରି ରଖିଛି। ଏପରିସ୍ଥଳେ ଉକ୍ତ ୩୨ଟି ଅତି ସମ୍ବେଦନଶୀଳ ବୁଥ୍ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ ବୋଲି ସିଇଓଙ୍କୁ ବିଜେଡି ନିବେଦନ କରିଛି।

# ଇଭିଏମ୍ ସ୍ଥାନାନ୍ତର ନେଇ ପୁଣିଥରେ ଅଭିଯୋଗ କଲା ବିଜେଡି

ଭୁବନେଶ୍ୱର,୧୦।୧୧(ସୁନିତ୍ ମିଶ୍ର)

ଗୋଟିଏ ଟ୍ରକରେ ଇଭିଏମ୍ ମେଶିନ ନୂଆପଡ଼ାକୁ ନିଆଯାଇଛି ବୋଲି ବିଜେଡି ତରଫରୁ କରାଯାଇଥିବା ଅଭିଯୋଗକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଖଣ୍ଡନ କରିଛନ୍ତି। ଏହାପରେ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ତାଲିକା ପ୍ରଦାନ କରି ଇଭିଏମ୍‌ଗୁଡ଼ିକୁ ସ୍ଥାନିତ କରିବାକୁ ଯୋଜନା କରାଯାଉଛି ବୋଲି ବିଜେଡି ଆଉଥରେ ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ପ୍ରଶାସନିକ କଳର ଅପବ୍ୟବହାର କରି ଭାଜପା ଏହି ଉପନିର୍ବାଚନ ଜିତିବାକୁ ଉଦ୍ୟମ କରୁଛି। ଗୋଟିଏ ଟ୍ରକରେ ଇଭିଏମ୍ ମେଶିନ ନୂଆପଡ଼ାକୁ ନିଆଯାଇଛି ବୋଲି କରାଯାଇଥିବା ଅଭିଯୋଗ ଉପରେ ମୁଖ୍ୟ ନିର୍ବାଚନଅଧିକାରୀଙ୍କ ତରଫରୁ କୁହାଯାଇଛି, ଗଞ୍ଜାମ ଜିଲାରେ ରଖାଯାଇଥିବା ଇଭିଏମ ମେଶିନଗୁଡ଼ିକ ସିସି କ୍ୟାମେରା ନଜରରେ ରଖାଯାଇଛି। ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ରାଜରାସ୍ତାରେ ହୋଇଥିଲା ବେଳେ ଏହି ଅଞ୍ଚଳର ସିସି ଟିଭି କାମ କରୁ ନ ଥିଲା। ସରକାରୀ ଖାତାରେ ସିସି ଟିଭି ଅଛିର ଅର୍ଥ ଏହା ନୁହେଁ, ସିସି ଟିଭିର ଫୁଟେଜ ରହିଛି। ସିଇଓଙ୍କ ପାଖରେ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ତାଲିକା ପ୍ରଦାନ କରାଯାଇଛି। ଏହି ବୁଥ୍‌ଗୁଡ଼ିକରେ ନିଆଯାଇଥିବା ଇଭିଏମ ମେଶିନଗୁଡ଼ିକ ସ୍ଥାପିତ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଲେନିନ୍ ଅଭିଯୋଗ କରିଛନ୍ତି।


# Classified Everyday

0674-2580101, 9692975378




## SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D-06

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D-07

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 Km from Bhubaneswar. COST 55 LAKHS, in place of 65 lakhs. Pl. contact me immediately who can purchase within 15 days 7809525452. D-210

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। –7008634668 ଧ-୦୮

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ– 9776974912. D-10




The massage felt totally professional! & comfortable at all times- 7978109255. D-211



## BUSINESS

World best Olympiad education gives business opportunity of your district investment one time 4-5 lakh income minimum 20lakhs per month. Contact- 9437260818. D-2542

## LOST

I, Sudhansu Sekhar Mohapatra, S/o.- Narasingh Mohapatra, have lost my sale deed (No.- 1280, dtd.- 28.05.2007, Mouza- Lahanga, Khata No.- 518/28, Plot No. 168, Area- Ac.0.225decimal, purchased from Kanchanbala Mishra) in-between Godipada chhaka on 10.11.2025 evening when I go to marketing. In spite of all my efforts I could not trace it out. D-2543

## AFFIDAVIT

I, Raja Kishore Muduli, S/o.- Late Fakir Muduli, Resident of Plot No.- 672/4048/4739, Ekamra Villa, IRC Village, P.O.- IRC Village, P.S.- Nayapalli, Bhubaneswar, PIN- 751015, Odisha declare by this affidavit No.- 70/3.11.25, dtd.- 3.11.25 that now onwards I shall be known as RAJAKISHOR MUDULI for all future purposes. D-2534

By virtue of an affidavit sworn, I, FARHA AHMED , D/o.- AHMED HUSSAIN, At/P.O.- Jatani, PIN- 752050, Dist.- Khurdha, State- Odisha declare that I have changed my name from Farha Ahmed to Anwesha Puri, W/o.- Avisekha Puri. Henceforth, I known as Anwesha puri for all purposes. D-2535

I, Manju Kumari Nayak, W/o.- Late Dambarudhara Naik, Resident of At/P.O.- Jhadabhumi, P.S.- Jagannathprasad, Dist.- Ganjam, Odisha , PIN- 761120 declared that I have changed my son's name from Sai Prasad Nayak to Om Sai Prasad Naik. Henceforth, he shall be known as Om Sai Prasad Naik for all purposes. D-2538

By virtue of an affidavit sworn before the Executive Magistrate, Sambalpur, No.- 3233, Dtd.- 10.11.25, I, KAILASH NAG, S/o.- Udaya Nag, R/o. At- Ward No.- 12, Kamlibazar, P.O./P.S.- Khetrajpur, Dist.- Sambalpur, PIN- 768003, Odisha declare that I have changed my name from Kalakara Nag to Kailash Nag. Henceforth, I shall be known as Kailash Nag for all purposes.

Kailash Nag
D-2536

By virtue of an affidavit sworn before Executive Magistrate, Chhendipada, Vide No.- 1242, dated- 07.11.2025, I, Manoj Naik, Resident of Village- Sundarapal, P.O.- Nuapada, P.O.- Rengali, Dist.- Angul, PIN- 759124(Odisha) declare that I have changed my name from Palabh Naik to Manoj Naik. Henceforth, I shall be known as Manoj Naik for all purposes.

Manoj Naik.
D-2537

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Ph.D. AWARDED TO MS KULUMINA DASH



Ms. Kulumina Dash has been awarded Ph.D. degree in Public Health from KIIT University, Bhubaneswar for her research work "Assessment and Comparison of Cognitive Functions between Children Aged 6-8 Years Residing in Low and High Ambient Particulate Air Polluted Areas in Odisha." supervised by Dr. Pratap Jena, her study was examined by Prof. Dr. Jugal Kishore, Director-Professor at VMMC & Safdarjung Hospital, New Delhi. She expressed heartfelt gratitude to Dr. Jena, mentor Dr. Jigyansa Pattanaik, Dr. Sita Kantha Dash, Dr. Ramya, appreciate son Manbendra for timely support. She is the wife of Dr. Narendra Satapathy and daughter in law of Late Mr. Bhimasen Satapathy and Mrs Nalini Satapathy of Jajpur. Daughter of Er. Rama Chandra Dash and late Mrs Ashalata Dash, Cuttack.

D-2540

ଧରିତ୍ରୀ DHARITRI

### Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

0199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଦ୍ୱଗୌରାଙ୍ଗ ଦେବ ଦାସ**

ଅବସରପ୍ରାପ୍ତ ଓ.ଏଫ୍.ଏସ୍. ପ୍ରଶାସନିକ ଅଧିକାରୀ
ବଳରାମପୁର, ତଳସାହି, କୁଜଙ୍ଗ,ଜଗତ୍‌ସିଂହପୁର
ଆବିର୍ଭାବ– ୨୧.୦୨.୧୯୫୮
ତିରୋଧାନ– ୧୫.୧୧.୨୦୨୨
(କୃଷ୍ଣ ପକ୍ଷ ସପ୍ତମୀ ତିଥି)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ନିବେଦନ କରୁଛୁ। ଯେଉଁଠି ଥାଆନ୍ତୁ ଭଲରେ ରୁହନ୍ତୁ, ଏତିକି କାମନା।

ଶୋକସନ୍ତପ୍ତ– ପତ୍ନୀ ସରୋଜିନୀ, ପୁତ୍ର ରାଜେଶ, ରାକେଶ, କନ୍ୟା ରାଜଶ୍ରୀ ଏବଂ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୨୫୪୧

### ସପ୍ରେମ ଅଶ୍ରୁଳ ସାଇ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମାଧବୀ ଭଞ୍ଜ**

ଓଡ଼ଗାଁ, ଜିଲ୍ଲା– ନୟାଗଡ଼
ଆବିର୍ଭାବ: ୦୨ ଜାନୁୟାରୀ ୧୯୭୦
ତିରୋଧାନ: ୦୧ ନଭେମ୍ବର ୨୦୨୫
ସାଇରାମ ଭଗବାନ ଅମର ଆତ୍ମାଙ୍କୁ ସଦ୍‌ଗତି ପ୍ରଦାନ କରନ୍ତୁ, ତାଙ୍କ ଆତ୍ମା ହେଉ ଆନନ୍ଦମୟ। ଆମେ ରହିବୁ ସେହି ସ୍ନେହ, ସ୍ମୃତି, ପ୍ରେମ ଆଶୀର୍ବାଦ ସହିତ ସଦା। ସ୍ୱାମୀ– ପ୍ରସନ୍ନ ଭଞ୍ଜ, ପୁଅ, ପୁତୁରା, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଓ ପରିବାରବର୍ଗ।
ସୌଜନ୍ୟ– ଶ୍ରୀସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସାମୂହିକ ସେବା କେନ୍ଦ୍ର, ଓଡ଼ଗାଁ କର୍ମକର୍ତ୍ତା, ସଦସ୍ୟା ଓ ସଦସ୍ୟବୃନ୍ଦ।
ଧ-୨୫୩୩

## LEGAL NOTICE

In the Court of the Judge, Family Court, Balangir

C.P. (Mat) No.- 14 of 2021/ I.A. No.- 02/2021
Smt. Meera Mishra @ Dash
....Petitioner
Versus
Sri. Dadhibaban Dash
....Respondent
Summon Under Order 5 Rule 20 of C.P.C.

To,
The Respondent, Sri Dadhibaban Dash, S/o- Late Bipin Bihari Dash, resident of Talipara, Bargarh Town, P.O./P.S. & Dist.- Bargarh.

Whereas, the petitioner has filed a Petition under Section 13(1)(a) and 1(b) of the Hindu Marriage Act against you in this court and whereas, you are avoiding to receive the summons issued by this Court.

Hence you are directed to appear before this Court on the 11th day of Dec. 2025 at 10.30 A.M. otherwise the case be heard and decided on merit in your absence.

Giving under my hand and seal of this Court this the 28th day of Oct. 2025.

Sd./- Judge, Family Court, Balangir
D-2004

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଖର୍ଚ୍ଚ ନ ହେଉ ଦ୍ୱନ୍ଦ୍ୱର କାରଣ

**ଅନେକ ସମୟରେ ବିଭିନ୍ନ ଖର୍ଚ୍ଚ ନେଇ ପରସ୍ପରକୁ ଲୁଚାଇଥାଆନ୍ତି ପତ୍ନୀପତି। ଏହା ପରିବାର ନିମନ୍ତେ ଆବଶ୍ୟକ ହେଲେ ବି ଏଥିପାଇଁ ବେଳେବେଳେ ସୃଷ୍ଟିହୁଏ ଦ୍ୱନ୍ଦ୍ୱ ଓ ଅବିଶ୍ୱାସ, ଯାହା ସମ୍ପର୍କ ଭାଙ୍ଗିବାର କାରଣ ବି ହୁଏ। ଯଦି ଆର୍ଥିକ ବ୍ୟାପାରରେ ସ୍ୱଚ୍ଛତା ଥାଏ, ପରସ୍ପର ସହ ବୁଝାମଣା ରହେ, ତେବେ ସମ୍ପର୍କର ସମ୍ପ୍ରିତି ବଢ଼ି ବଢ଼ି ଚାଲେ...**



ଦାମ୍ପତ୍ୟକୁ ହସଖୁସିରେ ଆଗେଇନେବା ପାଇଁ ଅର୍ଥର ଆବଶ୍ୟକତା ଅଛି। ହେଲେ ଅନେକ ସମୟରେ ପରସ୍ପରକୁ ଲୁଚାଇ ବିଭିନ୍ନ ପ୍ରକାର ଖର୍ଚ୍ଚ କରନ୍ତି ସ୍ତ୍ରୀସ୍ୱାମୀ। ବେଳେବେଳେ ଏଇ ଅର୍ଥ ବି ଅନର୍ଥର କାରଣ ହୋଇପାରେ। ସମ୍ପର୍କରେ ଯେପରି କୌଣସି ପ୍ରକାର ଦ୍ୱନ୍ଦ୍ୱ କି ସନ୍ଦେହ ସୃଷ୍ଟିହେବ ନାହିଁ ସେଥିପାଇଁ ପରସ୍ପର ମଧ୍ୟରେ ଖୋଲା ଆଲୋଚନା ବି ଦରକାର। ଏହି ପରିସ୍ଥିତିରେ ଭୁଲ୍ ବୁଝାମଣା ହେବା ପୂର୍ବରୁ ନିଜ ଦୃଷ୍ଟିକୋଣ ବଦଳାଇବା ଜରୁରୀ। କାରଣ ସକାରାତ୍ମକ ମନୋଭାବରେ ପରସ୍ପରକୁ ଲୁଚାଇ କରାଯାଉଥିବା ଖର୍ଚ୍ଚ ସମ୍ପର୍କ ମଜଭୁତ କରିଥାଏ।

**ଖର୍ଚ୍ଚ କରିବାର କାରଣ**

ପାର୍ଟନରଙ୍କୁ ଲୁଚାଇ ଅନେକ ସମୟରେ ପଇସା ଖର୍ଚ୍ଚ କରିବାକୁ ହୁଏ। ସେଭଳି ହୁଏତ ପରିସ୍ଥିତି ଆସିପାରେ ଯେ ସାଥୀଙ୍କୁ ଜଣାଇବାର ସୁଯୋଗ ମିଳି ନ ଥାଏ। ଏଇ ଯେମିତି କୌଣସି ସ୍ଥାନକୁ ବୁଲିବାକୁ ଯାଇଛନ୍ତି ସେଠାରେ କିଛି ଜିନିଷ କିଣି ଆଣିଲେ ଅବା ଘରକୁ କେହି ସମ୍ପର୍କୀୟ ଆସିଛନ୍ତି ସେ ସମୟରେ ତାଙ୍କୁ ଜରୁରୀ ମନେକରି କିଛି ଅର୍ଥ ଦେଇଛନ୍ତି। ଏମିତିଭାବେ ଖର୍ଚ୍ଚ କରିବା ନେଇ ସାଥୀଙ୍କୁ ଜଣାଇବାର ସୁଯୋଗ ମିଳି ନ ଥାଇପାରେ। ହେଲେ ଏନେଇ ପରେ କଥାବାର୍ତ୍ତା ହୋଇପାରିବେ ଓ ଖର୍ଚ୍ଚ ସମ୍ପର୍କରେ ସବୁ ଜଣାଇପାରିବେ। କିନ୍ତୁ ପରସ୍ପରକୁ ନ ଜଣାଇ ଯଦି କିଛି ଖର୍ଚ୍ଚ କରୁଥାନ୍ତି, ତେବେ ଏଥିପାଇଁ ଅନେକ ସମୟରେ ସନ୍ଦେହ ସୃଷ୍ଟି ହୋଇପାରେ, ଯେଉଁଥିପାଇଁ ସମ୍ପର୍କ ଖରାପ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ।

**କେତେବେଳେ ଧୋକା**

କ'ଣ ଖର୍ଚ୍ଚ କରୁଛନ୍ତି ଅବା କାହାକୁ ଦେଉଛନ୍ତି, ସେନେଇ ସାଥୀଙ୍କୁ କିଛି ଲୁଚାନ୍ତୁ ନାହିଁ। ଯଦି କୌଣସି ସମୟରେ ସଙ୍ଗେ ସଙ୍ଗେ ଜଣାଇ ପାରିନାହାନ୍ତି ତେବେ ସୁଯୋଗ ପାଇଲେ ନିଶ୍ଚୟ ଜଣାନ୍ତୁ। ହେଲେ ସବୁ ସମୟରେ ପାର୍ଟନରଙ୍କ ପାଖରୁ ଲୁଚାଇ ଖର୍ଚ୍ଚ କରିବାକୁ ହୁଏତ ଧୋକା କୁହାଯାଇପାରେ। ସମ୍ପର୍କରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ। ପରସ୍ପର ଉପରେ ଭରସା ରହି ନ ଥାଏ। ତେଣୁ ପରସ୍ପର ବୁଝାମଣା ରଖି ଟଙ୍କା ଖର୍ଚ୍ଚ କରନ୍ତୁ। ଆଉ ଯେକୌଣସି ବଡ଼ ଖର୍ଚ୍ଚ କଲେ ପାର୍ଟନରଙ୍କୁ ନିଶ୍ଚୟ ଜଣାନ୍ତୁ।

**ସକାରାତ୍ମକ ପ୍ରଭାବ**

ବେଳେବେଳେ ପରସ୍ପରକୁ ନ ଜଣାଇ ହୋଇଥିବା ଖର୍ଚ୍ଚ ସମ୍ପର୍କକୁ ଦୃଢ଼ କରିଥାଏ। ମନେକର ଆପଣ ଯଦି ପାର୍ଟନରଙ୍କ ପାଇଁ ତାଙ୍କର କିଛି ଜରୁରୀ ସାମଗ୍ରୀ ତାଙ୍କୁ ନ ଜଣାଇ କିଣି ଦେଉଛନ୍ତି ତେବେ ତାହା ତାଙ୍କୁ ଖୁସି ଦେଇପାରେ। ଠିକ୍ ଏହିପରି ପାର୍ଟନରଙ୍କ ସମ୍ପର୍କୀୟଙ୍କ ପାଇଁ ଯଦି ସେଭଳି କିଛି ଖର୍ଚ୍ଚ କରୁଛନ୍ତି ଆଉ ସେସମ୍ପର୍କରେ ପୂର୍ବରୁ କିଛି କହିନାହାନ୍ତି ତାହା ବି ଖୁସି ଦେଇଥାଏ। ହେଲେ ଏଭଳି ସ୍ଥିତିରେ ହୋଇଥିବା ଖର୍ଚ୍ଚ ପର ମୁହୂର୍ତ୍ତରେ ଜଣାନ୍ତୁ। ଏହା ବ୍ୟତୀତ ଯଦି କୌଣସି ଋଣ ନେଉଛନ୍ତି ତେବେ ମଧ୍ୟ ଜଣାନ୍ତୁ। ଏସବୁ କଥା ଲୁଚାଇବା ଫଳରେ ଭବିଷ୍ୟତରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ ଓ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇପାରେ।





... ଜଣା ପଡ଼ିଯାଇଥାଏ।

**ସଚେତନତା ବି ଜରୁରୀ**

ଖର୍ଚ୍ଚ କରିବା ନେଇ ସଙ୍କୋଚଭାବରେ ପରସ୍ପରକୁ ଜଣାନ୍ତୁ। ହୁଏତ କୌଣସି ସମୟରେ ଆପଣ ଖର୍ଚ୍ଚ ନେଇ କହି ନ ଥିବେ, କିନ୍ତୁ ପରେ ଜଣାଇଲେ ସେଭଳି କିଛି ଭିନ୍ନ ଭାବ ନ ଥିବ। ତେଣୁ ପୂର୍ବରୁ ନ ଜଣାଇ ଯାହା ବି ଖର୍ଚ୍ଚ କରିଛନ୍ତି ସେସମ୍ପର୍କରେ ଜଣାନ୍ତୁ। ଯଦି ଠିକ୍ ଭାବରେ ଖର୍ଚ୍ଚ କରିଛନ୍ତି ତେବେ ଆପଣଙ୍କୁ ସମର୍ଥନ କରିବେ।

ହଁ, ସବୁଠୁ ବଡ଼ କଥା ହେଉଛି ଆପଣ କେତେ ଖର୍ଚ୍ଚ କରିପାରିବେ ସେନେଇ ପାର୍ଟନରଙ୍କ କ୍ଷମତା ବିଷୟରେ ଜାଣନ୍ତୁ। ଉଭୟ ଏକାଠି ହୋଇ ସବୁ ପ୍ରକାର ଖର୍ଚ୍ଚ ନିମନ୍ତେ କେତେ ବଜେଟ ବାହାର କରିପାରିବେ ସେନେଇ ଚିନ୍ତା କରନ୍ତୁ। ଲୁଚାଇ ଯଦି କୌଣସି ପ୍ରକାର ବ୍ୟାଙ୍କ ଆକାଉଣ୍ଟ ଅବା କ୍ରେଡିଟ୍ କାର୍ଡ ବ୍ୟବହାର କରୁଛନ୍ତି ତେବେ ନିଶ୍ଚୟ ...

## ଏମାନେ କ'ଣ କରନ୍ତି

### ସ୍ୱାଧୀନଭାବେ ଖର୍ଚ୍ଚ କରେ



ଆମର ପରସ୍ପର ଉପରେ ବିଶ୍ୱାସ ଅଛି। ତେଣୁ ଖର୍ଚ୍ଚ କରିବା ପାଇଁ ସେମିତି ସବୁବେଳେ ପଚାରିବାକୁ ପଡ଼ି ନ ଥାଏ କି ଲୁଚାଇବାକୁ ବି ପଡ଼ି ନ ଥାଏ। ଯଦି କିଛି ଆବଶ୍ୟକ ଅଛି, ତା'ହେଲେ ସ୍ୱାଧୀନଭାବେ ଖର୍ଚ୍ଚକରେ ଓ ଜିନିଷ କିଣେ କିମ୍ବା ଅନ୍ୟ କାହାକୁ କିଛି ଟଙ୍କା ବି ଦେଇଥାଏ। ହେଲେ ସବୁ କଥା ଜଣାଇବାକୁ ସମୟ ନ ଥାଏ। ସେଥିପାଇଁ ତ ସେ ମତେ ଆର୍ଥିକ ସ୍ୱାଧୀନତା ଦେଇଛନ୍ତି। ତା' ଛଡ଼ା ମୁଁ କିଛି ଅନାବଶ୍ୟକ ଖର୍ଚ୍ଚ ବି କରେନାହିଁ। ତେଣୁ ଏନେଇ ଆମ ଭିତରେ କୌଣସି ପ୍ରକାର ଭୁଲ୍ ବୁଝାମଣା ହୋଇ ନ ଥାଏ।

*– ମମତା ଜେନା, ଗୃହିଣୀ, ବଡ଼ଗଡ଼, ଭୁବନେଶ୍ୱର*

### ବିଶ୍ୱାସ ଅଛି



ଯେତେବେଳେ ଯାହା ଇଚ୍ଛା ଖର୍ଚ୍ଚକରେ। ସେଥିପାଇଁ ସେ କେବେ ମତେ ପ୍ରଶ୍ନ କରନ୍ତି ନାହିଁ କି ମୋର ଦରମାକୁ ନେଇ କେବେ ହିସାବ ମଧ୍ୟ ମାଗନ୍ତି ନାହିଁ। ତାଙ୍କର ବିଶ୍ୱାସ ଅଛି ଯେ ମୁଁ କୌଣସି ପ୍ରକାର ଭୁଲ୍ ଖର୍ଚ୍ଚ କରିବି ନାହିଁ। ଠିକ୍ ସେମିତି ମୋର ମଧ୍ୟ ତାଙ୍କ ଉପରେ ବିଶ୍ୱାସ ରହିଛି। କିନ୍ତୁ ଘରର କୌଣସି ବଡ଼ ଖର୍ଚ୍ଚ ସମୟରେ ଆମେ ପରସ୍ପର ଆଲୋଚନା କରୁ ଓ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ନେଇ ଉଭୟେ ଚେଷ୍ଟା କରୁ। କିନ୍ତୁ ଏନେଇ କେବେହେଲେ ଆମ ମଧ୍ୟରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହୋଇନାହିଁ।

*– ମହାଶ୍ୱେତା ତ୍ରିପାଠୀ, କର୍ମଜୀବୀ, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*





# ଟିଭି ପାଖରେ ରଖନ୍ତୁ ନାହିଁ

**ପରିବାର ସହ ଏକାଠି ସମୟ କଟାଇବା ସହ ମନୋରଞ୍ଜନର ମାଧ୍ୟମ ଭାବରେ ପ୍ରାୟ ସମସ୍ତଙ୍କ ଘରେ ରହିଥାଏ ଟିଭି। ହେଲେ ଅଜାଣତରେ ବେଳେବେଳେ ଆମେ ଟିଭି ପାଖରେ ଏଭଳି କିଛି ଜିନିଷ ରଖିଦେଇଥାଉ, ଯାହା ଖରାପ ପ୍ରଭାବ ପକାଇଥାଏ। ତେଣୁ ଟିଭି ପାଖରେ କେଉଁ ସବୁ ଜିନିଷ ରଖିବେ ନାହିଁ ଜାଣିରଖନ୍ତୁ।**



➔ଟିଭି ପାଖରେ ପାଣି ବୋତଲ କିମ୍ବା କୌଣସି ତରଳ ପଦାର୍ଥ ଅଥବା ଫୁଲଦାନୀ ରଖନ୍ତୁ ନାହିଁ। ଟିଭି ସ୍କ୍ରିନ୍ ଓ ଏହା ପଛପଟରେ ଥିବା ସର୍କିଟ୍ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାଏ। ଭୁଲ୍‌ରେ ବି ଏଥିରେ ପାଣି ପଡ଼ିଗଲେ ଟିଭିର ମଦରବୋର୍ଡ ଖରାପ ହୋଇଯାଇଥାଏ।

➔ମୋବାଇଲ ଚାର୍ଜର, ସେଟ୍-ଟପ୍-ବକ୍ସ, ସ୍ପିକର, ଇଲେକ୍ଟ୍ରିକ୍ ଖେଳନା ଆଦି ଟିଭି ପାଖରେ ରଖନ୍ତୁ ନାହିଁ। ଏହିସବୁ ଗ୍ୟାଜେଟ୍‌ରୁ ବାହାରୁଥିବା ଇଲେକ୍ଟ୍ରିକ୍ ସିଗ୍‌ନାଲ ଟିଭିର ଏଲ୍‌ଇଡି କିମ୍ବା ଏଲ୍‌ସିଡିକୁ ଖରାପ କରିଦେଇଥାଏ। ଟିଭିକୁ ସମ୍ପୂର୍ଣ୍ଣଭାବେ ଅଲଗାକରି ସଂଯୁକ୍ତ କରନ୍ତୁ। ସମସ୍ତ ବୈଦ୍ୟୁତିକ ଡିଭାଇସ୍ ଦୂରେଇ ରଖନ୍ତୁ।

➔ଏୟାର ଫ୍ରେଶନର କିମ୍ବା ପରଫ୍ୟୁମ ମଧ୍ୟ ଟିଭି ପାଖରେ ରଖନ୍ତୁ ନାହିଁ କି ସ୍ପ୍ରେ କରନ୍ତୁ ନାହିଁ। ଏଥିରେ ଥିବା କେମିକାଲ ସବୁ ଟିଭି ସ୍କ୍ରିନ୍ କିମ୍ବା ଭେଣ୍ଟିଲେଶନ ସ୍ଲଟ୍‌ରେ ଜମିଯାଏ। ଫଳରେ କିଛିଦିନ ପରେ ଟିଭିରେ ମଇଳା ଜମି ରଙ୍ଗ ଖରାପ ହୋଇଯାଏ।

➔ଉତ୍ସବ ସମୟରେ ଘର ସଜାଉଥିଲେ ଟିଭି ପାଖରେ କୌଣସି ଦୀପ କିମ୍ବା ମହମବତି ଲଗାନ୍ତୁ ନାହିଁ। ଏହାର ଉତ୍ତାପ ପ୍ରଭାବରେ ଟିଭି ସ୍କ୍ରିନ୍‌ରେ ମାଇକ୍ରୋ କ୍ରାକ୍ ଆସିପାରେ। ଉତ୍ତାପ ଅଧିକ ହେଲେ ଟିଭି ପୋଡ଼ିଯିବାର ମଧ୍ୟ ଆଶଙ୍କା ରହିଥାଏ।

➔ଟିଭି ପାଖରେ କୌଣସି ଚୁମ୍ବକୀୟ ପଦାର୍ଥ ରହିଲେ ତାହା ଟିଭି ସ୍କ୍ରିନ୍‌ର ପିକ୍ସେଲକୁ ଖରାପ କରିଥାଏ। ଫଳରେ ରଙ୍ଗ ଖରାପ ହୋଇଥାଏ ଓ ସ୍କ୍ରିନ୍ ଉପରେ ଦାଗ ପଡ଼ିଯାଏ।

# ଶୀତରେ ପ୍ୟାକିଂ



**ଶୀତଦିନେ କୌଣସି ସ୍ଥାନକୁ ଯିବାର ଥିଲେ ସେଥିନିମନ୍ତେ କିଭଳି ପ୍ରସ୍ତୁତ ହେବେ ଜାଣନ୍ତୁ।**

❖ବାହାରକୁ ଯିବାର ଥିଲେ ପ୍ରଥମେ ନିଜର କ'ଣ ସବୁ ଆବଶ୍ୟକତା ରହିଛି ସେନେଇ ଏକ ତାଲିକା କରନ୍ତୁ। ଯଦି ସାଙ୍ଗରେ ଅନ୍ୟ କେହି ଯାଉଥାନ୍ତି ତେବେ ସେମାନଙ୍କର କ'ଣ ଦରକାର ସେସବୁର ତାଲିକା ବି କରନ୍ତୁ।

❖ଏଭଳି ଜିନିଷ ପ୍ୟାକିଂ କରନ୍ତୁ ଯେପରି ସେସବୁ ଷ୍ଟାଇଲିଶ୍ ହେବା ସହ ନେବା ସହଜ ହୋଇପାରିବ।

❖ କେବଳ ଆବଶ୍ୟକ ଜିନିଷ ହିଁ ନିଅନ୍ତୁ। ଫଳରେ ଓଭର ପ୍ୟାକିଂ ହେବ ନାହିଁ। ଯେଉଁ ସ୍ଥାନକୁ ଯାଉଛନ୍ତି ସେଠାକାର ଜଳବାୟୁ ଅନୁସାରେ କେଉଁ ସାମଗ୍ରୀ ଜରୁରୀ ସେସମ୍ପର୍କରେ ଜାଣନ୍ତୁ।

❖ ଲୁକ୍ ବଦଳାଇବା ପାଇଁ ଅଧିକ ପୋଷାକ ନେବା ବଦଳରେ ମଲ୍‌ଟି ଫଙ୍କସନାଲ ଗାର୍ମେଣ୍ଟ ପ୍ୟାକ୍ କରନ୍ତୁ।

❖ସୁପର ଷ୍ଟାଇଲିଶ୍ ଦେଖାଯିବା ପାଇଁ ଟ୍ରେଣ୍ଡି ଫ୍ୟାଶନେବଲ ଆସେସରିଜ୍ ଯେମିତିକି କ୍ୟାପ୍, ଜ୍ୟାକେଟ୍, ମଫଲର ଇତ୍ୟାଦି ନିଅନ୍ତୁ।

❖ସବୁ ପ୍ୟାକିଂ ସରିବା ପରେ ପୁଣି ଥରେ ଶେଷକୁ ଯାଞ୍ଚ କରାଇନିଅନ୍ତୁ।

**ସୌନ୍ଦର୍ଯ୍ୟ**

# ହେୟାର କେୟାର

**କେଶ ଝଡ଼ିବା ଆଜିକାଲି ଏକ ସାଧାରଣ ସମସ୍ୟା ହୋଇଯାଇଛି। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ...**



❖କେଶ ଝଡ଼ିବା ସମସ୍ୟା ଦୂରକରିବା ପାଇଁ ପିଆଜ ରସ ଭଲ କାମ ଦେଇଥାଏ। ପିଆଜ ରସରେ ସଲ୍‌ଫର ଅଛି ଯାହା କେଶ ବୃଦ୍ଧିକରିବା ସହ ନୂଆ କେଶ ଉଠିବାରେ ମଧ୍ୟ ସହାୟକ ହୋଇଥାଏ। ତେଣୁ ପିଆଜକୁ ବାଟି ତା'ର ରସ ବାହାରକରି କେଶ ମୂଳରେ ଓ ଚନ୍ଦା ହୋଇଥିବା ସ୍ଥାନରେ ଲଗାଇ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଶୁଖିଯିବା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୨ଥର ଏପରି କରନ୍ତୁ, କିଛିଦିନ ପରେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ନୂଆ କେଶ ଉଠିବ।

❖ ଅଁଳା ଖାଇଲେ କେଶର ବିଭିନ୍ନ ସମସ୍ୟା ଦୂରହୋଇଥାଏ। ତେବେ କେଶ ମଜଭୁତ କରିବାକୁ ଚାହୁଁଥିଲେ ଅଁଳାକୁ ଗୁଣ୍ଡକରି ନଡ଼ିଆ ତେଲରେ ମିଶାଇ କିଛି ସମୟ ଗରମ କରନ୍ତୁ। ଏହାକୁ ଥଣ୍ଡାକରି କେଶ ମୂଳରେ ଲଗାନ୍ତୁ। ସପ୍ତାହକୁ ୨ ଥର ଏପରି କଲେ ଧୀରେ ଧୀରେ କେଶ ଅଧିକ ମଜଭୁତ ହେବା ସହ କଳା ଓ ଘନ ହେବ।

❖କେଶ ନିମନ୍ତେ ଆଉ ଏକ ଭଲ ପୋଷଣ ହେଉଛି ଆଲୋଭେରା। କେଶ ଝଡ଼ିବା ସମସ୍ୟାକୁ ଏହା ବହୁ ପରିମାଣରେ କମ୍ କରିଥାଏ। ତେଣୁ ଏଲୋଭେରା ଜୁସ୍ ବାହାର କରି ସଙ୍ଗେ ସଙ୍ଗେ ଏହାକୁ କେଶମୂଳରେ ଲଗାନ୍ତୁ। ୧ ଘଣ୍ଟା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୩ଥର ଏପରି କରନ୍ତୁ, ଦେଖିବେ କିଛିଦିନ ପରେ କେଶ ସମସ୍ୟା ଦୂର ହୋଇଯିବ।



❖କେଶ ଯଦି ବହୁତ ଝଡୁଥାଏ ତେବେ କେମିକାଲ ଥିବା ପ୍ରଡକ୍ଟ ବେଶି ବ୍ୟବହାର କରନ୍ତୁ ନାହିଁ। ଏହା ସହ କେଶକୁ ଧୂଳି ଓ ପ୍ରଦୂଷଣରୁ ରକ୍ଷାକରନ୍ତୁ। ନିୟମିତ କେଶରେ ତେଲ ମାଲିସ କରନ୍ତୁ।

## ଅଠା ଛଡ଼ାଇବେ କେମିତି

➔ବେଳେବେଳେ କୌଣସି ଜିନିଷରେ ଫେବିକ୍ୱିକ୍ ଲଗାଇବା ସମୟରେ ତାହା ହାତରେ ଲାଗିଯାଇଥାଏ, ଯାହା ଛଡ଼ାଇବା କଷ୍ଟକର ହୋଇଥାଏ। ତେବେ ଏହି ଅଠା ଲାଗିଥିବା ସ୍ଥାନରେ କିଛି ଲୁଣ ଲଗାଇ ରଗଡ଼ନ୍ତୁ, କିଛି ସମୟ ପରେ ଛାଡ଼ିଯିବ।

➔ଫେବିକ୍ୱିକ୍ ଲାଗି ଆଙ୍ଗୁଠି ଲାଖିଯାଇଥିଲେ ସେହି ସ୍ଥାନରେ କିଛି ନେଲ୍ ରିମୁଭର ଲଗାଇ ୫ ମିନିଟ୍ ଯାଏ ଛାଡ଼ି ଦିଅନ୍ତୁ। ଏହାପରେ ଏକ କପଡ଼ାରେ ପୋଛି ଦିଅନ୍ତୁ।

➔ତ୍ୱଚାର କୌଣସି ସ୍ଥାନରେ ଏହା ଲାଗିଥିଲେ ସେହି ସ୍ଥାନରେ ଲେମ୍ବୁରସ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ କିଛି ସମୟ ଘଷି ଛଡ଼ାଇ ଦିଅନ୍ତୁ। ଏହା ବ୍ୟତୀତ ସାବୁନ ଲଗାଇ ଉଷୁମପାଣିରେ ଧୋଇଦିଅନ୍ତୁ। ସହଜରେ ଛାଡ଼ିଯିବ।

➔ବେକିଂ ସୋଡ଼ା ଓ ଭିନେଗାର ସହ ଲିକୁଇଡ୍ ଡିସ୍ ୱାଶ୍ ମିଶାଇ ରୋଷେଇଘରର ସ୍ଲାବ୍‌କୁ ସଫା କରନ୍ତୁ।

**ଖାଦ୍ୟରୁଚି**

# ସୁଜି କେକ୍

**ଆବଶ୍ୟକ ସାମଗ୍ରୀ–**

ସୁଜି– ଦେଢ଼ କପ୍, ଚିନି– ଅଧାକପ୍, ତେଲ କିମ୍ବା ଘିଅ– ଅଧା କପ୍, କ୍ଷୀର– ଦେଢ଼ କପ୍, ବେକିଂ ପାଉଡର– ୧ ଚାମଚ, ଆବଶ୍ୟକ ଅନୁସାରେ ପାଣି ଲୁଣ ଓ ଗୁଜୁରାତି।

**ପ୍ରସ୍ତୁତି ପ୍ରଣାଳୀ:–**

ପ୍ରଥମେ ସୁଜିକୁ ଗ୍ରାଇଣ୍ଡିଂକରି ରଖନ୍ତୁ। ଚିନିକୁ ମଧ୍ୟ ଗ୍ରାଇଣ୍ଡିଂ କରି ଏଥିରେ ମିଶାନ୍ତୁ। ଏବେ ଘିଅ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପରେ ଏଥିରେ ବେକିଂ ସୋଡ଼ା, ଲୁଣ, କ୍ଷୀର ଲୁଣ ଓ ଗୁଜୁରାତିକୁ ଏଥିରେ ପକାଇ ଭଲଭାବେ ଗୋଳାନ୍ତୁ। ମିଶ୍ରଣକୁ ଅଧିକ ପାଣିଆ କରନ୍ତୁ ନାହିଁ। ଏବେ ଏହାକୁ ଅଧଘଣ୍ଟା ପାଇଁ ଘୋଡ଼ାଇ ରଖିଦିଅନ୍ତୁ। ଏହାପରେ ମିଶ୍ରଣକୁ କେକ୍ ପାଇଁ ଥିବା ପାତ୍ରରେ ଢାଳି ସେଥିରେ କାଜୁବାଦାମ ପକାଇ ସଜାନ୍ତୁ। ଓଭାନ୍ ବଦଳରେ ଏହି କେକ୍‌କୁ ପ୍ରେସର କୁକରରେ କରିବାକୁ ଚାହୁଁଥିଲେ ପ୍ରଥମେ ପ୍ରେସର କୁକର ଗରମକରି ସେଥିରେ ଏକ ଷ୍ଟାଣ୍ଡ ରଖନ୍ତୁ। ୧୦ ମିନିଟ୍ ପରେ ପ୍ରେସର କୁକର ଗରମ ହେବା ପରେ କେକ୍ ପାତ୍ରକୁ ରଖି ବନ୍ଦ କରିଦିଅନ୍ତୁ। ତେବେ ବନ୍ଦ କରିବା ପୂର୍ବରୁ କୁକରର ହୁଇସଲ୍ ବାହାରକରି ରଖନ୍ତୁ। ଅଧଘଣ୍ଟା ପରେ କୁକରର ଢାଙ୍କୁଣୀ ବାହାରକରି ଦେଖନ୍ତୁ, ଯଦି କେକ୍ ହୋଇ ଯାଇଥାଏ ତେବେ ତାହାକୁ ଥଣ୍ଡା କରିବା ପରେ ବାହାର କରନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୧/୨୦୨୫ Bhubaneswar, Tuesday, November 11/ 2025

# ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି

## ଜୁନିୟର ମହିଳା ହକି ବିଶ୍ୱକପ୍

ନୂଆଦିଲ୍ଲୀ, ୧୦।୧୧

ଏଫ୍ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ଚିଲିର ସାଣ୍ଟିଆଗୋଠାରେ ଡିସେମ୍ବର ୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲକିପର ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ, ଡିଫେଣ୍ଡର ପୂଜା ସାହୁ ଓ ମିଡ୍ଫିଲ୍ଡର ସୁନେଲିତା ଟପ୍ପୋ। ଏଥର ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏହା ମଧ୍ୟରେ ୧୮ ଖେଳାଳି ଓ ୨ ଅଲଟରନେଟ୍ସ ସାମିଲ। ଜ୍ୟୋତି ସିଂ ଅଧିନାୟିକାଭାବେ ଅପରିବର୍ତ୍ତିତ ରହିଛନ୍ତି। ତୁଷାର ଖାଣ୍ଡକର ମୁଖ୍ୟ କୋଚ୍ ରହିଛନ୍ତି। ଭାରତ ପୁଲ୍ 'ସି'ରେ ଜର୍ମାନୀ, ଆୟର୍ଲାଣ୍ଡ ଓ ନାମ୍ବିୟା ସହିତ ସ୍ଥାନ ପାଇଛି। ଡିସେମ୍ବର ୧ରେ ନାମ୍ବିୟା ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ୩ରେ ଜର୍ମାନୀ ଏବଂ ୫ ତାରିଖରେ ଆୟର୍ଲାଣ୍ଡକୁ ଭେଟିବ। ପ୍ରତି ପୁଲ୍ର ଶୀର୍ଷ ଦଳଗୁଡ଼ିକ ନକ୍ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏହା ଡିସେମ୍ବର ୭ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଦଳ ଚୟନ ସମ୍ପର୍କରେ ମତଦେଇ ମୁଖ୍ୟ କୋଚ୍ ତୁଷାର ଖାଣ୍ଡକର କହିଛନ୍ତି ଯେ, ଦଳ ଚୟନ ଏବଂ ବର୍ତ୍ତମାନର ପ୍ରଦର୍ଶନକୁ ନେଇ ମୁଁ ସନ୍ତୁଷ୍ଟ। ହକିରେ ଶୃଙ୍ଖଳା ରକ୍ଷା କରାଯିବା ନୀତିରେ ମୁଁ ବିଶ୍ୱାସ କରେ। ଦଳ ଗଠନ ସମୟରେ ମୁଁ ଏହାକୁ ଲକ୍ଷ୍ୟରେ ରଖିଛି। ଟ୍ରେନିଂ ସମୟରେ ରକ୍ଷଣଭାଗ ଏବଂ ବିପକ୍ଷ ଦଳର ସ୍କୋରିଂ ଅଞ୍ଚଳ ନିକଟରେ ଫିନିସିଂ ଉପରେ ଆମେ କଠିନ ପରିଶ୍ରମ କରିଛୁ। ଗତ କିଛି ମାସ ମଧ୍ୟରେ ଆମ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି। ବିଶ୍ୱକପରେ ଶ୍ରେଷ୍ଠ ପ୍ରଦର୍ଶନ ଆମର ଲକ୍ଷ୍ୟ। **ଭାରତୀୟ ଦଳ:** ଗୋଲକିପର୍ସ: ନିଧି, ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ। ଡିଫେଣ୍ଡର୍ସ: ମନୀଷା, ଲାଲଥାନଲୁଆଲାଙ୍ଗି, ସାକ୍ଷୀ ଶୁକ୍ଳା, ପୂଜା ସାହୁ, ନନ୍ଦିନୀ। ମିଡ୍ଫିଲ୍ଡର୍ସ: ସାକ୍ଷୀ ରାଣା, ଇଶିକା, ସୁନେଲିତା ଟପ୍ପୋ, ଜ୍ୟୋତି ସିଂ, ଖଇଦେମ ଶିଲେଇମା ଚାନୁ, ବିନିମା ଧନ। ଫରୱାର୍ଡ୍ସ: ସୋନମ, ପୂର୍ଣ୍ଣିମା ଯାଦବ, କନିକା ସିୱାଚ, ହିନା ବାନୋ, ସୁଖବୀର କୌର। ଅଲ୍ଟରନେଟ ପ୍ଲେୟର୍ସ: ପ୍ରିୟଙ୍କା ଯାଦବ, ପାର୍ବତୀ ଟପ୍ପୋ।


ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ


ପୂଜା ସାହୁ


ସୁନେଲିତା ଟପ୍ପୋ

# ଓଡ଼ିଶା ସମ୍ମୁଖରେ ୩୪୫ ବିଜୟ ଲକ୍ଷ୍ୟ

## ରଣ୍ଜୀ ଟ୍ରଫି

ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)

ନାଗପୁରରେ ଚାଲିଥିବା ରଣ୍ଜୀ ଟ୍ରଫି ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ବିଦର୍ଭ ଭ୍ରମଣକାରୀ ଓଡ଼ିଶା ସମ୍ମୁଖରେ ୩୪୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସୋମବାର ତୃତୀୟ ଦିବସ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୪୪ ରନ ସଂଗ୍ରହ କରିଛି। ଅର୍ଥାତ୍ ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ମଙ୍ଗଳବାର ଅନ୍ତିମ ଦିବସରେ ଓଡ଼ିଶା ବିଜୟ ପାଇଁ ଆଉ ୩୦୧ ରନ ଆବଶ୍ୟକ କରୁଛି। ଚଳିତ ସିଜନରେ ଏପର୍ଯ୍ୟନ୍ତ ଓଡ଼ିଶା ଦଳର ପ୍ରଦର୍ଶନ ଦୃଷ୍ଟିରୁ ଏହା କଷ୍ଟସାଧ ମନେ ହେଉଥିଲେ ହେଁ ଅସମ୍ଭବ ନୁହେଁ। ଅନ୍ତିମ ଦିବସରେ ସେସନ ଭିତ୍ତିରେ କିଭଳି ଖେଳିବାକୁ ହେବ ସେଥିନେଇ ଟିମ୍ ମ୍ୟାନେଜମେଣ୍ଟକୁ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଟାର୍ଗେଟ ଚେଜ୍ କରି ନ ପାରିଲେ ମଧ୍ୟ ଓଡ଼ିଶା ଯଦି ଦିନସାରା ଖେଳିପାରିବ ତେବେ ମ୍ୟାଚକୁ ଡ୍ର ରଖି ୧ ପଏଣ୍ଟ ପାଇପାରିବ। ଅପରାଜିତ ଥିବା ଦୁଇ ଓପନର ସ୍ୱସ୍ତିକ ସାମଲ (୨୫ ରନ) ଓ ଗୌରବ ଚୌଧୁରୀ (୧୭)ଙ୍କୁ ବଡ଼ ପାର୍ଟନରଶିପ୍ ଗଢ଼ିବାକୁ ହେବ। ପ୍ରଥମ ଇନିଂସରେ ବିଦର୍ଭ ୨୮୬ ରନ କରିଥିବାବେଳେ ଓଡ଼ିଶା ୧୬୦ ରନରେ ଅଲ୍ଆଉଟ ହୋଇଛି। ବିଦର୍ଭ ଏହାର ଦ୍ୱିତୀୟ ଇନିଂସକୁ ୨୧୮/୨ରେ ଘୋଷଣା କରିଛି।

### ବିଦର୍ଭ ଇନିଂସ ଅଗ୍ରଣୀ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୨୨/୬ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୩୮ ରନ ଯୋଗକରି ଅବଶିଷ୍ଟ ୪ ଉଇକେଟ ହରାଇଥିଲା। ପୂର୍ବଦିନ ଅପରାଜିତ ରହିଥିବା ସମ୍ବିତ ବରାଳ ୨୯ରନ କରିଥିବାବେଳେ ଅନ୍ୟ କୌଣସି ଶେଷଭାଗ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଦର୍ଭ ପକ୍ଷରୁ ଗୌରବ ଫର୍ଦେ ୪ଟି, ପାର୍ଥ ରେଖାଦେ ୩ଟି ଏବଂ ନଚିକେତ ଭୁଟେ, ପ୍ରଫୁଲ ହିଙ୍ଗେ ଓ ୟଶ କଦମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏଥିସହ ବିଦର୍ଭ ପ୍ରଥମ ଇନିଂସରେ ୧୨୬ ରନରେ ଅଗ୍ରଣୀଲାଭ କରିଥିଲା।

### ଅମନ ଓ ଧ୍ରୁବଙ୍କ ଶତକ

ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଅଥର୍ବ ତାଇଦେ ମାତ୍ର ୧୬ ରନରେ ପ୍ରଥମ ଉଇକେଟ ହରାଇଥିଲା। ମାତ୍ର ଅମନ ମୋଖାଦେ ଓ ଧ୍ରୁବ ଶୋରେ ଶତକ ହାସଲ କରିବା ସହ ଦ୍ୱିତୀୟ ଉଇକେଟରେ ୧୯୯ ରନର ଭାଗୀଦାରି ଗଢ଼ି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଧ୍ରୁବ ୧୦୧ ରନକରି ଆଉଟ ହୋଇଥିବାବେଳେ ଅମନ ୧୦୧ ରନରେ ଅପରାଜିତ ରହିଥିବାବେଳେ ଅଧିନାୟକ ଅକ୍ଷୟ ୱାଦକର ଇନିଂସ ଘୋଷଣା କରିଥିଲେ। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୨ଟି ଯାକ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୨୮୬। ଓଡ଼ିଶା ପ୍ରଥମ ଇନିଂସ: ୧୬୦/ଅଲଆଉଟ (ଶୁଭ୍ରାଂଶୁ ସେନାପତି-୪୧, ଗୌରବ ଫର୍ଦେ-୪/୨୮, ପାର୍ଥ ରେଖାଦେ-୩/୩୧, ନଚିକେତ ଭୁଟେ-୧/୩୨, ପ୍ରଫୁଲ୍ଲ ହିଙ୍ଗେ-୧/୩୭, ୟଶ କଦମ-୧/୨୬)। ବିଦର୍ଭ ଦ୍ୱିତୀୟ ଇନିଂସ: ୨୧୮/୨/ଘୋଷଣା (ଅକ୍ଷୟ ମୋଖାଦେ-୧୦୧*, ଧ୍ରୁବ ଶୋରେ-୧୦୧, ବାଦଲ ବିଶ୍ୱାଳ-୨/୮୩)। ଓଡ଼ିଶା ଦ୍ୱିତୀୟ ଇନିଂସ: ୪୪/୦।

# କ୍ୟାରମ, ଚେସ୍, ବ୍ୟାଡ୍ମିଣ୍ଟନରେ ଓଡ଼ିଶାର ଭଲ ପ୍ରଦର୍ଶନ



ଭବିଷ୍ୟନିଧି ଜୋନାଲ ଇନ୍ଡୋର ମିଟ୍ ଉଦ୍ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ଭବିଷ୍ୟନିଧି ଜୋନାଲ ଇନ୍ଡୋର ମିଟ୍ ଉଦ୍ଯାପିତ

ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)

ଇପିଏଫ୍ଓ (କର୍ମଚାରୀ ଭବିଷ୍ୟନିଧି ପାଣ୍ଠି) ଆନୁକୂଲ୍ୟରେ ଭବିଷ୍ୟନିଧି ଜୋନାଲ ଇନ୍ଡୋର ଟୁର୍ନାମେଣ୍ଟ ସୋମବାର ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍ଡୋର ହଲ୍ରେ ଉଦ୍ଯାପିତ ହୋଇଛି। ବ୍ୟାଡ୍ମିଣ୍ଟନ, ଟେବୁଲ ଟେନିସ, କ୍ୟାରମ ଓ ଚେସ୍ ଆଦି ୪ କ୍ରୀଡ଼ାର ସର୍ବଭାରତୀୟ ଯୋଗ୍ୟତା ପାଇଁ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଉତ୍ତରପୂର୍ବାଞ୍ଚଳ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରିଜିଓନାଲ ପିଏଫ୍ କମିଶନର-୧ ବିଜୟ କୁମାର ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ଇପିଏଫ୍ଓର ଅନ୍ୟ ସିନିୟର ଅଫିସରମାନେ ଉପସ୍ଥିତ ଥିଲେ। ଆଞ୍ଚଳିକ ପିଏଫ୍ କମିଶନର-୧ ରାଜର୍ଷି ଚକ୍ମା ଓଡ଼ିଶା ରିଜିଓନାଲ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡର ବିବରଣୀ ପାଠ କରିଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ସରନଜିତ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଧିକାଂଶ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଥିଲେ। ମହିଳା ଚେସ୍ରେ ଅଳକା ସିହ୍ନା, କ୍ୟାରମ ସିଙ୍ଗଲ୍ସରେ ଆଶାଲତା ସାହାଣି, କ୍ୟାରମ ଡବଲ୍ସରେ ଆଶାଲତା ଓ ପ୍ରଜ୍ଞାଶ୍ରୀ ରଥ, ବ୍ୟାଡ୍ମିଣ୍ଟନ ସିଙ୍ଗଲ୍ସରେ ଆଶାଲତା ସାହାଣୀ, ବ୍ୟାଡ୍ମିଣ୍ଟନ ଡବଲ୍ସରେ ଆଶାଲତା ଓ ପ୍ରଜ୍ଞାଶ୍ରୀ ଟ୍ରଫି ହାସଲ ସହ ସର୍ବଭାରତୀୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ପୁଣେରେ ୨୦୨୬ ଜାନୁଆରୀରେ ଅନୁଷ୍ଠିତ ହେବ। ଅନ୍ୟ ଅତିଥିଙ୍କ ମଧ୍ୟରେ ରିଜିଓନାଲ ପିଏଫ୍ କମିଶନର ସୁର୍ଜିତ କୁମାର, ଦାଶରଥି ନାଗ ଓ ଆବେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ରିଜିଓନାଲ ପିଏଫ୍ କମିଶନର-୨ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍ଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁ ଉଦ୍ଯାପନୀ ଉତ୍ସବକୁ ସଂଯୋଜନା କରିଥିଲେ।

# ଡୋପ୍ ଟେଷ୍ଟ ନୋଟିସ ପରେ ଆଥଲେଟ୍ ପାଳନ କରିବାକୁ ବାଧ୍ୟ

**ନୂଆଦିଲ୍ଲୀ, ୧୦।୧୧(ପି.ଟି.):** ଟ୍ରାକ ଓ ଫିଲ୍ଡର ଆଣ୍ଟି-ଡୋପିଂ ୱାଚଡଗ୍ ଆଥ୍ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ ସୋମବାର ଭାରତୀୟ ଲଙ୍ଗ ଡିଷ୍ଟାନ୍ସ ରନର ବର୍ଷା ଟେକାମଙ୍କୁ ୩ ବର୍ଷ ଲାଗି ବାସନ୍ଦ କରାଯାଇଥିବା ଘଟଣାର ପୁନଃ ସମୀକ୍ଷା କରିଛି। ଏଥିସହିତ ଯଦି କୌଣସି ଆଥଲେଟ୍ଙ୍କୁ ଡୋପିଂ ଟେଷ୍ଟ ଲାଗି ସୂଚିତ କରାଯାଏ, ତେବେ ତାଙ୍କୁ ପାଳନ କରିବାକୁ ପଡ଼ିବ ବୋଲି କୁହାଯାଇଛି। ଗତ ବର୍ଷ ପୁଣେ ହାଫ ମାରାଥନରେ ତୃତୀୟ ସ୍ଥାନ ଅଧିକାର କରିଥିବା ବର୍ଷାଙ୍କୁ ଏକ ଡୋପ ଟେଷ୍ଟରୁ ପଳାୟନ କାରଣରୁ ଗତ ଜୁନ ୫ ତାରିଖରେ ଏଆଇୟୁ ପକ୍ଷରୁ ୩ ବର୍ଷ ଲାଗି ବ୍ୟାନ କରାଯାଇଥିଲା। ବର୍ଷା ଗତ ବର୍ଷ ଡିସେମ୍ବର ୧୫ରେ ହାଫ ମାରାଥନରେ ତୃତୀୟ ସ୍ଥାନ ଅଧିକାର କରିବା ପରେ ତାଙ୍କୁ ଟେଷ୍ଟିଂ ଲାଗି ଚୟନ କରାଯାଇଥିବା ଜଣେ ଡୋପିଂ କଣ୍ଟ୍ରୋଲ ଅଫିସର (ଡିସିଓ) ଜଣାଇଥିଲେ। ବିଜୟ ଉତ୍ସବ ଲାଗି ଅପେକ୍ଷା କରୁଥିବା ବେଳେ ପାଣି ଆଣିବାକୁ ଯାଉଥିବା କହି ବର୍ଷା ଦର୍ଶକଙ୍କ ମଧ୍ୟକୁ ଚାଲି ଯାଇଥିଲେ ଏବଂ ଫେରି ନ ଥିଲେ।

# ଢାକା ଯିବାକୁ ମନାକଲେ ମୁଖ୍ୟ କୋଚ୍

## ପାକିସ୍ତାନ ହକିରେ ବିବାଦ

କରାଚୀ, ୧୦।୧୧ (ପି.ଟି.)


ତାହିର ଜମାନ

ପାକିସ୍ତାନ ହକିରେ ବିବାଦ ଦେଖାଦେଇଛି। ପୁରୁଷ ହକି କୋଚ୍ ତାହିର ଜମାନ ଏକ ୩ ମ୍ୟାଚ ବିଶିଷ୍ଟ ସିରିଜ ଲାଗି ଢାକା ନ ଯିବା ଲାଗି ରୋକ୍ଠୋକ୍ ମନାକରି ଦେଇଛନ୍ତି। ଖେଳାଳି ଚୟନ କ୍ଷେତ୍ରରେ ପାକିସ୍ତାନ ହକି ମହାସଂଘ (ପିଏଚ୍ଏଫ୍)ର ହସ୍ତକ୍ଷେପକୁ ନାପସନ୍ଦ କରି ସେ ଏହି ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନ ଦଳ ଅନ୍ୟତମ ସେଲିବ୍ରିଟି ତଥା ପୂର୍ବତନ ଅଲିମ୍ପିଆନଙ୍କୁ ସାଥିରେ ନ ନେଇ ରବିବାର ଟୁର୍ନାମେଣ୍ଟ ଅଭିମୁଖେ ଗସ୍ତ କରିଛନ୍ତି। ପାକିସ୍ତାନ ହକି ଦଳରେ ଶେଷ ମୁହୂର୍ତ୍ତରେ ଜଣେ ଖେଳାଳିଙ୍କୁ ସାମିଲ କରାଯାଇଥିଲା। ତାହିରଙ୍କ ଦ୍ୱାରା ଏହା ଗୃହୀତ ହୋଇ ନ ଥିଲା। ପାକିସ୍ତାନ ହକି ମହାସଂଘ ସମ୍ପାଦକ ରାଣା ମୁଜାହିଦ କହିଛନ୍ତି, ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ମାମଲାର ସମାଧାନ ଖୁବ୍ଶୀଘ୍ର ହେବ। ତାହିରଙ୍କ କହିବାର କଥା ହେଲା, ଇସ୍ଲାମାବାଦରେ ଆୟୋଜିତ ତାଲିମ ଶିବିରକୁ ରାଣା ୱାହିଦ ଓ ହମାଦ ଅଞ୍ଜୁମ ନାମକ ଖେଳାଳି ବିଳମ୍ବରେ ଆସିଥିବାରୁ ଖେଳାଳିଙ୍କୁ ଜାତୀୟ ଦଳରେ ସ୍ଥାନ ଦିଆଯିବା ଉଚିତ ନୁହେଁ। ରାଣା କହିଛନ୍ତି, ତାହିର ଶେଷ ମୁହୂର୍ତ୍ତରେ ଦଳ ସହିତ ଢାକା ନ ଯିବା ଲାଗି ନିଷ୍ପତ୍ତି ନେଇଥିଲେ। ପାକିସ୍ତାନକୁ ବିଶ୍ୱକପ୍ କ୍ୱାଲିଫାୟର୍ସରେ ସୁଯୋଗ ଦେବା ପାଇଁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ତରଫରୁ ଢାକାରେ ଏକ ୩ ମ୍ୟାଚ ବିଶିଷ୍ଟ ସିରିଜର ଆୟୋଜନ କରାଯାଇଛି। ଅଗଷ୍ଟ-ସେପ୍ଟେମ୍ବରରେ ଭାରତରେ ଅନୁଷ୍ଠିତ ଏସିଆ କପ ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାୟର ବିବେଚନା କରାଯାଉଥିଲା। ମାତ୍ର ପାକିସ୍ତାନ ଭାରତକୁ ଏହାର ଦଳ ପଠାଇ ନ ଥିଲା। ତାହିରଙ୍କ ନିକଟତମ ମହଲରୁ ପ୍ରକାଶ ଯେ, ଦଳ ବ୍ୟାପାରରେ କୋଚ୍ ହିଁ ସର୍ବେସର୍ବା ଏକଥା ଯେପର୍ଯ୍ୟନ୍ତ ଖେଳାଳିମାନଙ୍କ ମନରେ ଧାରଣା ସୃଷ୍ଟି ନ ହୋଇଛି ସେ ପର୍ଯ୍ୟନ୍ତ ଦଳର ପ୍ରଦର୍ଶନରେ ଉନ୍ନତି ସମ୍ଭବ ନୁହେଁ ବୋଲି ଅଲିମ୍ପିଆନ ଜଣକ ମନେକରନ୍ତି। ରାଣା କହିଛନ୍ତି, ପୂର୍ବ ପ୍ରତିଶ୍ରୁତି ଅନୁସାରେ ଅତି କମ୍ରେ ୧୦ଜଣ ଖେଳାଳି ବିଳମ୍ବରେ କ୍ୟାମ୍ପରେ ଯୋଗଦେଇଥିଲେ। ପିଏଚ୍ଏଫ୍ ସେମାନଙ୍କୁ ଆର୍ଥିକ ଜରିମାନାରେ ଦଣ୍ଡିତ ପାଇଁ ରାଜି ହୋଇଯାଇଥିଲା। ପିଏଚ୍ଏଫ୍ ସମ୍ପାଦକ ଏକଥା ମଧ୍ୟ କହିଛନ୍ତି ଯେ, ଦଳର ମ୍ୟାନେଜର ମହମ୍ମଦ ଉସ୍ମାନ ବାଂଲାଦେଶରେ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇପାରିବାର ସାମର୍ଥ୍ୟ ରହିଛି। ରାଣା ଆହୁରି କହିଛନ୍ତି, ତାହିରଙ୍କ ସହିତ ଏହି ମାମଲାର ଯଦି ସମାଧାନ ନ ହୁଏ ତେବେ ମହାସଂଘ ବିଦେଶୀ କୋଚ୍ ଆଣିବା ଲାଗି ଚେଷ୍ଟା କରିବ।

# ଦକ୍ଷିଣ ଆଫ୍ରିକା ଦଳରେ ଯୋଗଦେଲେ ବଭୁମା

କୋଲକାତା, ୧୦।୧୧ (ପି.ଟି.)

ଇଡେନଗାର୍ଡେନ୍ସଠାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ପ୍ରଥମ କ୍ରିକେଟ ଟେଷ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା ସୋମବାର ସକାଳେ ଶେଷ ଖେଳାଳି ଭାବେ ତାଙ୍କ ଦଳ ସହିତ ଯୋଗଦେଇଛନ୍ତି। ବଭୁମା ବେଙ୍ଗାଲୁରୁରେ ତାଙ୍କ ଦେଶର 'ଏ' ଦଳ ସହିତ ଭାରତ 'ଏ' ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଅନ୍ଅଫିସିଆଲ ଟେଷ୍ଟ ସିରିଜ ଖେଳୁଥିଲେ। ଦକ୍ଷିଣ ଆଫ୍ରିକା ଦଳର ପ୍ରଥମ ବ୍ୟାଚ ଏଠାରେ ରବିବାର ସକାଳେ ଆସି ପହଞ୍ଚିଥିଲେ। ଏମାନଙ୍କ ମଧ୍ୟରେ ମୁଖ୍ୟ କୋଚ୍ ସୁକ୍ରି କୋନାର୍ଡଙ୍କ ସମେତ ଦୁଇ ପେସ୍ ବୋଲର କାଗିସୋ ରାବାଡା ଓ ମାର୍କୋ ଜାନସେନ ଅନ୍ୟତମ। ଏମାନେ ପାକିସ୍ତାନ ବିପକ୍ଷ ହ୍ୱାଇଟ ବଲ୍ ସିରିଜ ଖେଳୁଥିଲେ। ବଭୁମା ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳି ନ ଥିଲେ। ତେବେ ବେଙ୍ଗାଲୁରୁଠାରେ ଭାରତ 'ଏ' ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ ଟେଷ୍ଟରେ ସେ ଖେଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ରିଚା ଘୋଷ୍ଙ୍କ ନାମରେ ହେବ ଷ୍ଟାଡିୟମ

**କୋଲକାତା, ୧୦।୧୧:** ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟା ରିଚା ଘୋଷଙ୍କ ନାମରେ ଷ୍ଟାଡିୟମ ନିର୍ମାଣ କରାଯିବ। ରାଜ୍ୟ ସରକାର ସିଲିଗୁଡ଼ିରେ ଏହି ଷ୍ଟାଡିୟମ ନିର୍ମାଣ କରିବେ ଏବଂ ଷ୍ଟାଡିୟମର ନାମ ରିଚା କ୍ରିକେଟ୍ ଷ୍ଟାଡିୟମ ରଖାଯିବ। ଏ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସାମବାର ଘୋଷଣା କରିଛନ୍ତି। ଉତ୍ତର ବେଙ୍ଗଲସ୍ଥିତ ସିଲିଗୁଡ଼ିରେ ୨୨ ବର୍ଷୀୟା ରିଚାଙ୍କ ଘର।

'ଚାନ୍ଦମନି ଟି ଇଷ୍ଟେଟରେ ୨୭ ଏକର ଜମିରେ ରିଚା କ୍ରିକେଟ ଷ୍ଟାଡିୟମ୍ ନିର୍ମାଣ କରାଯିବ। ରିଚାଙ୍କୁ ସମ୍ମାନିତ କରିବାର ଏହା ଏକ ଉପାୟ। ରିଚା ବେଙ୍ଗଲର ଚମକୁ ଥିବା କ୍ରୀଡ଼ା ପ୍ରତିଭା ଓ ସେ ଉତ୍ତର ବେଙ୍ଗଲରୁ ଆସୁଥିବା ଅନେକ ଯୁବା କ୍ରିକେଟର୍ସଙ୍କୁ ପ୍ରେରଣା ଦେଇଛନ୍ତି' ବୋଲି ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି। ଏଥିପୂର୍ବରୁ ରିଚାଙ୍କୁ ଶନିବାର ବଂଗ ଭୂଷଣ ସମ୍ମାନରେ ସମ୍ମାନିତ କରାଯିବା ଡିଏସ୍ପି ପଦବୀ ଦିଆଯାଇଥିଲା।

# ଏଆଇପିଏନ୍ବିଓଏର ଜୋନାଲ ସ୍ପୋର୍ଟ୍ସ ମିଟ୍ ଉଦ୍ଯାପିତ



ଉଦ୍ଯାପନୀରେ ଉପସ୍ଥିତ କର୍ମକର୍ତ୍ତା।

ଭୁବନେଶ୍ୱର, ୧୦।୧୧(ଅନାଦି କର)

ବାଲେଶ୍ୱରସ୍ଥିତ ଏଫ୍ଏମ୍ ୟୁନିଭର୍ସିଟି ଗ୍ରାଉଣ୍ଡରେ ଚାଲିଥିବା ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ(ଏଆଇପିଏନ୍ବିଓଏ)ର ଓଡ଼ିଶା ଜୋନର ଷଷ୍ଠ ଜୋନାଲ ସ୍ପୋର୍ଟ୍ସ ମିଟ୍ ଉଦ୍ଯାପିତ ହୋଇଯାଇଛି। ଓଡ଼ିଶାର ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର ଆଦି ୫ଟି ସର୍କଲର କର୍ମଚାରୀମାନେ ଏଥିରେ ଭାଗ ନେଇଥିଲେ। ଉଦ୍ଯାପନୀ ଉତ୍ସବରେ ବ୍ୟାଙ୍କର ଭୁବନେଶ୍ୱରର ଆଞ୍ଚଳିକ ପ୍ରବନ୍ଧକ ଭୂଷଣ ଶର୍ମା ଭୂଷଣ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ସର୍କଲର ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, କଟକ ସର୍କଲର ମୁଖ୍ୟ ସୁଜିତ ନେଗି, ବାଲେଶ୍ୱର ସର୍କଲର ମୁଖ୍ୟ ବିଶ୍ୱଜିତ ବିଶ୍ୱାଳ ଓ ବ୍ରହ୍ମପୁର ସର୍କଲର ମୁଖ୍ୟ ପ୍ରତାପ ବୈରୀଗଞ୍ଜନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଆଇପିଏନ୍ବିଓଏର ସାଧାରଣ ସମ୍ପାଦକ ତଥା ଏଆଇବିଓସିର ରାଜ୍ୟ ସଭାପତି ବୈଲୋଚନ ସାହୁଙ୍କ ସମେତ ସମସ୍ତ ୫ଟି ସର୍କଲର ସମ୍ପାଦକ, ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆବୁଧାବିରେ ହୋଇପାରେ ଆଇପିଏଲ ମିନି ଅକ୍ସନ

**ନୂଆଦିଲ୍ଲୀ, ୧୦।୧୧:** ଆଗାମୀ ଆଇପିଏଲ ଲାଗି ଡିସେମ୍ବର ତୃତୀୟ ସପ୍ତାହରେ ଆବୁଧାବିଠାରେ ମିନି ଅକ୍ସନ ହୋଇପାରେ। ଏହି ଇଭେଣ୍ଟ ଲାଗି ବିସିସିଆଇ ପକ୍ଷରୁ ଡିସେମ୍ବର ୧୫ ଓ ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି। ଗତ ଦୁଇ ବର୍ଷ ହେଲା ମିନି ଅକ୍ସନ ବିଦେଶରେ ଆୟୋଜିତ ହେଉଛି। ଚଳିତବର୍ଷ ସୌଦି ଆରବର ଜେଦ୍ଦାଠାରେ ହୋଇଥିଲା। ଆସନ୍ତା ୧୫ ସୁଦ୍ଧା ଆଇପିଏଲ୍ର ସମସ୍ତ ଫ୍ରାଞ୍ଚାଇଜ ରିଟେନଶନ ତାଲିକା ଦେବେ।

# ହର୍ଷିତ୍, ନିନିଶା, ସୌମ୍ୟଜିତଙ୍କୁ ଏକାଧିକ ଟାଇଟଲ

## ରାଜ୍ୟ ସବ୍ଜୁନିୟର ବ୍ୟାଡ୍ମିଣ୍ଟନ ଉଦ୍ଯାପିତ

ଭୁବନେଶ୍ୱର, ୧୦।୧୧ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ବ୍ୟାଡ୍ମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ରାଜ୍ୟ ସବ୍ଜୁନିୟର (୧୫ ଓ ୧୭ ବର୍ଷରୁ କମ୍) ବ୍ୟାଡ୍ମିଣ୍ଟନ ଚାମ୍ପିୟନଶିପ୍ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ବହୁମଖୀ ଇନ୍ଡୋର ଷ୍ଟାଡିୟମରେ ସୋମବାର ଉଦ୍ଯାପିତ ହୋଇଛି। ୧୫ ବର୍ଷରୁ କମ୍ ବାଳକ ବିଭାଗରେ ହର୍ଷିତ ପ୍ରିୟଦର୍ଶୀ ବେହେରା ତ୍ରିମୁକୁଟ ଲାଭ କରିଥିବା ବେଳେ ଏହି ବୟସ ବର୍ଗର ବାଳିକା ବିଭାଗରେ ନିମିଶା ଓଝାଙ୍କୁ ଦ୍ୱିମୁକୁଟ ମିଳିଛି। କଟକର ହର୍ଷିତ ସମ୍ବଲପୁରର ଅୟଙ୍କ କୁମାର ସାହୁଙ୍କୁ ସିଙ୍ଗଲ୍ସ ଫାଇନାଲରେ ୨୧-୧୧, ୧୬-୨୧ ଓ ୨୧-୧୬ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଠିକ୍ ସେହିପରି ଡବଲ୍ସ ବିଭାଗରେ ହର୍ଷିତ ନିଜ ସାଥୀ ଖେଳାଳି ଅୟଙ୍କ କୁମାର ସାହୁ କୋରାପୁଟ-ବଲାଙ୍ଗୀର ଯୋଡ଼ି ନିତେଶ ପଟ୍ଟନାୟକ ଏବଂ ସାଇ ଚନ୍ଦନ ମହାନ୍ତି ଯୋଡ଼ିଙ୍କୁ ୨୩-୨୫, ୨୧-୧୬ ଓ ୨୧-୧୩ରେ ହରାଇଛନ୍ତି। ମିକ୍ସଡ୍ ଡବଲ୍ସ ବିଭାଗରେ ମଧ୍ୟ ଆଦ୍ୟାଶା ମହନ୍ତଙ୍କୁ ସାଥୀ କରି ହର୍ଷିତ ସମ୍ବଲପୁର-ନୂଆପଡ଼ା ଯୋଡ଼ି ଅୟଙ୍କ ସାହୁ ଓ ମୁସ୍କାନ ପଣ୍ଡାଙ୍କୁ ୨୧-୧୫, ୧୮-୨୧, ୨୧-୧୬ ସେଟରେ ହରାଇ ୩ ଟାଇଟଲ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳକ ସିଙ୍ଗିଲ୍ସରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ନିଜ ଜିଲାର ବାପୁନ ରାଉତଙ୍କୁ ୨୧-୧୩, ୨୧-୧୭ରେ ହରାଇ ଚାମ୍ପିୟନ ହୋଇଛନ୍ତି। ମିକ୍ସଡ ଡବଲ୍ସରେ ସୌମ୍ୟଜିତ ଭଦ୍ରକର ଜେସିକା ସାହୁଙ୍କୁ ସାଥୀ କରି କଟକ ଓ ସୁନ୍ଦରଗଡ଼ ଯୋଡି ଅଂଶୁମାନ ସିଂ ଓ ଅଂଶିକା ବିରୋକଙ୍କୁ ୨୧-୧୮, ୨୧-୧୪ରେ ହରାଇଛନ୍ତି। ଖୋର୍ଦ୍ଧା ଖେଳାଳି ନିମିଶା ଓଝା ୧୫ ବର୍ଷରୁ କମ୍ ବାଳିକା ଫାଇନାଲରେ କଟକ ଖେଳାଳି ସ୍ୱାତୀ ନାୟକଙ୍କୁ ୨୧-୧୬, ୧୮-୨୧ ଓ ୨୧-୧୫ ରେ ପରାସ୍ତ କରିଛନ୍ତ। ବାଳିକା ଫାଇନାଲରେ ମଧ୍ୟ ନିମିଶା ଓ ସ୍ୱାତୀ ନାୟକ ଯୋଡ଼ି ଭଦ୍ରକ ଓ ଯାଜପୁର ଯୋଡ଼ି ବୁଡୁପୁ ଲକ୍ଷ୍ମୀ ରେଡ୍ଡୀ ଓ ରିତିକା ଦାଶଙ୍କୁ ୨୧-୪ ଓ ୨୧-୯ରେ ହରାଇଛନ୍ତି। ୧୭ ବର୍ଷରୁ କମ୍ ବାଳିକା ଫାଇନାଲରେ କଟକର ସ୍ୱାତୀ ନାୟକ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ୨୧-୧୭, ୧୮-୨୧ ଓ ୨୧-୮ରେ ପରାସ୍ତ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ଡବଲ୍ସରେ ଖୋର୍ଦ୍ଧା-ସମ୍ବଲପୁର ଯୋଡ଼ି ବାପୁନ ରାଉତ ଓ ଜୟକୃଷ୍ଣ ଗର୍ଡିଆ ଖୋର୍ଦ୍ଧା-ଢେଙ୍କାନାଳ ଯୋଡ଼ି ସୌମ୍ୟଜିତ ସାହୁ ଓ ବିଭୁଦତ୍ତ ବିଶ୍ୱାଳଙ୍କୁ ୨୧-୧୮, ୨୨-୨୦ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସମ୍ପାଦକ ନଳିନ କୁମାର, ଆୟୋଜନ କମିଟି ସମ୍ପାଦକ କମଳ ଦାଶ ଓ ଅଜିତ ମହାନ୍ତି, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଶିଭମ୍ ଅଗ୍ରୱାଲ, କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଶୁଭମ୍ ନାୟକ, ମୁଖ୍ୟ ରେଫରି ରୀତା ଦାଶ, ସଂଯୋଜକ ଜୟ ପ୍ରକାଶ ଜେନା ଓ ତାରାକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ସବ୍ଜୁନିୟର ବ୍ୟାଡ୍ମିଣ୍ଟନରେ ପୁରସ୍କାର ଲାଭ କରିଥିବା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ